# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, September 16/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 292 | ମୂଲ୍ୟ ₹୭/-


# ବନ୍ତାରାକୁ ମିଳିଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଲିନ୍‌ଚିଟ୍, ମାମଲା ଖାରଜ

**ମାନହାନି ମକଦ୍ଦମା କରିବା ପାଇଁ ବନ୍ତାରା ସ୍ୱାଧୀନ - ସର୍ବୋଚ୍ଚ ନ୍ୟାୟାଳୟ**

**ବନ୍ତାରାର କାର୍ଯ୍ୟକଳାପକୁ ନେଇ ଏସ୍ଆଇଟି ସନ୍ତୁଷ୍ଟ**





**ନୂଆଦିଲ୍ଲୀ, ୧୫ ସେପ୍ଟେମ୍ବର, ୨୦୨୫**

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ବନ୍ତାରା ବିରୋଧରେ ଲାଗୁ କରାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରି ତାହାକୁ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି । ଶୀର୍ଷ ନ୍ୟାୟାଳୟ ଗୁଜରାଟର ଜାମନଗରଠାରେ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବନ୍ତାରା (ଗ୍ରୀନ୍ସ ଜୁଲୋଜିକାଲ୍ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ୍ ସେଣ୍ଟର)ର ଯାଞ୍ଚ କରିବା ଲାଗି ଦାବି କରିଥିବା ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ବନ୍ତାରା ଉପରେ ଯେଉଁସବୁ ଆରୋପ ଲଗାଯାଇଥିଲା, ଭବିଷ୍ୟତରେ ସମାନ ଧରଣର ଆରୋପ ଆଧାରରେ କରାଯାଉଥିବା ଅଭିଯୋଗ କିମ୍ବା କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ କେତେକ ସର୍ତ୍ତ ସହିତ ପ୍ରତିବନ୍ଧକ ଲାଗୁ କରିଛନ୍ତି । ବନ୍ତାରା ଓ ତା' ସହିତ ଜଡ଼ିତ ଅଧିକାରୀବୃନ୍ଦଙ୍କୁ ଏସ୍ଆଇଟି ଦ୍ୱାରା ପରାମର୍ଶ ଦିଆଯାଇଥିବା ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବା ଲାଗି ବିଚାର କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ମଧ୍ୟ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।

ନ୍ୟାୟାଳୟଙ୍କ ମତରେ, ''ଆମେ ରିପୋର୍ଟର ସାରାଂଶ ପଢ଼ିଛୁ । ଏଥିରେ ସମସ୍ତ ନିୟାମକ ଆବଶ୍ୟକତାର ଅନୁପାଳନ ହୋଇଛି ବୋଲି ଦର୍ଶାଯାଇଛି । ଏଥିରେ ଏହା ମଧ୍ୟ ଦର୍ଶାଯାଇଛି ଯେ ଏହା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ମଧ୍ୟ ସେମାନଙ୍କର ଦୃଷ୍ଟିକୋଣର ଉପସ୍ଥାପନା କରିଛନ୍ତି । କର୍ତ୍ତୃପକ୍ଷଗଣ ମଧ୍ୟ ନିୟାମକ ଅନୁପାଳନ ସମ୍ବନ୍ଧରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଆମେ ଏହି ରିପୋର୍ଟକୁ ମଧ୍ୟ ଆଦେଶର ଏକ ଅଂଶିବିଶେଷରେ ପରିଣତ କରୁଛୁ ।''

ବନ୍ତାରା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମନ୍ତବ୍ୟ ଦେଇଥିଲେ ଯେ, ''ଏପରି କିଛି ଜିନିଷ ଅଛି ଯାହାକୁ ନେଇ ଆମେ ଗର୍ବ କରିପାରୁ । ଏଭଳି ପ୍ରସଙ୍ଗ ଉଠାଇ ଆମେ ଅଯଥାରେ ହୋହଲ୍ଲା କରାଯିବା ଉଚିତ ନୁହେଁ । ଆମ ଦେଶରେ ମଧ୍ୟ କିଛି ଭଲ ଜିନିଷକୁ ଘଟିବାକୁ ଅନୁମତି ଦିଆଯାଉ । ଯଦି କିଛି ଭଲ ହେଉଛି ତାହାକୁ ନେଇ ଆମେ ଖୁସି ହେବା ଉଚିତ ।''

ନ୍ୟାୟାଳୟଙ୍କ ମତରେ ଯଦି ଆଇନ ଅନୁଯାୟୀ ହାତୀଙ୍କର ଅଧିଗ୍ରହଣ କରାଯାଇଛି ତେବେ ସେଥିରେ ଭୁଲ୍ କ'ଣ ? ଯଦି ସମସ୍ତ ନିୟମର ଅନୁପାଳନ କରାଯାଇଛି ତେବେ ସମସ୍ୟା କ'ଣ ? ଏସ୍ଆଇଟି ସିଜେଡ୍ଏ, ସିବିଆଇ, ଇଡି, ଡିଆର୍ଆଇ, କଷ୍ଟମ୍ସ, ସିଆଇଟିଇଏସ୍ ନିକାୟ ଭଳି ଏକାଧିକ ଭାରତୀୟ ଏବଂ ବିଦେଶୀ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରାଣୀ ଅଧିଗ୍ରହଣ, ଚାଲାଣ, ଲଣ୍ଡରିଂ, ପ୍ରାଣୀ କଲ୍ୟାଣ, ସଂରକ୍ଷଣ, ଆର୍ଥିକ ଅନିୟମିତତା ଏବଂ ପରିବେଶୀୟ ସମସ୍ୟା ସମ୍ବନ୍ଧୀୟ ଆରୋପଗୁଡ଼ିକର ତଦନ୍ତ କରିଥିଲା । ତଦନ୍ତରେ କୌଣସି ଆଇନ କିମ୍ବା ନିୟମାବଳୀର ଉଲ୍ଲଂଘନ ଜଣାପଡ଼ି ନ ଥିଲା । ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨, ପ୍ରାଣୀ ଉଦ୍ୟାନ ନିୟମାବଳୀ, ସିଜେଡ୍ଏ ନିର୍ଦ୍ଦେଶାବଳୀ, ସୀମା ଶୁଳ୍କ ଅଧିନିୟମ, ଫେମା, ପିଏମ୍ଏଲ୍ଏ ଓ ସାଇଟ୍ସ ଉଲ୍ଲଂଘନ ସମ୍ବନ୍ଧୀୟ ସମସ୍ତ ଆରୋପ ଭିତ୍ତିହୀନ ଥିଲା । ଅଧିଗ୍ରହଣ କରାଯାଇଥିବା ପ୍ରାଣୀସମ୍ପଦକୁ ବିଧିବଦ୍ଧ ଅନୁମତି ଅଧୀନରେ ବନ୍ତାରାକୁ ଅଣାଯାଇଛି ।

ତଦନ୍ତରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ, ବନ୍ତାରାରେ ପ୍ରାଣୀଙ୍କ କଲ୍ୟାଣ, ପାଳନ ଏବଂ ଚିକିତ୍ସା ଯତ୍ନ ପାଇଁ ଉପଲବ୍ଧ ରହିଥିବା ବ୍ୟବସ୍ଥା ନିର୍ଦ୍ଧାରିତ ମାନକଠାରୁ ମଧ୍ୟ ଉଚ୍ଚମାନର ଅଟେ ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଏସ୍ଆଇଟି ଦ୍ୱାରା ମଧ୍ୟ ତାଙ୍କର ରିପୋର୍ଟ ମାଧ୍ୟମରେ ଜାମନଗରସ୍ଥିତ ପ୍ରାଣୀ ଉଦ୍ଧାର ଓ ପୁନର୍ବାସ କେନ୍ଦ୍ର ବନ୍ତାରାକୁ କ୍ଲିନ୍‌ଚିଟ୍ ମିଳିସାରିଛି । ନ୍ୟାୟମୂର୍ତ୍ତି ପଙ୍କଜ ମିଥଲ ଓ ନ୍ୟାୟମୂର୍ତ୍ତି ପି.ବି. ବରାଲେଙ୍କୁ ନେଇ ଗଠିତ ପୀଠ ରିପୋର୍ଟକୁ ରେକର୍ଡକୁ ନେଇଥିଲେ ଏବଂ ମନ୍ତବ୍ୟ ଦେଇଥିଲେ ଯେ ବନ୍ତାରାରେ ଅନୁପାଳନ ଏବଂ ନିୟମାବଳୀ ଅନୁସରଣ ପ୍ରସଙ୍ଗକୁ ନେଇ ଏସ୍ଆଇଟି ସନ୍ତୁଷ୍ଟ ଅଛି ।

ନ୍ୟାୟାଳୟ ଏସ୍ଆଇଟି ରିପୋର୍ଟକୁ ସିଲ୍‌ବନ୍ଦ କରି ଗୋପନୀୟ ରଖିବାର ଆଦେଶ ଦେଇଛନ୍ତି । ଯଦିଓ ବନ୍ତାରାକୁ ତାହାର ନିଜସ୍ୱ ବ୍ୟବହାର ପାଇଁ ତାହାର ପ୍ରତିଲିପି ଉପଲବ୍ଧ କରାଯିବ । ସର୍ବୋଚ୍ଚ ନ୍ୟାୟାଳୟ ଏସ୍ଆଇଟିର ତଦନ୍ତରୁ ମିଳିଥିବା ନିଷ୍କର୍ଷକୁ ଗୋପନୀୟ ବୋଲି ମାନିନାହାନ୍ତି । ନ୍ୟାୟାଳୟଙ୍କ ମତରେ ''ଆମେ ପ୍ରତିବାଦୀ – ବନ୍ତାରାକୁ ଯେକୌଣସି ଆପତ୍ତିଜନକ ପ୍ରକାଶନକୁ ହଟାଇବା କିମ୍ବା ବିଭ୍ରାନ୍ତିକର ସୂଚନା ପାଇଁ ଦାୟୀ ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ମାନହାନି ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାଧୀନତା ପ୍ରଦାନ କରୁଛୁ ।''

ନ୍ୟାୟାଳୟ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଖବର ଏବଂ ବେସରକାରୀ ସଂଗଠନ ତଥା ବନ୍ୟଜନ୍ତୁ ସଂଗଠନଗୁଡ଼ିକର ବିଭିନ୍ନ ଅଭିଯୋଗ ଆଧାରରେ ବନ୍ତାରା ବିରୋଧରେ ଅନିୟମିତତାର ଆରୋପ ଲଗାଇଥିବା ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଭୂତପୂର୍ବ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ଜେ. ଚେଲମେଶ୍ୱରଙ୍କ ଅଧ୍ୟକ୍ଷତାରେ ଏକ ଚାରିଜଣିଆ ସଦସ୍ୟବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍ଆଇଟି)ର ଗଠନ କରିଥିଲେ । ବିଗତ ଅଗଷ୍ଟ ୨୪ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଏସ୍ଆଇଟିର ଗଠନ ପାଇଁ ଆଦେଶ ଦେଇଥିଲେ । ଏସ୍ଆଇଟି ଶୁକ୍ରବାର ଦିନ ମୁଦଦିଆ ଲଫାପାରେ ନ୍ୟାୟାଳୟଙ୍କ ନିକଟରେ ନିଜର ରିପୋର୍ଟ ଦାଖଲ କରିଥିଲା ।




## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ନ୍ୟାଶ୍ନାଲ ମିଡିଆ ସେଣ୍ଟରରେ ସୋମବାର କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର 'ସ୍ୱଚ୍ଛତା ହିଁ ସେବା ୨୦୨୫' ଉପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ-ଚମନ ଗୌତମ)

# ଆଜିଠୁ ଭାରତ-ଆମେରିକା ଷଷ୍ଠ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୫।୯(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତର ମୂଲ୍ୟ ସମ୍ବେଦନଶୀଳ କୃଷି ଓ ଦୁଗ୍ଧଜାତ ସାମଗ୍ରୀ ବଜାରରେ ଆମେରିକାର ପ୍ରବେଶକୁ ଅନୁମତିକୁ ନେଇ ଆଲୋଚନା ସ୍ଥଗିତ ରହିଥିଲା। ଆଲୋଚନା ପାଇଁ ଆମେରିକାର ମୁଖ୍ୟ ବୁଝାମଣାକାରୀ ବେଣ୍ଡନ୍ ଲିଞ୍ଚ୍ ଓ ତାଙ୍କ ଟିମ୍ ସୋମବାର ରାତିରେ ନୂଆଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ଷଷ୍ଠ ପର୍ଯ୍ୟାୟ ଆଲୋଚନା ଅଗଷ୍ଟ ଶେଷ ଭାଗରେ ହେବାକୁ ଥିଲା। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇବା କାରଣରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଯିବା ସହ ଆଲୋଚନାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। ଆମେରିକାର ମୁଖ୍ୟ ବାଣିଜ୍ୟ ଦୂତ ଲିଞ୍ଚଙ୍କ ସହ ଭାରତର ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ତଥା ମୁଖ୍ୟ ମଧ୍ୟସ୍ଥ ରାଜେଶ ଅଗ୍ରୱାଲ ଆଲୋଚନା କରିବେ। ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ନଭେମ୍ବର ସୁଦ୍ଧା ଚୂଡ଼ାନ୍ତ ହେବା ଆବଶ୍ୟକ ବୋଲି ଗତ ସପ୍ତାହରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଥିଲେ। ଅତ୍ୟଧିକ ଟାରିଫ୍‌କୁ ନେଇ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ନିକଟରେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତ୍ୟନ୍ତ ଉତ୍ତମ ବନ୍ଧୁ କହି ପ୍ରଶଂସା କରିବା ସହ ବାଣିଜ୍ୟ ପ୍ରତିବନ୍ଧକର ସମାଧାନ ଦିଗରେ ଭାରତ ଓ ଆମେରିକା ବୁଝାମଣା ଜାରି ରଖିବେ ବୋଲି କହିଥିଲେ। ମୋଦି ମଧ୍ୟ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଟ୍ରମ୍ପଙ୍କ ମନୋଭାବ ଓ ସକାରାତ୍ମକ ଆକଳନକୁ ଉଚ୍ଚ ପ୍ରଶଂସା କରିଥିଲେ।


# ଅବୈଧ ଥିଲେ ବିହାର ଏସ୍‌ଆଇଆର୍‌କୁ ରଦ୍ଦ କରିଦେବୁ

## ଅକ୍ଟୋବର ୭ରେ ଚୂଡ଼ାନ୍ତ ଶୁଣାଣି

ନୂଆଦିଲ୍ଲୀ,୧୫।୯(ପି.ଟି.)

ନିର୍ବାଚନ କମିଶନ ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବେ ଆଇନ ଅନୁଯାୟୀ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚଳାଇଥିବା ନେଇ ଭରସା ରହିଥିବା ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ତେବେ କୌଣସି ପର୍ଯ୍ୟାୟରେ ଅବୈଧତା ରହିଥିଲେ, ସମ୍ପୂର୍ଣ୍ଣ କାର୍ଯ୍ୟକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ବିହାର ଏସ୍‌ଆଇଆର୍‌ର ବୈଧତା ଉପରେ ଚୂଡ଼ାନ୍ତ ଶୁଣାଣି ପାଇଁ ଅକ୍ଟୋବର ୭କୁ ଧାର୍ଯ୍ୟ କରିଥିବାବେଳେ ଏହା ଉପରେ କୌଣସି ସଂକ୍ଷିପ୍ତ ମତାମତ ଦେବାକୁ ମନା କରି ଦେଇଛନ୍ତି। ବିହାର ଏସ୍‌ଆଇଆର୍ ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ସାରା ଦେଶ ପାଇଁ ଲାଗୁ ହେବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରୁ ନିର୍ବାଚନ କମିଶନଙ୍କୁ ରୋକାଯାଇପାରିବ ନାହିଁ। ତେବେ ଅକ୍ଟୋବର ୭



ତାରିଖ ଚୂଡ଼ାନ୍ତ ଶୁଣାଣି ଦିନ ବିହାର ଏସ୍‌ଆଇଆର୍ ବିରୋଧରେ ପିଟିଶନ ଦାଖଲ କରିଥିବା ପକ୍ଷମାନେ ସାରା ଦେଶରେ ଏସ୍‌ଆଇଆର୍ ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇବାକୁ ଥିବା ଚୂଡ଼ାନ୍ତ ଭୋଟର ତାଲିକା ମାମଲାର ନ୍ୟାୟିକ ନିର୍ଣ୍ଣୟ ଉପରେ କୌଣସି ପାର୍ଥକ୍ୟ ରଖିବ ନାହିଁ। କେବଳ ଯଦି କୌଣସି ପର୍ଯ୍ୟାୟରେ ବେଆଇନ କାର୍ଯ୍ୟ ହୋଇଥିବା ଅଦାଲତ ଅନୁଭବ କରନ୍ତି, ତେବେ ତାହାକୁ ଖାରଜ କରିଦେଇପାରିବେ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ବିହାର ଏସ୍‌ଆଇଆର୍ ପାଇଁ ଆଧାର କାର୍ଡକୁ ଦ୍ୱାଦଶ ଦସ୍ତାବିଜ୍ ଭାବେ ସାମିଲ କରିବା ପାଇଁ ସୁପ୍ରିମକୋର୍ଟ ଗତ ୮ ତାରିଖରେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କରୁଥିବାରୁ ଏହା ପଛର ଉଦ୍ଦେଶ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ନିର୍ବାଚନ କମିଶନ ଭୋଟର ତାଲିକାରେ ଅନ୍ତର୍ଭୁକ୍ତି ପାଇଁ ୧୧ଟି ଦସ୍ତାବିଜ୍ ମାଗିଥିବାବେଳେ ସେଥିରେ ଆଧାର ନ ଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଥିଲା। ଡିଠା ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଲୋକ ବାଦ୍ ପଡ଼ିବାରୁ ଅନେକ ଯୋଗ୍ୟ ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି ବିରୋଧୀ ଆଶଙ୍କା ବ୍ୟକ୍ତ କରିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ ଏସ୍‌ଆଇଆର୍ ପ୍ରକ୍ରିୟାରୁ ନିବୃତ୍ତ କରି ନ ଥିଲେ ମଧ୍ୟ ଆଧାରକୁ ଭୋଟର ତାଲିକାରେ ସାମିଲ ଲାଗି ପ୍ରମାଣ ଭାବେ ଗ୍ରହଣ କରିବାକୁ କହିଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ସୋମବାର ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି ଏସ୍‌ଆଇଆର୍‌ର ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଶୁଣାଣି ଘୁଞ୍ଚାଇବାକୁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଉପସ୍ଥିତ ରହି ନିର୍ବାଚନ କମିଶନ ଅନ୍ୟ ରାଜ୍ୟଗୁଡ଼ିକରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଥିବା କହିଥିଲେ। ଏକ ବେଆଇନ ପଦ୍ଧତି ଯୋଗୁ କେହି ମତଦାନ ଅଧିକାରରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି କେତେକ ଆକ୍ଟିଭିଷ୍ଟଙ୍କ ତରଫରୁ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ଖଣ୍ଡପୀଠଙ୍କୁ କହିଥିଲେ। ସମସ୍ତ ଯୁକ୍ତି ଶୁଣିବା ପରେ ଏସ୍‌ଆଇଆର୍ ପଦ୍ଧତିରେ ବେଆଇନ କାର୍ଯ୍ୟ ଥିବା ଜଣାପଡ଼ିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରାଯିବ ବୋଲି ଖଣ୍ଡପୀଠ କହିଥିଲେ।

# ୱାକ୍‌ଫ ବ୍ୟବସ୍ଥାରେ ରୋକକୁ ମୁସ୍‌ଲିମ୍ ସଙ୍ଗଠନ, ବିରୋଧୀଙ୍କ ସ୍ୱାଗତ

ନୂଆଦିଲ୍ଲୀ/ଲକ୍ଷ୍ନୌ,୧୫।୯(ପି.ଟି.)

## ସମ୍ପୂର୍ଣ୍ଣ ନ୍ୟାୟ ମିଳିବା ନେଇ ଆଶାବାଦୀ

ୱାକ୍‌ଫ ସଂଶୋଧନ ଆଇନର କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଥିବାବେଳେ ମୁସଲମାନ ସଙ୍ଗଠନଗୁଡ଼ିକ ଏହାକୁ ସ୍ୱାଗତ କରିଛନ୍ତି। ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ନ୍ୟାୟ ମିଳିବ ବୋଲି ସେମାନେ ଆଶାବାଦୀ ଥିବା କହିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଉଭୟ ଅଖିଳ ଭାରତ ମୁସଲିମ୍ ପର୍ସୋନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଏବଂ ଅଲ୍ ଇଣ୍ଡିଆ ଶିୟା ପର୍ସୋନାଲ ଲ' ବୋର୍ଡ (ଏଆଇଏସ୍‌ପିଏଲ୍‌ବି) କହିଛନ୍ତି। କେବଳ କେତେକ ମୁଖ୍ୟ ବ୍ୟବସ୍ଥା ନୁହେଁ, ସର୍ବୋଚ୍ଚ ଅଦାଲତ ସଂପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବେ ବୋଲି ଏଆଇ ଏମ୍‌ପିଏଲ୍‌ବି ଆଶାବ୍ୟକ୍ତ କରିଛି। ୱାକ୍‌ଫ ସଂଶୋଧନ ଆଇନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଲାଗୁ ହେବ ବୋଲି ମୁସଲମାନ ସମ୍ପ୍ରଦାୟ ଏବଂ ଏଆଇଏମ୍‌ପିଏଲ୍‌ବି ସଦସ୍ୟମାନେ ଚାହିଁଥିଲେ। ତେବେ ସୁପ୍ରିମକୋର୍ଟ ଏଥିପାଇଁ ମନା କରିଦେଲେ ବୋଲି ବୋର୍ଡର କାର୍ଯ୍ୟନିର୍ବାହୀ ସଦସ୍ୟ ରଶିଦ ଫରଙ୍ଗି ମାହାଲି କହିଛନ୍ତି। ତଥାପି ଆମେ ଯଥେଷ୍ଟ ଆଶ୍ୱସ୍ତ ହୋଇଛୁ ଏବଂ ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ଆଶ୍ୱସ୍ତ ହେବା ନେଇ ଆଶାବାଦୀ ରହିଛୁ ବୋଲି ସେ କହିଛନ୍ତି।

ସେହିପରି ବିରୋଧୀ ଦଳଗୁଡ଼ିକ ମଧ୍ୟ ସୁପ୍ରିମକୋର୍ଟଙ୍କ ୱାକ୍‌ଫ ଅନ୍ତରୀଣ ରାୟକୁ ସ୍ୱାଗତ କରିଛନ୍ତି। ଏହାକୁ ସେମାନେ ନ୍ୟାୟ, ସମାନତା ଓ ଭ୍ରାତୃତ୍ୱର ସାମ୍ବିଧାନିକ ମୂଲ୍ୟବୋଧର ବିଜୟ ବୋଲି କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ପାର୍ଲାମେଣ୍ଟରେ ଗୃହୀତ ଏହି ମନମାନି ଆଇନକୁ ବିରୋଧ କରୁଥିବା ପକ୍ଷଗୁଡ଼ିକର କେବଳ ବିଜୟ ହୋଇନାହିଁ ବରଂ ଏହା ଏକ ବଡ଼ ବିଜୟ। ଯୁଗ୍ମ ସଂସଦୀୟ କମିଟିର ସମସ୍ତ ସଦସ୍ୟ ଯେଉଁ ସବିଶେଷ ଅସହମତି ନୋଟ୍ ଦେଇଥିଲେ, ତାହାକୁ ଅଣଦେଖା କରାଯାଇଥିଲା। ଏବେ ତାହା ପ୍ରମାଣିତ ହୋଇଥିବା କଂଗ୍ରେସ ନେତା କହିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ରାୟକୁ ସ୍ୱାଗତ କରିବା ସହ ଏହା ଲୋକଙ୍କ ଆଶା ଓ ବିଶ୍ୱାସକୁ ସୁଦୃଢ଼ କରିଥିବା କହିଛନ୍ତି।

# ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ କାର୍ ମଡ଼ାଇଥିବା ମହିଳା ଡ୍ରାଇଭର ଗିରଫ

ନୂଆଦିଲ୍ଲୀ, ୧୫।୯

ଦିଲ୍ଲୀରେ ରବିବାର ଏକ ବିଏମ୍‌ଡବ୍ଲ୍ୟୁ କାର୍ ଧକ୍କା ଦେବାରୁ ଅର୍ଥ ମନ୍ତ୍ରଣାଳୟର ଡେପୁଟି ସେକ୍ରେଟାରୀ ନବଜ୍ୟୋତ ସିଂଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଦିଲ୍ଲୀ ପୋଲିସ ଉକ୍ତ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିବା ଗଗନଦୀପ କୌରଙ୍କୁ ଗିରଫ କରିଛି। ଦୁର୍ଘଟଣାରେ ହରିୟାଣା ନିବାସୀ ଗଗନଦୀପ ଓ ତାଙ୍କ ସ୍ୱାମୀ ପରୀକ୍ଷିତ ମକ୍କଡ଼ ଆହତ ହୋଇଥିଲେ। ପୋଲିସ ଗଗନଦୀପଙ୍କୁ ହସ୍ପିଟାଲରୁ ଗିରଫ କରିଛି। ରବିବାର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ମେଟ୍ରୋ ଷ୍ଟେଶନ ନିକଟରେ ଦୁର୍ଘଟଣା ଘଟିବା ପରେ ଗଗନଦୀପ ଓ ତାଙ୍କ ସ୍ୱାମୀ ନବଜ୍ୟୋତଙ୍କୁ ନିକଟସ୍ଥ ହସ୍ପିଟାଲ ବଦଳରେ ୨୨ କି.ମି. ଦୂର ଜିଟିବି ନଗରସ୍ଥିତ ନ୍ୟୁ ଲାଇଫ୍ ହସ୍ପିଟାଲକୁ ନେଇଥିଲେ। ଫଳରେ ନବଜ୍ୟୋତଙ୍କ ଚିକିତ୍ସାରେ ବିଳମ୍ବରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ତାଙ୍କ ସ୍ତ୍ରୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

# ପାକ୍ ସେନା ଗୁଳିରେ ୩୧ ଆତଙ୍କବାଦୀ ନିହତ

ପେଶାୱର,୧୫।୯(ପି.ଟି.)

ଉତ୍ତରପଶ୍ଚିମ ପାକିସ୍ତାନରେ ଦୁଇଟି ଏନ୍‌କାଉଣ୍ଟରରେ ତେହରିକ୍ -ଇ- ତାଲିବାନ ପାକିସ୍ତାନ (ଟିଟିପି)ର ୩୧ ଆତଙ୍କବାଦୀ ନିହତ ହୋଇଛନ୍ତି। ଶନିବାର ଓ ରବିବାର ଖାଇବର ପଖ୍‌ତୁନ୍‌ଖ୍ୱାର ଲାକ୍କି ମାରୱାତ୍ ଏବଂ ବାନୁ ଜିଲାରେ ତଲାସି ଅଭିଯାନ ହୋଇଥିଲା। ପ୍ରଥମ ଏନ୍‌କାଉଣ୍ଟରରେ ୧୪ ଓ ଦ୍ୱିତୀୟ ଦିନ ଏନ୍‌କାଉଣ୍ଟରରେ ୧୭ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ୧୦ରୁ ୧୩ ତାରିଖ ମଧ୍ୟରେ ସୈନ୍ୟଙ୍କ ଗୁଳିରେ ୪୫ ଆତଙ୍କବାଦୀ ଓ ୧୯ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ସୀମାନ୍ତ ରାଜ୍ୟଗୁଡ଼ିକରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି।

# ରାଜନୈତିକ ଦଳ 'କାର୍ଯ୍ୟସ୍ଥଳ' ନୁହେଁ

## ପୋସ୍ ଆଇନ ପରିସରଭୁକ୍ତ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୯

ରାଜନୈତିକ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ଯୌନ ନିର୍ଯାତନା ନିରୋଧୀ ଆଇନରେ ସୁରକ୍ଷା (ପୋସ୍ ଆକ୍ଟ) ପରିସରକୁ ନେବା ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ପୋସ୍ ଆଇନରେ ରାଜନୈତିକ ଦଳଗୁଡ଼ିକୁ କିପରି 'କାର୍ଯ୍ୟସ୍ଥଳ' ସଂଜ୍ଞା ମଧ୍ୟରେ ରଖାଯାଇପାରିବ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଦଳ ଏବଂ ଏହାର କର୍ମୀମାନଙ୍କ ମଧ୍ୟରେ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

କେରଳ ହାଇକୋର୍ଟ ୨୦୨୨ ମାର୍ଚ୍ଚ ରାୟରେ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା(ପ୍ରତିକାର, ନିଷେଧ ଓ ନିବାରଣ) ଆଇନ, ୨୦୧୩ (ପୋସ୍ ଆକ୍ଟ)ର ଏକ ସଂକ୍ଷିପ୍ତ ବ୍ୟାଖ୍ୟା ଉପସ୍ଥାପନ କରିଥିଲେ। ଆଇନଜୀବୀ ଯୋଗମାୟା ଏମ୍‌ଜି ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ୍ (ଏସ୍‌ଏଲ୍‌ପି) ଦାଖଲ କରିଥିଲେ। ରାଜନୈତିକ ଦଳ ଓ ଅନୁରୂପ ସଂସ୍ଥାଗୁଡ଼ିକରେ ପାରମ୍ପରିକ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥିବାରୁ ସେଗୁଡ଼ିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ଅନୁଗୃହୀତ ନୁହନ୍ତି।

# ୨୫ରୁ କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ

ମୁମ୍ବାଇ

ଆସନ୍ତା ୨୫ରୁ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ୍ ଭିଡିଓରେ 'ଟୁ ମଚ୍ ୱିଥ୍ କାଜୋଲ ଆଣ୍ଡ ଟ୍ୱିଙ୍କଲ' ନାମକ ଏକ ଟକ୍ ଶୋ' ଆରମ୍ଭ ହେବ। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ। ରବିବାର ପ୍ରାଇମ୍ ଭିଡିଓ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ଏହାର ଟ୍ରେଲରକୁ ଜାରି କରାଯାଇଛି। ଏଥିରେ ଉଭୟ ହୋଷ୍ଟ ବଲିଉଡ୍‌ର ସାଥୀ ସେଲିବ୍ରିଟିମାନଙ୍କ ସହ ବିଭିନ୍ନ ମଜାଦାର ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ଅଭିନେତା ସଲ୍‌ମାନ ଖାନ୍, ଆମିର ଖାନ୍, ଭିକି କୌଶଲ, ଗୋବିନ୍ଦା, ଚଙ୍କି ପାଣ୍ଡେ, ଅଭିନେତ୍ରୀ ଆଲିଆ ଭଟ୍ଟ, କ୍ରିତି ସାନନ୍, ଜାହ୍ନବୀ କପୁର, ଫିଲ୍ମ ନିର୍ମାତା କରନ୍ ଜୋହର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ନେଇ ଅନେକ ମଜାଦାର ତଥ୍ୟ ଶେୟାର



ପ୍ରାଇମ୍ ଭିଡିଓ ପକ୍ଷରୁ ଉକ୍ତ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, ଆସନ୍ତା ୨୫ ତାରିଖରୁ ଏହି ମଜାଦାର ଟକ୍ ଶୋ' ପ୍ରିମିୟର ହେବ। ପ୍ରତି ଗୁରୁବାର କାଜୋଲ ଓ ଟ୍ୱିଙ୍କଲଙ୍କ ସହ ପ୍ରାଇମ୍ ଭିଡିଓ ଆପଣମାନଙ୍କୁ ମନୋରଞ୍ଜନ ଯୋଗାଇବ।

# ଭାରତରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ବଢ଼ିଛି

ନୂଆଦିଲ୍ଲୀ, ୧୫।୯ (ପି.ଟି.)

କ୍ୟାନ୍‌ସର, ହୃଦ୍‌ରୋଗ ପରି କ୍ରୋନିକ୍ ଡିଜିଜ୍ (ଦୀର୍ଘକାଳୀନ ରୋଗ)ରେ ମୃତ୍ୟୁ ସମ୍ଭାବନା ବଢ଼ିଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଲାନ୍‌ସେଣ୍ଟ ପତ୍ରିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନ ସୋମବାର ପ୍ରକାଶ ପାଇଛି। ଅଧ୍ୟୟନ ଅନୁଯାୟୀ, ୨୦୧୦ରୁ ୨୦୧୯ ମଧ୍ୟରେ ଭାରତରେ କ୍ରୋନିକ୍ ଡିଜିଜ୍‌ରେ ପୀଡ଼ିତ ଥିବା ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ମୃତ୍ୟୁ ସଂଖ୍ୟା ବଢ଼ିଛି। ତେବେ ଗତ ଦଶନ୍ଧିରେ ବୈଶ୍ୱିକ ସ୍ତରରେ ୫ରୁ ୪ ଦେଶରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ହ୍ରାସ ପାଇଥିବାରୁ ଏହି ଅଧ୍ୟୟନ ଭାରତର ଚିନ୍ତା ବଢ଼ାଇଛି। ବ୍ରିଟେନ୍‌ର ଇମ୍ପେରିଆଲ କଲେଜ ଲଣ୍ଡନର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ଭାରତରେ ପୁରୁଷଙ୍କ ତୁଳନାରେ କ୍ରୋନିକ୍ ଡିଜିଜରେ ପୀଡ଼ିତ ହୋଇ ଅଧିକ ମହିଳାଙ୍କର ମୃତ୍ୟୁ ଘଟିଛି। ଦେଶରେ ହୃଦ୍‌ରୋଗ ଏବଂ ମଧୁମେହରେ ପୀଡ଼ିତ ହୋଇ ସର୍ବାଧିକ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି।

DSPL-215

ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।

ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0033/2526




# ୧୨ ଜିଲାରେ ୨୭ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର

**ବିନିଯୋଗ ହେବ ୨୫ ହଜାର କୋଟି**

**ଓଡ଼ିଶା ଶିଳ୍ପ ଇତିହାସରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ**

- **୫୨ ହଜାର ନିଯୁକ୍ତି ସୁଯୋଗ ସୁନିଶ୍ଚିତ ହୋଇଛି**
- **୧୫ ମାସରେ ସରକାର ୨୬୦ ଶିଳ୍ପ ପ୍ରକଳ୍ପ ମଞ୍ଜୁର କଲେଣି**

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)



ଭୁବନେଶ୍ୱର ଓ୍ୱାଇଏଟି କନ୍‌ଭେନସନ ସେଣ୍ଟରରେ ସୋମବାର ଆୟୋଜିତ ୧୨ ଜିଲାର ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ (ବାମରୁ) ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏସ୍‌ଆର୍‌ଏଫ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆଶିଷ ଭରତରାମ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। (ଫଟୋ:ବିକାଶ ନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଓ୍ୱାଇଏଟି କନ୍‌ଭେନସନ ସେଣ୍ଟରଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ ଜିଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିହୋଇଛି ବୋଲି ସେ କହିଛନ୍ତି। ୨୭ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ୨୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି। ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧିପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକ୍ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁଥିବା ଭଳି ସାମଗ୍ରୀ ନିର୍ମାଣ କରୁଛୁ। ଆମ ସରକାର ମାତ୍ର ୧୫ ମାସ ହେବ ଓଡ଼ିଶାର ଶାସନ ଦାୟିତ୍ୱ ନେଇଛନ୍ତି। ଏହି ଅଳ୍ପ ସମୟ ମଧ୍ୟରେ ସରକାର ୨୬୦ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ଆମେ ୮୪ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ। ଏହାଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ହୋଇପାରିଛି ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇଛି। ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଶିଳ୍ପ ☞ପୃଷ୍ଠା-୨

# ୱାକ୍‌ଫ: ଜିଲାପାଳଙ୍କ କ୍ଷମତା ଉପରେ ସ୍ଥଗିତାଦେଶ

**କେନ୍ଦ୍ର ସରକାରଙ୍କ ବିବାଦୀୟ ୱାକ୍‌ଫ ସଂଶୋଧନ ଆଇନରେ କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଛନ୍ତି। ତେବେ ସମ୍ପୂର୍ଣ୍ଣ ଆଇନ ଉପରେ ରୋକ୍ ଲଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୱାକ୍‌ଫ ପାଇଁ ନୂଆ ଆଇନରେ ଜଣେ ଅନ୍ୟୂନ ୫ ବର୍ଷ ଇସ୍‌ଲାମ ଧର୍ମ ପାଳନ କରିବା ବ୍ୟବସ୍ଥା ରହିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଓ ରାଜ୍ୟ ୱାକ୍‌ଫ ବୋର୍ଡରେ ଅଣମୁସଲମାନ ସଦସ୍ୟ ମନୋନୟନ ସଂଖ୍ୟାକୁ ମଧ୍ୟ ଅଦାଲତ ସୀମିତ ରଖିଛନ୍ତି। ସବୁଠୁ ବଡ଼ କଥା ହେଲା କୌଣସି ସମ୍ପତ୍ତିକୁ ୱାକ୍‌ଫ ବିବେଚନା କରାଯାଇପାରିବ କି ନାହିଁ ତାହା ଉପରେ ନିଷ୍ପତ୍ତି ନେବା କ୍ଷମତା ଜିଲାପାଳଙ୍କୁ ଦିଆଯାଇଥିଲା। ସୁପ୍ରିମକୋର୍ଟ ଏହି ବ୍ୟବସ୍ଥା ଉପରେ ରୋକ୍ ଲଗାଇଛନ୍ତି। ବ୍ୟକ୍ତିଗତ ନାଗରିକଙ୍କ ଅଧିକାର ଉପରେ ଜିଲାପାଳ ନିର୍ଣ୍ଣୟ ନେବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହା କ୍ଷମତା ବିକେନ୍ଦ୍ରୀକରଣର ଉଲ୍ଲଂଘନ ହେବ ବୋଲି ସର୍ବୋଚ୍ଚ ଅଦାଳତ କହିଛନ୍ତି।**

**ବୋର୍ଡରେ ଅଣମୁସଲମାନଙ୍କ ସଂଖ୍ୟା ସୀମିତ ରଖିଲେ ସୁପ୍ରିମକୋର୍ଟ**



ନୂଆଦିଲ୍ଲୀ,୧୫।୯

ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା କେତେଗୁଡ଼ିଏ ପିଟିଶନ୍‌ର ଶୁଣାଣି କରିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ସୋମବାର ଅନ୍ତରୀଣ ରାୟ ଶୁଣାଇଛନ୍ତି। ଉପରୋକ୍ତ ବ୍ୟବସ୍ଥା କ୍ଷମତାର ମନମାନି ପ୍ରୟୋଗ ହୋଇଥିବାରୁ ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ ଆବେଦନଗୁଡ଼ିକର ବିଚାର ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ବ୍ୟବସ୍ଥାଗୁଡ଼ିକ ସ୍ଥଗିତ ରହିଲା ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ୱାକ୍‌ଫ ସମ୍ପତ୍ତି ପଞ୍ଜୀକରଣ ଆବଶ୍ୟକତା ଉପରେ ସ୍ଥଗିତାଦେଶ ଦେବାକୁ ଅଦାଲତ ମନା କରିଦେଇଛନ୍ତି। ଆଇନ ସଂଶୋଧନ ହେବା ପୂର୍ବରୁ ଏହି ବ୍ୟବସ୍ଥା ରହିଥିଲା ବୋଲି ବିଚାରପତି କହିଛନ୍ତି।

୧୨୮ ପୃଷ୍ଠାର ଅନ୍ତରୀଣ ରାୟରେ ସିଜେଆଇ ଗବଇ ଏବଂ ଜଷ୍ଟିସ୍ ମସିହ କହିଛନ୍ତି, ସବୁବେଳେ ଆଇନର ସାମ୍ବିଧାନିକତା ସପକ୍ଷରେ ପରିକଳ୍ପନା କରାଯାଇଥାଏ ଏବଂ କେବଳ ବିରଳରୁ ବିରଳତମ ମାମଲାରେ ଅଦାଲତ ହସ୍ତକ୍ଷେପ କରିଥାନ୍ତି। ସମ୍ପୂର୍ଣ୍ଣ ଆଇନର ବ୍ୟବସ୍ଥାଗୁଡ଼ିକୁ ସ୍ଥଗିତ ରଖିବା ପାଇଁ କୌଣସି ମାମଲା ଆମେ ପାଇନାହୁଁ। ତେଣୁ ସମ୍ପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବା ଆବେଦନକୁ ଖାରଜ କରାଗଲା। ତେବେ ପକ୍ଷମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସନ୍ତୁଳନକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ କ୍ଷମତା ସମେତ ୩ଟି ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଜାରି କରାଗଲା। ତଦନୁଯାୟୀ କେନ୍ଦ୍ରୀୟ ୱାକ୍‌ଫ କାଉନ୍‌ସିଲ୍‌ରେ ୨୦ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୪ରୁ ଅଧିକ ହୋଇପାରିବ ନାହିଁ। ସେହିପରି ରାଜ୍ୟ ୱାକ୍‌ଫ ବୋର୍ଡର ମୋଟ ୧୧ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୩ରେ ସୀମିତ ରହିବ ବୋଲି କୋର୍ଟ କହିଛନ୍ତି। ସେହିପରି ସଂଶୋଧିତ ଆଇନର ଧାରା ୩ର ଉପଧାରା ଆର୍ ଅନୁଯାୟୀ, ଜଣେ ବ୍ୟକ୍ତି ୱାକ୍‌ଫ କରିବାକୁ ହେଲେ ଅନ୍ୟୂନ ୫ ବର୍ଷ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା ଆବଶ୍ୟକତା ଉପରେ ସ୍ଥଗିତାଦେଶ ରାଜ୍ୟ ସରକାର ନୂଆ ନିୟମାବଳୀ ଆଣିବା ପର୍ଯ୍ୟନ୍ତ ଜାରି ରହିବ। ଉପଯୁକ୍ତ ଅଧିକାରୀ ରିପୋର୍ଟ ଦାଖଲ ନ କରିବା ପର୍ଯ୍ୟନ୍ତ କୌଣସି ସମ୍ପତ୍ତିକୁ ୱାକ୍‌ଫ ସମ୍ପତ୍ତି ବିବେଚନା କରାଯିବ ନାହିଁ ବୋଲି ☞ପୃଷ୍ଠା-୨

# ସ୍ୱର୍ଗଦ୍ୱାର: ଜଳିବା ପୂର୍ବରୁ ଆଖି ଖୋଲିଲେ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)



ପୁରୀ ମେଡିକାଲରେ ଚିକିତ୍ସାଧୀନ ଥିବା ପି.ଲକ୍ଷ୍ମୀ।

ପୁରୀ ସ୍ୱର୍ଗଦ୍ୱାରରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ତଥା ଆଶ୍ଚର୍ଯ୍ୟକର ଘଟଣା ଘଟିଛି। ଶବଦାହ ନିମନ୍ତେ ସ୍ୱର୍ଗଦ୍ୱାରକୁ ଆସିଥିବା ଜଣେ ବୃଦ୍ଧା ଜୁଇରେ ଜଳିବା ପୂର୍ବରୁ ହଠାତ ଜୀବିତ ହୋଇଯିବା ଦେଖିବାକୁ ମିଳିଛି। ବୃଦ୍ଧା ଜଣଙ୍କ ହେଲେ ଗଞ୍ଜାମ ଜିଲା ଚିକିଟି ପୋଲସରା ଅଞ୍ଚଳର ୮୬ ବର୍ଷୀୟା ପି. ଲକ୍ଷ୍ମୀ। ଏହି ଘଟଣା ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ଅନୁଯାୟୀ, ସୋମବାର ପି. ଲକ୍ଷ୍ମୀଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ତାଙ୍କ ମୃତଦେହ ସତ୍କାର ପାଇଁ ଆମ୍ବୁଲାନ୍ସ ଯୋଗେ ଗଞ୍ଜାମରୁ ପୁରୀ ସ୍ୱର୍ଗଦ୍ୱାରକୁ ଆଣିଥିଲେ। ତେବେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ଆବଶ୍ୟକ ଥିବା ମେଡିକାଲ ଡକ୍ୟୁମେଣ୍ଟ ଏବଂ ଆଧାର କାର୍ଡ ପରିବାର ଲୋକେ ସାଙ୍ଗରେ ଆଣି ନ ଥିଲେ। ଫଳରେ ଶେଷକୃତ୍ୟ ସମ୍ପନ୍ନରେ ବିଳମ୍ବ ହୋଇଥିଲା। ଲକ୍ଷ୍ମୀଙ୍କୁ ସେହିପରି ରଖାଯାଇଥିଲା। ତେବେ ଏହି ସମୟରେ ସ୍ୱର୍ଗଦ୍ୱାର କର୍ମଚାରୀଙ୍କ ନଜର ଲକ୍ଷ୍ମୀଙ୍କ ଉପରେ ପଡ଼ିଥିଲା। ଲକ୍ଷ୍ମୀ ନିଃଶ୍ୱାସ ନେଉଥିବା ସହ ଆଖି ମିଟିମିଟି କରୁଥିବା ସେମାନେ ଦେଖିବାକୁ ପାଇଥିଲେ। ଏନେଇ କର୍ମଚାରୀମାନେ ପୁରୀ ସ୍ୱର୍ଗଦ୍ୱାର ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ଏବଂ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ସ୍ୱର୍ଗଦ୍ୱାର ନିକଟକୁ ଡାକିଥିଲେ। ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଅପରପକ୍ଷରେ ପି. ଲକ୍ଷ୍ମୀ ଜୀବିତ ଥିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ଜାଣିବା ପରେ ଖୁସି ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ବିନା ଡାକ୍ତରୀ ପରୀକ୍ଷାରେ ବୃଦ୍ଧାଙ୍କୁ କିପରି ମୃତ ଭାବି ପରିବାର ଲୋକେ ଦାହ କରିବାକୁ ନେଉଥିଲେ, ତାହା ଏବେ ପ୍ରଶ୍ନବାଚୀ ହୋଇଛି।

# ଆରମ୍ଭ ହେଲା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

**୨,୮୩,୨୬୪ ଅଭିଯୋଗର ହେବ ସମାଧାନ**

କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନା ସହାୟତାରୁ ବଞ୍ଚିତ ହେବେନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲର ଶୁଭାରମ୍ଭ କରି ସେ କହିଛନ୍ତି, ରାଜ୍ୟରେ ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ ଓ ସୁଗମ କରାଯିବ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆହୁରି କହିଛନ୍ତି, ଉକ୍ତ ମଡ୍ୟୁଲ ମାଧ୍ୟମରେ ସୁଭଦ୍ରା ଆବେଦନକାରୀଙ୍କ ଅଭିଯୋଗ ଯଥା- ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନ ମିଳିବା ଆଦି ବିଷୟରେ ଶୀଘ୍ର ତଦନ୍ତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ସୁଭଦ୍ରା ପୋର୍ଟାଲରେ ଅନ୍‌ଲାଇନ ଦ୍ୱାରା କିମ୍ବା ବିଭିନ୍ନ ସରକାରୀସ୍ତରରେ ଅଫ୍‌ଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ବ୍ଲକ୍‌ସ୍ତରୀୟ ସ୍କ୍ରୁଟିନି କମିଟି ବା ଯାଞ୍ଚ କମିଟି କିମ୍ବା ନଗର ସ୍ତରୀୟ ଯାଞ୍ଚ କମିଟି ପାଖରେ ଦାଖଲ କରାଯିବ। ଆବଶ୍ୟକ ପଡ଼ିଲେ କମିଟି ଅଭିଯୋଗ ପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଇବେ। କମିଟି ରିପୋର୍ଟ ବା କ୍ଷେତ୍ରସ୍ତରୀୟ ଯାଞ୍ଚ ରିପୋର୍ଟ ଉପରେ ଆଧାରକରି କମିଟି ଆବେଦନକାରୀଙ୍କ ଯୋଗ୍ୟତା ବିଷୟରେ ନିଷ୍ପତ୍ତି ନେବେ। ଏହାପରେ କମିଟି ପକ୍ଷରୁ ଯାଞ୍ଚ ରିପୋର୍ଟ ସହ ଜିଲାସ୍ତରୀୟ କିମ୍ବା ନଗର ନିଗମ ସ୍ତରୀୟ ଯାଞ୍ଚ କମିଟି ନିକଟକୁ ପଠାଇବେ। ଜିଲା କିମ୍ବା ନଗର ନିଗମସ୍ତରରେ ଅନୁମୋଦନର ଶେଷ ନିଷ୍ପତ୍ତି ନିଆଯିବ। ହିତାଧିକାରୀମାନେ ସୁଭଦ୍ରା ୱେବ୍ ପୋର୍ଟାଲରେ ସେମାନଙ୍କ ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ପାଇପାରିବେ।

**ଆଜିର ସମ୍ପାଦକୀୟ** | ଅନ୍ୟାୟ୍ୟ ବଣ୍ଟା ହେଉଛି




# ସିବିଏସ୍‌ଇର ନୂଆ ନିୟମ

**ଗୋଟିଏ ସ୍କୁଲରେ ୨ବର୍ଷ ପଢ଼ିଲେ ବୋର୍ଡ ପରୀକ୍ଷା ପାଇଁ ଯୋଗ୍ୟ ହେବେ**

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସୋମବାର ନୂଆ ନିୟମ ଜାରି କରିଛି। ଏଣିକି ବୋର୍ଡ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ କ୍ରମାଗତ ଦୁଇବର୍ଷ ଗୋଟିଏ ସ୍କୁଲରେ ପଢ଼ିବାକୁ ପଡ଼ିବ। ଏଥିସହ ଦଶମ ଓ ଦ୍ୱାଦଶ ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ ଭାବେ ଆଉ ୬ଟି ସର୍ତ୍ତାବଳୀ ପୂରଣ କରିବାକୁ ପଡ଼ିବ। ☞ପୃଷ୍ଠା-୨

# ପୃଥିବୀ ଆଡ଼କୁ ବଢ଼ୁଛି କୁତବମିନାର ଆକୃତିର କ୍ଷୁଦ୍ରଗ୍ରହ

ୱାଶିଂଟନ୍, ୧୫।୯



ଆସନ୍ତା ୧୮ରେ ଏକ ବିରଳ ମହାଜାଗତିକ ଘଟଣା ଘଟିବାକୁ ଯାଉଛି। ୨୦୨୫ ଏଫ୍‌ଏ ୨୨ ନାମକ ଏକ କ୍ଷୁଦ୍ରଗ୍ରହ ପୃଥିବୀ ନିକଟ ଦେଇ ଅତିକ୍ରମ କରିବ ବୋଲି ସୋମବାର ଆମେରିକୀୟ ମହାକାଶ ସଂସ୍ଥା 'ନାସା' ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପ୍ରତି ନାସାର ସେଣ୍ଟର ଫର୍ ନିୟର୍ ଆର୍ଥ ଅବଜେକ୍ଟ ଷ୍ଟଡିଜ୍ (ସିଏନ୍‌ଇଓଏସ୍) ଏବଂ ଜେଟ୍ ପ୍ରପଲସନ୍ ଲାବୋରେଟୋରି (ଜେପିଏଲ୍) ଦ୍ୱାରା ଏହି କ୍ଷୁଦ୍ରଗ୍ରହର ଗତିପଥକୁ ଟ୍ରାକ୍ କରାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକାର ହାୱାଇସ୍ଥିତ 'ପ୍ୟାନ୍-ଷ୍ଟାର୍ସ ୨ ସର୍ଭେ' ଦ୍ୱାରା ଏହି କ୍ଷୁଦ୍ରଗ୍ରହକୁ ଆବିଷ୍କାର କରାଯାଇଥିଲା। ଏହାର ବ୍ୟାସାର୍ଦ୍ଧ ୧୨୦ରୁ ୨୮୦ ମିଟର ମଧ୍ୟରେ ହୋଇପାରେ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଏହି ଦୃଷ୍ଟିକୋଣରୁ ଏଫ୍‌ଏ ୨୨ ଦିଲ୍ଲୀରେ ଥିବା ପ୍ରସିଦ୍ଧ ଦର୍ଶନୀୟ ସ୍ଥଳୀ କୁତବମିନାରଠାରୁ ସର୍ବନିମ୍ନ ୨ ଗୁଣା ଏବଂ ସର୍ବାଧିକ ୪ ଗୁଣା ଉଚ୍ଚ ହେବ। ଏହି ଆଷ୍ଟରଏଡ୍ ସୂର୍ଯ୍ୟଙ୍କ ଚାରିପାଖରେ ଏକ ସାମାନ୍ୟ ଢଳିଥିବା କକ୍ଷପଥରେ ଘୂରିଥାଏ। ଏହାର କକ୍ଷପଥର ଅବଧି ପ୍ରାୟ ୧.୮୫ ବର୍ଷ ରହିଛି। ଆସନ୍ତା ୧୮ରେ ଏହି କ୍ଷୁଦ୍ରଗ୍ରହ ପୃଥିବୀଠାରୁ ପ୍ରାୟ ୮ ଲକ୍ଷ ୪୨ ହଜାର କି.ମି. ଦୂର ଦେଇ ଅତିକ୍ରମ କରିବ। ଉକ୍ତ ଦୂରତା ଚନ୍ଦ୍ରଠାରୁ ପୃଥିବୀର ଦୂରତା ତୁଳନାରେ ୨ ଗୁଣ ଅଧିକ। ଇଣ୍ଟରନ୍ୟାଶନାଲ ଆଷ୍ଟରଏଡ୍ ୱାର୍ନିଂ ନେଟ୍‌ୱର୍କ (ଆଇଏଡବ୍ଲ୍ୟୁଏନ୍) ସମ୍ପ୍ରତି ଉଭୟ ରାଡାର ଏବଂ ଶକ୍ତିଶାଳୀ ଅପ୍ଟିକାଲ ଟେଲିସ୍କୋପର ବ୍ୟବହାର କରି ଏଫ୍‌ଏ୨୨ କ୍ଷୁଦ୍ରଗ୍ରହର କକ୍ଷପଥ ଏବଂ ଗଠନକୁ ନେଇ ଅଧ୍ୟୟନ ଜାରି ରଖିଥିବା ନାସା ସୂଚନା ଦେଇଛି। ତେବେ ଏଫ୍‌ଏ୨୨ ପୃଥିବୀ ନିକଟ ଦେଇ ଅତିକ୍ରମ କରିବା ପ୍ରଭାବରେ କୌଣସି ବିପଦ ଆଶଙ୍କା ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବିକ୍ଷୋଭ: ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

**ପୁରୀ**
- ନିମାପଡ଼ା ଏନ୍‌ଏସି ଓ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଶହୀଦ ଦିବସ ପାଳନ ସମାରୋହ ଓ ମଶାଲ ଶୋଭାଯାତ୍ରା, ସ୍ଥାନ: ଥାନା ସମ୍ମୁଖ ଶହୀଦ ପଡ଼ିଆ, ସମୟ: ଅପରାହ୍ନ ୩ଟା ।

**ବାଲେଶ୍ୱର**
- ନୂତନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ।
- ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ ଭବନ, ପଟୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ।

**ଭଦ୍ରକ**
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭଟ୍ଟସାହି ପଞ୍ଚାୟତ ଅଫିସ୍, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ।

**କେନ୍ଦୁଝର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମହକ ଆଣ୍ଡ ଉତ୍ସାହ ଉଦ୍‌ଯାପନ, ସ୍ଥାନ: ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା ।

**ମୟୂରଭଞ୍ଜ**
- ଶିଶୁ ମହୋତ୍ସବ ମହକ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା ।

**ବ୍ରହ୍ମପୁର**
- କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ନାଇପର ପ୍ରତିଷ୍ଠା ପାଇଁ ରାଲି, ସ୍ଥାନ: ହିଲପାଟଣା ଗଣେଶ ମନ୍ଦିର, ସମୟ: ଅପରାହ୍ନ ୩ଟା ।

**ଗଞ୍ଜାମ**
- ଏକ୍‌ପେଡ୍ ମା' କେ ନାମ୍ କାର୍ଯ୍ୟକମ, ସ୍ଥାନ: ପାତ୍ରପୁର ବ୍ଲକ୍ ପୋଡାଡିଗି , ସମୟ: ସକାଳ ୮ଟା ।
- ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ରାଜସ୍ୱ ସମ୍ମିଳନୀ, ସ୍ଥାନ: ଛତ୍ରପୁର ରଷିକୂଲ୍ୟା ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ ଟା ୧୫ ।
- ଏକ୍‌ପେଡ୍ ମା' କେ ନାମ୍, ସ୍ଥାନ: କୁକୁଡାଖଣ୍ଡି ବ୍ଲକ୍ ବୋରିଗାଁ, ସମୟ: ଅପରାହ୍ନ ୨ ଟା ।
- ମିଳିତ କ୍ରିୟାନୁଷ୍ଠାନ ରାଲି ଓ ସ୍ମାରକପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା ।

**ଅନୁଗୋଳ**
- ସ୍ୱଚ୍ଛତା ପକ୍ଷ ପାଳନ ଦିବସରେ ଶପଥ ପାଠ, ସ୍ଥାନ: ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ଆଠମଲ୍ଲିକ କଲ୍ୟାଣ ମଣ୍ଡପ: ସମୟ : ସକାଳ ୮ଟା ।

**କେନ୍ଦ୍ରାପଡ଼ା**
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

**ନୟାଗଡ଼**
- ବିମଳାଙ୍କ ଷୋଡଶ ପୂଜାର ତୃତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।

**ରାୟଗଡ଼ା**
- ମହିଳାଙ୍କୁ ମିଲେଟ ତିଆରି ସାମଗ୍ରୀ ପାଇଁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋକୁଲମୁଣ୍ଡା ଗ୍ରାମ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା ।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଡାଙ୍ଗ ସୋରଡ଼ା ଶିବ ମନ୍ଦିର ପଡ଼ିଆ, ଚନ୍ଦ୍ରପୁର, ସମୟ: ରାତି ୧୦ଟା ।

**କୋରାପୁଟ**
- କୋଟ୍‌ସ ଓ ଇଗ୍ନୋ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: କୋଟସ ସେମିନାର ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ମାଲକାନଗିରି**
- ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପରିଷଦ ବୈଠକ, ସ୍ଥାନ: ମାଲକାନଗିରି ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ସମ୍ବଲପୁର ରାମଲୀଳା ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ।

**ବଲାଙ୍ଗୀର**
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ଓଜନ ଦିବସ ପାଳନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା ।

**ରାଉରକେଲା**
- ଗାୟତ୍ରୀ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ପୀଠ, ସମୟ: ସକାଳ ୫ଟା ୩୦ ।
- ହୋମିଓପାଥି କଲେଜରେ ରକ୍ତଦାନ ଶିବିର, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା ।
- ମ୍ୟୁନିସିପାଲ କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ଜେଲ୍ ରୋଡ୍, ରାଉରକେଲା, ସମୟ: ଅପରାହ୍ନ ୫ଟା ୩୦ ।

**ସୁନ୍ଦରଗଡ଼**
- ଜିଲା ପରିଷଦ ବୈଠକ,ସ୍ଥାନ:ବିକାଶ ଭବନ, ସୁନ୍ଦରଗଡ,ସମୟ:ପୂର୍ବାହ୍ନ୧୦ଟା ୩୦ ।
- ଜିଲା ସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା ୩୦ ।
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର,ସ୍ଥାନ:ମାହେଶ୍ୱରୀ ବିଜ୍ଞାନ ଓ କଳା ମହାବିଦ୍ୟାଳୟ, ଶଙ୍କରା,ସୁନ୍ଦରଗଡ,ସମୟ: ଅପରାହ୍ନ ୩ଟା୩୦ ।
- ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତିର ପ୍ରଥମ ଗଭର୍ଣ୍ଣିଂ ବଡି ମିଟିଂ, ସ୍ଥାନ: ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ସମୟ:ଅପରାହ୍ନ ୪ଟା ।

**ବରଗଡ଼**
- ଅଭିଭାବକ ସଂଘର ଧାରଣା, ସ୍ଥାନ: ଦଧିବାମନ ହାଇସ୍କୁଲ, କୁମେଲସିଂହା, ଅତାବିରା, ସମୟ: ସକାଳ ୯ଟା ୩୦ ।
- ବୀର ମନୋହର ସିଂଙ୍କ ବଳିଦାନ ଦିବସ, ସ୍ଥାନ: ଚିତାଖାଇ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବିରେ ଚାଷୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।

**କଳାହାଣ୍ଡି**
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ମର୍କି ଫୋଟୋ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା ।

**ବୌଦ୍ଧ**
- ଏକ ପେଡ୍ ମାଁ କେ ନାମ୍ ସଚେତନତା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା ।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ବ୍ଲକସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ମା' ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ ପରିସର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ।
- ଷୋହଳ ପୂଜାର ତୃତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର କର୍ଡାପାଲ, ମୁର୍ଷୁଣ୍ଡି ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା ।
- ଦେବିବୁଢ଼ୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବହଳପଦର ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା ।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫ ।
- ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିରରେ ମହାଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

**ନୂଆପଡ଼ା**
- ଷଷ୍ଠତମ ରୟାଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଖେଳପଡିଆ, ସମୟ: ଅପରାହ୍ନ ୩ଟା ।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଦିବସ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ତୃତୀୟସ୍ଥ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ । ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ଲାଭକରିବେ । ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ନେବାର ଯୋଜନା କାର୍ଯ୍ୟକାରୀ ହେବ । ତର୍କବିତର୍କକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ସୃଷ୍ଟି ହୋଇପାରେ ।

**ବୃଷ**
ଭାଗ୍ୟାଧିପ ଏକାଦଶସ୍ଥ ଯୋଗୁ ଅର୍ଥ ଓ ସମ୍ମାନ ମିଳିବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ଅପ୍ରିୟ ସତ୍ୟ ଭାଷଣ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତପାର୍ଥକ୍ୟ ସୃଷ୍ଟିକରିବ । ରାଜନୈତିକ ଓ ପ୍ରଶାସନିକ ସ୍ତରରେ ବିଚାରବିମର୍ଶ ସହ ତତ୍ପରତା ବଢ଼ିପାରେ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବା ଆଶା ରହିଛି ।

**ମିଥୁନ**
ରାଶିରେ ଧନକର୍ମାଧିପତିଙ୍କ ସଂଯୋଗ ହେତୁ କର୍ମାରମ୍ଭ ସକାଶେ ଜୋର୍‌ସୋରରେ ପ୍ରସ୍ତୁତି ଚଳାଇ ପାରନ୍ତି । ବନ୍ଧୁ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟ ପ୍ରୀତିପ୍ରଦ ହେବ । ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ଅଫିସିଆଲି କାମରେ କେତେକ ଘଟଣା ମୁଣ୍ଡବିନ୍ଧାର କାରଣ ପାଲଟିଯାଇପାରେ ।

**କର୍କଟ**
ରାହୁଦୃଷ୍ଟ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବହେଳାକରି ଅନୁତପ୍ତ ହେବେ । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ । ପରିବାରର ଆବଶ୍ୟକତା ପୂରଣ ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି । ସାମାଜିକ ସ୍ତରରେ ପ୍ରଶଂସିତ ହେବା ସହ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ସିଂହ**
ସ୍ୱଗୃହୀ ରବିଙ୍କ ଯୋଗୁ ଦକ୍ଷତା ଓ ବଳିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ସ୍ତରରେ ସମ୍ମାନର ଶୀର୍ଷକୁ ନେବାରେ ସାହାଯ୍ୟ କରିବ । ସ୍ୱାସ୍ଥ୍ୟରେ ଉନ୍ନତି ସହ କାର୍ଯ୍ୟହାସଲରେ ଆନନ୍ଦ ଅନୁଭବ କରିବେ । ଉପରିସ୍ଥଙ୍କ ଆଦେଶରେ ନୂତନ ଦାୟିତ୍ୱ ହାତକୁ ନେବେ । ଆଜିର ଯାତ୍ରା, ପ୍ରଶାସନ ଓ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ ।

**କନ୍ୟା**
ବୁଧ ରାଶିରେ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧିରୁ କାମ ହାସଲକରିବେ । କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି । ରାଜନୈତିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମର ପରିସ୍ଥିତି ଗମ୍ଭୀର ରହିବ । ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆବଶ୍ୟକ ସାହାଯ୍ୟ କରିବେ ।

**ତୁଳା**
ଦଶମ କେନ୍ଦ୍ରରେ ବୃହସ୍ପତିଙ୍କ ଯୋଗୁ ଆପଣଙ୍କର ଅନୁକମ୍ପାର ଆବଶ୍ୟକତାକୁ ନେଇ ସମ୍ପର୍କୀୟ ଆଶାୟୀ ହେବେ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ କ୍ଷେତ୍ରରୁ ଉପକୃତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ଫଳରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ । ପାରିବାରିକ ସ୍ଥିତି ପୂର୍ବପରି ରହିବା ସହ ଯାତ୍ରା, ଆଲୋଚନା, ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିପାରନ୍ତି ।

**ବିଛା**
ଗୁରୁ ଦୃଷ୍ଟିରେ ମଙ୍ଗଳ ଯୋଗୁ ସଂଯମ ଚିନ୍ତାଧାରା ସହ ଦୁଃସାହସିକ ପଦକ୍ଷେପ କାର୍ଯ୍ୟ ହାସଲରେ ସହାୟକ ହେବ । ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ ଆଶାଜନକ ଖବର ପାଇ ଖୁସିହେବେ । ବନ୍ଧୁଙ୍କ ସହ ଆଳାପରେ ସମୟ କଟିପାରେ । ସଭାସମିତି, ଜମିଜମା କାରବାରରେ ସମସ୍ୟାର ସରଳ ସମାଧାନ କରିପାରିବେ ।

**ଧନୁ**
ଚନ୍ଦ୍ର ସହ ଗୁରୁଙ୍କ ଦୃଷ୍ଟି କାରଣରୁ ଦୀର୍ଘଦିନର ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିବେ । ଆଜିର ଦୂରଯାତ୍ରା ସଫଳ ହେବ । ନୂତନ ଜିନିଷ ଲାଭକରି ପରିବାରରେ ଆଦରଣୀୟ ହେବେ । ପଡ଼ୋଶୀଙ୍କ କଳହ ମାନସିକ ଅଶାନ୍ତିର କାରଣ ହୋଇପାରେ । ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ପାଇ ଏକ ପ୍ରକାର ଖୁସି ରହିପାରନ୍ତି ।

**ମକର**
କୋଣଭାବକୁ ମଙ୍ଗଳଙ୍କ ଦୃଷ୍ଟିରୁ ଦୁଶ୍ଚିନ୍ତା ଦୂରେଇଯିବା ସହ କାମ ହାସଲକରିବେ । ପାରସ୍ପରିକ ବୁଝାମଣା ପାରିବାରିକ ଜୀବନରେ ଆଶାର ଆଲୋକକୁ ପ୍ରଜ୍ୱଳିତ କରିବ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ । ପ୍ରତ୍ୟାବର୍ତ୍ତନ ପଥରେ ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି ।

**କୁମ୍ଭ**
ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟରେ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟକାରୀ ମନୋବୃତ୍ତିରୁ ଖୁସି ହେବେ । କିଛି ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ କଟିବ । ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ବ୍ୟବସାୟରେ ସଫଳତା ହାସଲକରିବେ, କିନ୍ତୁ ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟିକରିପାରେ ।

**ମୀନ**
ସପ୍ତମ କେନ୍ଦ୍ରସ୍ଥ ବୁଧଙ୍କ ଯୋଗୁ ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ । କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନାରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ ।

ଆଜି ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ୍ ଦିବସ, ଆଶ୍ୱିନ କୃଷ୍ଣ ଦଶମୀ ମଙ୍ଗଳବାର । ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ ମହାଳୟା ବିଧିରେ କରାଯିବ । ଦିବା ଘ.୦୫।୩୭ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୨।୪୩ ଗତେ, ଘ. ୦୪।୧୪ ମଧ୍ୟେ ରାହୁକାଳ ।

## ବିପଦପୂର୍ଣ୍ଣ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ: ମନ୍ତ୍ରୀ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

ଏଣିକି ବିପଦପୂର୍ଣ୍ଣ ଗାଡ଼ି ଡ୍ରାଇଭିଂ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିଦିଆଯିବ । ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ ରାଜ୍ୟ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି । ରିଲ୍ସ ନାଁରେ ଯେଉଁମାନେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ଉପରେ କଡା ନଜର ରଖାଯିବ । ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିମାନଙ୍କ ଉପରେ ମଧ କଡା ନଜର ରହିବ । ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟର ସମସ୍ତ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଗାଡି ଜବତ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଏବଂ ଜରିମାନା ଆଦାୟ କରିବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରୁ ରିଲ୍ସ କରିବା ନିଶାରେ ବେପରୁଆ ଗାଡି ଡ୍ରାଇଭିଂ କରୁଥିବାର ଏକାଧିକ ଭିଡିଓ ନଜରକୁ ଆସୁଛି । ଗୋଟିଏ ଘଟଣା ଏପରି ଯେ ବେପରୁଆ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ନାଁରେ ଗାଡିର କାଗଜପତ୍ର ନାହିଁ । ତେଣୁ ଏଭଳି ଘଟଣା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦିଆଯାଇଛି । ସେକ୍ସନ ୫୩ ଆଇନ ଅନୁଯାୟୀ ଯେଉଁମାନେ ଏଭଳି ଦଣ୍ଡନୀୟ କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ ଜାମିନ୍ ବିହୀନ ପରୱାନା ସାଙ୍ଗକୁ ମୋଟା ଅଙ୍କର ଜରିମାନା ଆଦାୟ ପାଇଁ ନିଷ୍ପତ୍ତି ନିଆଯାଇଛି ।

## ନୂଆପଡ଼ା ଉପନିର୍ବାଚନ: ରାଜନୈତିକ ଦଳଙ୍କ ସହ ସିଇଓଙ୍କ ବୈଠକ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ନୂଆପଡ଼ାରେ ହେବାକୁ ଥିବା ସମ୍ଭାବ୍ୟ ଉପନିର୍ବାଚନକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ସୋମବାର ଅପରାହ୍ନରେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସିଇଓ କହିଛନ୍ତି, ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜୁଲାଇ ପହିଲାକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ ଓଡ଼ିଶାର ୭୧-ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସମ୍ଭାବ୍ୟ ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାକୁ ନେଇ ସବୁ ରାଜନୈତିକ ଦଳ ସେମାନଙ୍କର ପ୍ରତିନିଧି ତୁରନ୍ତ ଦେବା ଆବଶ୍ୟକ । ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଯେତେ ଶୀଘ୍ର ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯିବ, ସେତେଶୀଘ୍ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରାଯାଇପାରିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଏସ୍‌ଏସ୍‌ଆର୍ ପୂର୍ବରୁ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି । ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୪୮ହଜାର ୨୫୬ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରେ ପୁରୁଷ ବର୍ଗର ୧ଲକ୍ଷ ୨୧ହଜାର ୧୦୩ଜଣ ରହିଥିବାବେଳେ ମହିଳା ବର୍ଗର ୧ଲକ୍ଷ ୨୬ହଜାର ୧୩୨ଜଣ ମତଦାତା ରହିଛନ୍ତି । ଏହାବାଦ୍ ୨୧ଜଣ ତୃତୀୟଲିଙ୍ଗ ବର୍ଗର ରହିଛନ୍ତି । ବୈଠକରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା । ବୈଠକରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର ଓ ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସହିତ ଅନ୍ୟାନ୍ୟ ଦଳର ପ୍ରତିନିଧି ଓ ସିଇଓଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାଲଟା ଅଭିଯୋଗକଲେ ନିଲମ୍ବିତ ଶିକ୍ଷୟିତ୍ରୀ

ବେତନଟୀ/ବୈଶିଙ୍ଗା,୧୫।୯
(ଧରଣୀଧର ମହାନ୍ତି/ରତନ ଦାଶ)

**ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ପିଲାଙ୍କୁ ନିଷ୍ଠୁକ ମାଡ଼ ମାରିବା ଘଟଣା**

ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ୩୦ଜଣ ଛାତ୍ରୀଛାତ୍ରଙ୍କୁ ବାଉଁଶବାଡ଼ିରେ ନିଷ୍ଠୁକ ମାଡ଼ମାରି ଆହତ କରିବା ଅଭିଯୋଗରେ ନିଲମ୍ବିତ ଶିକ୍ଷୟିତ୍ରୀ ଘଟଣାର ୨ଦିନ ପରେ ସୋମବାର କେତେଜଣ ଅଭିଭାବକଙ୍କ ନାଁରେ ବୈଶିଙ୍ଗା ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ଅଭିଭାବକମାନେ ସୋମବାର ତାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଓ ତାଙ୍କ ଶ୍ୱଶୁର ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଏବଂ ଧମକଚମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି । ଏ ସଂକ୍ରାନ୍ତରେ ଥାନାଧିକାରୀ ବାରିଣୀ ଦାସ ଏକ ମାମଲା (ନଂ. ୪୭୧/୨୫) ରୁଜୁ କରିଛନ୍ତି । ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ସୂଚନା ଅନୁଯାୟୀ, ବେତନଟୀ ବ୍ଲକ୍ ଅଧୀନ ପାଟଳିପୁରା ପଞ୍ଚାୟତ ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି କର ଗତ ଗୁରୁବାର ବିଦ୍ୟାଳୟରେ ପ୍ରାର୍ଥନା ସରିବା ପରେ ପ୍ରଣାମ ନ କରିବାରୁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୩୦ ଜଣ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମ୍‌କୁ ଯାଇ ଏକ ବାଉଁଶବାଡ଼ିରେ ନିଷ୍ଠୁକ ମାଡ଼ମାରି ଆହତ କରିଥିଲେ । ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା ହେବା ସହ ଅଭିଭାବକମାନେ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଇଓ ବିପ୍ଳବ କର ବିଦ୍ୟାଳୟରେ ପହଞ୍ଚି ତଦନ୍ତକରି ଚିଠି ନଂ.୨୫୭୭/୧୩।୯।୨୫ରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଛ ମୁଁ କାଟିଲି ଖଣ୍ଡିଖଣ୍ଡିକା**
**ମଝି ଖଣ୍ଡି କଲି ଭଜା**
**ତୁ ମତେ କହୁ ବିଟପୀ ନାରୀ**
**ପରାସ କରି ନ ଯା ।**

ବିଶ୍ୱାସ ଓ ଭରସା ଉପରେ ପ୍ରତିଷ୍ଠିତ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ । ମାତ୍ର ଯେତେବେଳେ ଜଣେ ଅନ୍ୟଜଣଙ୍କୁ ଅବିଶ୍ୱାସ କରିବା ଆରମ୍ଭ କରିଦିଏ ସେତେବେଳେ ତୁଟିଯାଏ ଭରସା, ବେଶିଦିନ ରହିପାରେ ନାହିଁ ଆଗର ସେ ସମ୍ପର୍କ । ସେହିପରି ସ୍ତ୍ରୀର ଚରିତ୍ର ଉପରେ ସ୍ୱାମୀ ଯଦି ସନ୍ଦେହ କରି ବସେ ତା'ହେଲେ ସ୍ତ୍ରୀର ବିବଶତା ବହୁ ପରିମାଣରେ ବଢ଼ିଯାଇଥାଏ ଓ ଏହାକୁ ସହ୍ୟ କରିବା ତା'ପକ୍ଷେ ଅସମ୍ଭବ ହୋଇପଡ଼ିଥାଏ । ଏପରି ସ୍ଥିତିରେ ପ୍ରବାସୀ ସ୍ୱାମୀକୁ ଘରେ ରହିବା ନେଇ ସ୍ତ୍ରୀ ପ୍ରବର୍ତ୍ତାଉ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ମତେ ନ ବୋଲିବ ବୁଢ଼ୀ**
**ମୁଁ ବଅସରେ ପାଞ୍ଚ କୋଡ଼ି ।**

ମହିଳାମାନେ ସାଧାରଣତଃ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି । ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ଜଣକ ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ୧୨ ଜିଲାରେ...

ପ୍ରଥମ ପୃଷ୍ଠାରୁ...

ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି ବୋଲି ସେ କହିଛନ୍ତି । ଏକ୍ ପେଡ୍ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତ ଉଦ୍ୟୋଗୀ ତଥା ଶିଳ୍ପାନୁଷ୍ଠାନ ନିଜ ଅଞ୍ଚଳରେ ଯେତେ ଅଧିକ ସମ୍ଭବ ଚାରାରୋପଣ କରନ୍ତୁ । ବିକାଶ ଓ ପରିବେଶ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବା ଉଚିତ । ଆସନ୍ତା୧୭ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନହେବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ ରାଜ୍ୟବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ନିଷ୍ପତ୍ତି କରିଛନ୍ତି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ବର୍ତ୍ତମାନ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଭରସା ଓ ବିଶ୍ୱାସ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି, ଯାହାର ଇଚ୍ଛା ଓ ଦୃଢ଼ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବେ । ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି, କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ । ଏହି ଭରସାରେ ରାଜ୍ୟ ସରକାର ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ । ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ ।

## ସିବିଏସ୍‌ଇର ନୂଆ ନିୟମ...

ଚଳିତବର୍ଷରୁ ଏହା ଲାଗୁ ହେବ । ସର୍ତ୍ତାବଳୀ ବା ନିୟମ ପାଳନ କରୁ ନ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ସାନ୍ୟମ ଭରଦ୍ୱାଜଙ୍କ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ କରାଯାଇଛି । ସେଥିଲେ ଉଲ୍ଲେଖ କରାଯାଇଛି ଯେ, ଦଶମ ପରୀକ୍ଷା ପାଇଁ ସେହି ସ୍କୁଲରେ ନବମ ଶ୍ରେଣୀ ପଢ଼ିବାକୁ ପଡ଼ିବ । ସେହିପରି ଦ୍ୱାଦଶ ପରୀକ୍ଷା ପାଇଁ ଏକାଦଶ ପଢ଼ିବାକୁ ବାଧ୍ୟତାମୂଳକ କରାଯାଇଛି । ସ୍କୁଲରେ ଅତିକମ୍‌ରେ ୭୫% ଉପସ୍ଥାନର ଆବଶ୍ୟକତା ରହିଛି । ସିବିଏସ୍‌ଇ ଦ୍ୱାରା ପ୍ରଦତ୍ତ ସମସ୍ତ ବିଷୟରେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନକୁ ପ୍ରାଧାନ୍ୟ ଦିଆଯାଇଛି । ପିଲାମାନେ ସ୍କୁଲରେ ଅନୁପସ୍ଥିତ ଥିଲେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କରାଯାଇପାରିବ ନାହିଁ । ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ହୋଇ ନ ଥିଲେ ରେଜଲ୍ଟ ଘୋଷଣା କରାଯିବ ନାହିଁ । ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଦୁଇଟି ଅତିରିକ୍ତ ବିଷୟ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ ଅତିରିକ୍ତ ବିଷୟ ବାଛିବାର ବିକଳ୍ପ ପାଇବେ । କିନ୍ତୁ ଏହି ବିଷୟଗୁଡ଼ିକୁ ମଧ ଉଭୟ ବର୍ଷ ପାଇଁ ପଢ଼ିବାକୁ ପଡ଼ିବ । ଯେଉଁ ବିଷୟଗୁଡ଼ିକ ସ୍କୁଲରେ ଉପଲବ୍ଧ ନାହିଁ କିମ୍ବା ସ୍ୱତନ୍ତ୍ର ଶିକ୍ଷକ ନାହାନ୍ତି, ସେହି ବିଷୟଗୁଡିକୁ ବୋର୍ଡ ପରୀକ୍ଷାରେ ସାମିଲ କରାଯିବ ନାହିଁ । ଯଦି ଜଣେ ଛାତ୍ର ତାଙ୍କ ଅତିରିକ୍ତ ବିଷୟରେ ବିଫଳ ହୁଅନ୍ତି, ତେବେ ତାଙ୍କୁ 'କମ୍ପାର୍ଟମେଣ୍ଟ' କିମ୍ବା 'ଆବଶ୍ୟକୀୟ ପୁନରାବୃତ୍ତି' ଦିଆଯିବ । ସେ ପରବର୍ତ୍ତୀ ଥର ବ୍ୟକ୍ତିଗତ ପ୍ରାର୍ଥୀ ହୋଇ ପୁଣି ଥରେ ପରୀକ୍ଷା ଦେଇପାରିବେ । ଏହି ନିୟମଗୁଡିକ ପୂରଣ ନ କଲେ, ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାରେ ବ୍ୟକ୍ତିଗତ ପ୍ରାର୍ଥୀ ଭାବେ ଅତିରିକ୍ତ ବିଷୟ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ।

## ୱାକ୍‌ଫ: ଜିଲାପାଳଙ୍କ...

ଥିବା ବ୍ୟବସ୍ଥା ଉପରେ ମଧ ରୋକ୍ ଲଗାଯାଇଛି । ଉପଯୁକ୍ତ ଅଧିକାରୀ ଉକ୍ତ ସମ୍ପତ୍ତିକୁ ଯଦି ସରକାରୀ ସମ୍ପତ୍ତି ଭାବେ ନିର୍ଦ୍ଧାରଣ କରନ୍ତି, ତେବେ ସେ ରାଜସ୍ୱ ରେକର୍ଡରେ ଆବଶ୍ୟକ ସଂଶୋଧନ କରାଇବା ସହ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଲାଗୁ ହୋଇଛି । ସେହିପରି ଟ୍ରିବ୍ୟୁନାଲ ଦ୍ୱାରା ବିବାଦୀୟ ସମ୍ପତ୍ତିର ମାଲିକାନା ହକ୍ ସମ୍ପର୍କରେ ଚୂଡ଼ାନ୍ତ ନିର୍ଦ୍ଧାରଣ ନ ହେବା ଯାଏ ଅପିଲ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ, ତୃତୀୟ ପକ୍ଷ ଅଧିକାର ସୃଷ୍ଟି ହେବାକୁ ଦିଆଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ଧାରା ୨୩ ଅନୁଯାୟୀ ସଂଶୋଧିତ ଆଇନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତାଙ୍କ ସେବା ସର୍ତ୍ତାବଳୀ ଉପରେ ଅଦାଲତ ସ୍ଥଗିତାଦେଶ ଲଗାଇ ନ ଥିବାବେଳେ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯଥାସମ୍ଭବ ମୁସଲମାନ ସମ୍ପ୍ରଦାୟରୁ ସମ୍ପାଦକ ପଦବୀରେ ରହିଥିବା ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି ।




# ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୯ (ରବିନାରାୟଣ ଜେନା)**

ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଏକାଦଶତମ ନିଯୁକ୍ତି ମେଳାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ସେ କହିଛନ୍ତି, ଲୋକଙ୍କ ସେବା ହିଁ ପ୍ରକୃତ ସେବା। ସରକାରୀ ଚାକିରି କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରି ନ ଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା ଉଚିତ। ସଚ୍ଚୋଟତାକୁ କର୍ମସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ କରିପାରିଲେ ଅସୀମିତ ଆତ୍ମସନ୍ତୋଷ ମିଳିଥାଏ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ଆପଣଙ୍କ ପାଇଁ ସବୁଠାରୁ ବଡ଼ ପୁଞ୍ଜି ହେବ ବୋଲି ନବନିଯୁକ୍ତଙ୍କୁ ସେ କହିଛନ୍ତି।

ଏହି ନିଯୁକ୍ତିମେଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧,୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସାମ୍ପ୍ରତିକ ସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ରୋଜଗାର ବିଶେଷ ଭାବେ ନିଯୁକ୍ତି ବୋଲି କହିଛନ୍ତି। ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଏବକକୁ ମିଶାଇ ସମୁଦାୟ ୩୦,୦୩୨ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ସରକାରୀ ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ପ୍ରତିଭା ଆଧାରରେ ଚୟନ କରାଯାଉଛି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଖୁସି ବ୍ୟକ୍ତକରି କହିଛନ୍ତି, ଆମ ସରକାରରେ ଯେତେ ବି ପରୀକ୍ଷା ହେଉଛି କୌଣସିଠାରେ ଦୁର୍ନୀତି ବା ଅନିୟମିତତାର ଅଭିଯୋଗ ଆସିନାହିଁ। ଯେତେବେଳେ ବି ସାମାନ୍ୟତମ ସୁରାକ ଆସୁଛି, ତା' ଉପରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମ ସରକାରର ଲକ୍ଷ୍ୟ ହେଉଛି, ସବୁ ପରୀକ୍ଷାର୍ଥୀଙ୍କୁ ଲେଭଲ ପ୍ଲେଇଂ ଫିଲ୍ଡ(ଏଲ୍‌ପିଏଫ୍) ପ୍ରଦାନ କରିବା, ଯାହାଦ୍ୱାରା କେବଳ ଯୋଗ୍ୟ ପ୍ରାର୍ଥୀ ହିଁ ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମ ସରକାର ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପୂରଣ କରିଥାନ୍ତି। ଆମର ଲକ୍ଷ୍ୟ ରହିଛି ୫ ବର୍ଷରେ ୧.୫୦ ଲକ୍ଷ ନିଯୁକ୍ତି ପ୍ରଦାନ। ଆଜି ସୁଦ୍ଧା ୩୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରାଗଲାଣି। ପାଞ୍ଚ ବର୍ଷ ଭିତରେ ଆମେ ଖାଲିଥିବା ସମସ୍ତ ପଦବୀ ପୂରଣ କରିବୁ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଆମ ସରକାର ଆସିବା ପରେ ପ୍ରତିବଦ୍ଧତାର ସହ ଆମେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିଯୁକ୍ତି ମେଳା ମାଧ୍ୟମରେ ଉଦ୍ୟମ ଜାରି ରଖିଛୁ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ। କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

- **ଏକାଦଶ ନିଯୁକ୍ତି ମେଳାରେ ୧,୬୮୬ ଜଣଙ୍କୁ ନିଯୁକ୍ତି**
- **୧୫ ମାସରେ ୧,୦୭,୯୨୬ ଜଣଙ୍କୁ ମିଳିଛି ସରକାରୀ ଓ ବେସରକାରୀ ନିଯୁକ୍ତି**

# ଦେବଦାସ ଛୋଟରାୟ ପାଇବେ 'ଶାରଳା ପୁରସ୍କାର'

**ଚିତ୍ରଶିଳ୍ପୀ ବଳଦେବ ମହାରଥୀ, ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**


କଥାକାର ଦେବଦାସ ଛୋଟରାୟ

**ଭୁବନେଶ୍ୱର, ୧୫।୯(ସୌମ୍ୟରଞ୍ଜନ ରାଉତ)**

ସାହିତ୍ୟରେ ଶ୍ରେଷ୍ଠ କୃତି ଲାଗି ଚଳିତବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ବିଶିଷ୍ଟ କବି ତଥା କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯିବ। ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ତାଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ପାଇଁ ସେ ଏହି ପୁରସ୍କାର ପାଇବେ। ଆସନ୍ତା ଅକ୍ଟୋବର ୨୬ରେ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୋମବାର ଘୋଷଣା କରାଯାଇଛି।

ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ସାମିଲ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ଦେବଦାସଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ସମେତ ଅପର୍ଣ୍ଣା ମହାନ୍ତିଙ୍କ କବିତା ସଙ୍କଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଙ୍କଳନ 'ଭୂମି ସ୍ପର୍ଶ', ପଙ୍କଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା' ଓ ଗଳ୍ପ ସଙ୍କଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥ୍ୱୀ' ଓ ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା' ରହିଥିଲା। ପ୍ରାଥମିକ ପୁସ୍ତକ ଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର।

ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା–ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ଘୋଷଣା ହୋଇଛି। ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ ଚଳିତବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।




# ରାଜ୍ୟରେ ସାର ଅଭାବ ନେଇ ରାଜଭବନ ଆଗରେ ବିଜେଡିର ଗଣଧାରଣା

## ସାର ଯୋଗାଣ ବ୍ୟବସ୍ଥିତ କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଦଳ


ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ବିଜେଡି ନେତୃବୃନ୍ଦ।

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)**

ରାଜ୍ୟରେ ସାରର ଅଭାବ ଯୋଗୁ ଚାଷୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗକରି ବିଜେଡି ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣାକରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନରେ ରୋକ ଲଗାଇବା ପାଇଁ ସାର ଯୋଗାଣ ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ପକ୍ଷରୁ ସୋମବାର ରାଜଭବନ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ବହୁ ସଂଖ୍ୟାରେ ଚାଷୀଙ୍କ ସମେତ ଦଳର ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ ସାରର କଳାବଜାର ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସାର ବ୍ୟାଗ୍ ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି। ଗତ ୨ ଦଶନ୍ଧିରେ ରାଜ୍ୟର କୃଷକମାନେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେ ବି ସୃଷ୍ଟିହୋଇ ନ ଥିଲା। ସାରର ଅଭାବ ଦେଖାଦେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ୨ ଥର ସମୀକ୍ଷା କଲେଣି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଛନ୍ତି, ହେଲେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ସାର ନ ପାଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ରାଜ୍ୟରେ ଖରିଫ ଧାନ ଉତ୍ପାଦନ ଅଧିକ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ବୋନସ ଦେବାକୁ ପଡ଼ିବ ବୋଲି ରାଜ୍ୟ ସରକାର ଖରିଫ ଉତ୍ପାଦନକୁ କମ୍ କରିବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ଏହାପରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜଭବନ ଭିତରକୁ ଯାଇ ସାରର ଅଭାବକୁ ନେଇ ଉପୁଜିଥିବା ସ୍ଥିତି ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା କୃଷକ ସେଲ୍ ଆବାହକ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଛନ୍ତି। ସ୍ମାରକପତ୍ରରେ ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ ସେନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ବିଜେଡି ପକ୍ଷରୁ ଲୋଡ଼ାଯାଇଛି।



ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ

# ଅନ୍ୟାୟ ବର୍ଷାହେଉଛି

ସମାଧାନ ନ ହୋଇ ପଡ଼ିରହିଥିବା ଅନେକ କୋଟି ମାମଲା ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥା ଭାରାକ୍ରାନ୍ତ ହୋଇଗଲାଣି। ଏହି ବିଷୟରେ ଅନେକ ଲେଖା ଓ ଆଲୋଚନା ଏବଂ ସମ୍ମିଳନୀ କରାଯାଉଥିବା ପରିଲକ୍ଷିତ ହେଉଛି। ଅନେକ ସମ୍ମିଳନୀରେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିମାନେ ଯୋଗଦେଇ ସରକାରୀ ବ୍ୟବସ୍ଥାକୁ ଦୋଷ ଦେଉଛନ୍ତି। ଅନ୍ୟପଟେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସହିତ ଅନ୍ୟ ମନ୍ତ୍ରୀମାନେ ନ୍ୟାୟାଳୟ ଏବଂ ବିଚାରପତିମାନଙ୍କ ଉପରେ ଅପାରଗତାର ଦୋଷ ଲଦୁଛନ୍ତି। ମୂଳକଥା ହେଉଛି ଯେ, ଏହି ଦୁଇ ଶକ୍ତିଶାଳୀ ଗୋଷ୍ଠୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ କିମ୍ବା ଲଢ଼େଇ ଫଳରେ ସାଧାରଣ ନାଗରିକ ଦେଶର ଆଇନ ବ୍ୟବସ୍ଥା ଉପରେ ବିଶ୍ୱାସ ହରାଇ ସାରିଲେଣି। 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ଢଗକୁ ସମସ୍ତେ ବିଶ୍ୱାସ କରିଗଲେଣି।

ନିକଟରେ ପ୍ରକାଶିତ ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ୍ (ଏନ୍‌ଜେଡିଜି) ତଥ୍ୟ ଅନୁଯାୟୀ, ୨୦୨୫ ଅଗଷ୍ଟ ଶେଷ ସୁଦ୍ଧା ଭାରତର ସୁପ୍ରିମକୋର୍ଟରେ ୮୮,୪୧୭ ମାମଲା ବିଚାର ନ ହୋଇ ପଡ଼ିରହିଛି। ଏହା ବ୍ୟତୀତ ଏନ୍‌ଜେଡିଜି ରିପୋର୍ଟରୁ ଜଣାପଡ଼େ ଯେ, ଦେଶର ବିଭିନ୍ନ ଜିଲା କୋର୍ଟ ଓ ହାଇକୋର୍ଟଗୁଡ଼ିକରେ ପାଖାପାଖି ୫ କୋଟି ୩୯ ଲକ୍ଷ ମାମଲାର ବିଚାର ହୋଇପାରି ନାହିଁ। ଏହିସବୁ ମାମଲାରେ ସବୁଠୁ ବଡ଼ ଲିଟିଗାଣ୍ଟ ବା ପକ୍ଷ ହେଉଛନ୍ତି ସରକାର ଏବଂ ପ୍ରାୟ ୫୦% ମାମଲା ସରକାରଙ୍କ ତରଫରୁ ହୋଇଛି। ସମ୍ପତ୍ତି ଓ ଜମିକୁ ନେଇ ସମୁଦାୟ ମାମଲାର ୨୦ ପ୍ରତିଶତ ରହିଥିବା ବେଳେ ବକେୟା ମାମଲାର ଏହା ହେଉଛି ପ୍ରାୟ ୬୬ ପ୍ରତିଶତ। ଉଲ୍ଲେଖନୀୟ ଯେ, ଦେଶର ସମସ୍ତ ଜିଲା କୋର୍ଟ ଓ ହାଇକୋର୍ଟରେ ୧,୮୦,୦୦୦ରୁ ଅଧିକ ମାମଲା ୩୦ ବର୍ଷରୁ ଅଧିକ ସମୟ ଧରି ବିଚାର ନ ହୋଇ ପଡ଼ିରହିଛି। ଏଭଳି ସ୍ଥିତିର କେତୋଟି କାରଣ ମଧ୍ୟରେ ରହିଛି ବିଚାରପତିଙ୍କ ଅଭାବ ଓ ଠିକ୍ ସମୟରେ ସେସବୁ ପଦବୀ ପୂରଣ ହେଉନାହିଁ। ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ହାଇକୋର୍ଟଗୁଡ଼ିକରେ ଏକତୃତୀୟାଂଶ ପଦବୀ ଖାଲି ରହିଥିଲାବେଳେ ଜିଲାକୋର୍ଟଗୁଡ଼ିକରେ ୪,୨୦୦ରୁ ଅଧିକ ବିଚାରପତି ନାହାନ୍ତି। ଏହାବ୍ୟତୀତ ଦେଶରେ ବିଚାରପତି ଓ ଜନସଂଖ୍ୟା ଅନୁପାତ କମ୍ ରହୁଛି। ୧୦ ଲକ୍ଷ ଲୋକରେ ୫୦ ଜଣ ବିଚାରପତି ରହିବା ଜାଗାରେ ଏବେ ଅଛନ୍ତି ମାତ୍ର ୧୫ ଜଣ। ସେହିଭଳି ସୁପ୍ରିମକୋର୍ଟରେ ଏବେ ସମସ୍ତ ୩୪ ବିଚାରପତି ପଦବୀ ପୂରଣ ହୋଇଥିଲେ ବି ଏତେ ମାମଲାର ଦ୍ରୁତ ସମାଧାନ ଆସିପାରୁ ନାହିଁ ବୋଲି କୁହାଯାଉଛି। ଏବର ବକେୟା ୮୮,୪୧୭ ମାମଲାକୁ ଦେଖିଲେ ପଦବୀ ସଂଖ୍ୟା କଦାପି ପର୍ଯ୍ୟାପ୍ତ ନୁହେଁ। ଉପରୋକ୍ତ ମାମଲାରୁ ଅଧିକାଂଶ ଦୀର୍ଘବର୍ଷ ଧରି ଗଡ଼ି ଆସିଥିବାରୁ ସହସା ସବୁର ସମାଧାନ ଅସମ୍ଭବ ଲାଗୁଛି। ସେଥିପାଇଁ ଶୀର୍ଷ ଅଦାଲତକୁ ଅଭିନବ ଉପାୟ ବାହାର କରିବାକୁ ପଡ଼ିବ। ଏଭଳି ପରିପ୍ରେକ୍ଷୀରେ ବକେୟା ମାମଲା ହ୍ରାସ ଲାଗି ଏକ ସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଆଇନ ସମ୍ବନ୍ଧୀୟ ନୂତନ ପ୍ରଯୁକ୍ତି ରଣନୀତିକୁ ଏ ଦିଗରେ ପ୍ରୟୋଗ କରାଗଲେ ହୁଏତ ସୁଫଳ ମିଳିପାରେ। ବିଭିନ୍ନ କୋର୍ଟରେ ୩୦ ବର୍ଷରୁ ଅଧିକ ସମୟ ବକେୟା ପଡ଼ିରହିଥିବା ମାମଲାର ଯଦିବା ସମାଧାନ ଆସିବ ତାହା 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ବୋଲି ଧରାଯିବ। ଏଥିସହିତ ସର୍ବୋଚ୍ଚ ଅଦାଲତ ଉପରେ ବୋଝ ନ ପଡ଼ିବ, ସେଥିପାଇଁ ନିମ୍ନ କୋର୍ଟ (ସବ୍‌ଅର୍ଡିନେଟ ଜୁଡିସିଆରି)ରୁ ହାଇକୋର୍ଟ ଯାଏ ମାମଲାର ଦ୍ରୁତ ସମାଧାନ ଉପରେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି। କେବଳ ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା। ଦୁର୍ନୀତି ହେଉ କିମ୍ବା ତଳକୋଟିର ଅପାରଗତା ଯୋଗୁ ଦିଆଯାଉଥିବା ନ୍ୟାୟ ସମ୍ପର୍କରେ ଲାଗୁଛି ଅନ୍ୟାୟ ବର୍ଷା ହେଉଛି। ଫଳରେ ଉପର କୋର୍ଟକୁ ଯିବା ପାଇଁ ଲୋକେ ବାଧ୍ୟ ହେଉଛନ୍ତି।

ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା।

# ସେ ଯେଉଁ ସଙ୍ଗୀତ ସାନ୍ନିଧ୍ୟ



ବ୍ରଜମୋହନ ମିଶ୍ର

"ଅ ବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ/ଦେହ ଧରି କିଏ ପାରିବ ରହି!"– ଖୁବ୍ ମର୍ମସ୍ପର୍ଶୀ ଏ କାବ୍ୟିକ ଉଚ୍ଚାରଣ ଜୀବନ ଓ ବଞ୍ଚିବା ସମ୍ପର୍କରେ କେତେବଡ଼ ସତ୍ୟଟିଏ ଉପସ୍ଥାପନ ନ କରେ! ସୂର୍ଯ୍ୟ ନ ଥିବେ ଅଥଚ ସଂସାର ଥିବ ପୁଣି ବଞ୍ଚିବା ଥିବ ଆଉ ବନ୍ଧୁ ନ ଥିବେ – ଏ ପ୍ରକାର ସ୍ଥିତି ବିକଳ ଏବଂ ଅସମ୍ଭବ ମଧ୍ୟ। ବାଞ୍ଛିତ ସମ୍ଭବ, ତା'ର ସଂସ୍ଥିତି ଆଉ ତା'ର ସକଳ ସମ୍ଭାବନାର ସୌନ୍ଦର୍ଯ୍ୟ ଏଇ ଦୁଇ ଶକ୍ତି ଉପରେ ନିର୍ଭର କରିଥାଏ। ସୂର୍ଯ୍ୟ ଓ ବନ୍ଧୁତ୍ୱର ବୌଦ୍ଧିକ ବ୍ୟବଚ୍ଛେଦ କଲେ ଏହା ପ୍ରାଞ୍ଜଳ ହୋଇଉଠେ ଯେ ସୂର୍ଯ୍ୟ ଏକ ସଙ୍ଗୀତ ପୁଣି ବନ୍ଧୁ ମଧ୍ୟ ଏକ ସଙ୍ଗୀତ। ସଙ୍ଗୀତର ଆତ୍ମା ହେଉଛି ଅର୍ଥାତ୍ ସମ୍ମେଳନ ବିଭିନ୍ନ ରାଗର ସମ୍ୟକ୍ ମିଳନ ନ ହେଲେ ସଙ୍ଗୀତ ସୃଷ୍ଟି ହୋଇପାରେନା। ଅର୍ଥାତ୍ ସାରେଗାମାପାଧାନିର ଆତ୍ମିକ ମିଳନ ଉପରେ ସଙ୍ଗୀତ ପରି ନାନ୍ଦନିକ କଳା ପ୍ରତିଷ୍ଠିତ। ଏହି ସପ୍ତସ୍ୱର (ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ) ପରସ୍ପରର ପରିପୂରକ ଏବଂ ଗୋଟିଏ ଅନ୍ୟଟିର ସତ୍‌ସଙ୍ଗ ଲାଭ କରିବାକୁ ସତୃଷ୍ଣ ଓ ସାଗ୍ରହୀ। ଏହା କେବଳ ସୂକ୍ଷ୍ମତତ୍ତ୍ୱର କଥା ନୁହେଁ, ଏହା ପରୀକ୍ଷଣୀୟ ମଧ୍ୟ। ମନେହୁଏ ଆରମ୍ଭ 'ସା'ର ଅଗ୍ରଗତି ଅବା ଉତ୍‌ଥାନ ପାଇଁ ରେ, ଗା,.. ଇତ୍ୟାଦି ମଧ୍ୟ ରାଗରାଗିଣୀଗୁଡ଼ିକର ଯେପରି ପ୍ରୟୋଜନ, ଠିକ୍ ସେହିପରି ମଧ୍ୟ ଆବଶ୍ୟକ ଶେଷ 'ନି'ର। ଏଣୁ ଏଠାରେ ଆରମ୍ଭ (ଆଦ୍ୟ), ଆପଣାରେ ଶ୍ରୀ ଓ ଶ୍ରେୟ ପାଇଁ ମଧ୍ୟକୁ ଲୋଡ଼େ ପୁଣି ଏ ଉଭୟ ପରିପୂର୍ଣ୍ଣତା ଲାଭ କରନ୍ତି ଶେଷ 'ନି'ରେ। ରାଗ/ସ୍ୱରମାନଙ୍କ ଏତାଦୃଶ ଆଚରଣକୁ ଆମେ 'ସଖାଭାବ' ବୋଲି ନାମିତ କରିପାରିବା, ଯେଉଁଭାବ ବିଭାବର ସମୃଦ୍ଧ ସତେଜ, ସହଜ, ସହଜ ସଶ୍ରଦ୍ଧ ଓ ସମର୍ପିତ ହୋଇ ସଙ୍ଗୀତର ଏଇ ଅବିଚ୍ଛେଦ୍ୟ ଅଙ୍ଗମାନ ପରସ୍ପରକୁ ଅଖଣ୍ଡ ଓ ଆଶ୍ଳିଷ୍ଟ କରିବା ସହ ସଙ୍ଗୀତକୁ ସଂସାରର ସ୍ୟମନ୍ତକ କରିଥାନ୍ତି।

ଫଳରେ ସଂସାରରେ ଭୂମିଷ୍ଠ ହୋଇ, ସଂସାର ସହ ବାଟଚାଲିବାର ଆସ୍ପୃହା ପୋଷଣ କରି, ବ୍ୟକ୍ତି କଦାଚ ଭୀରୁ କି ଭୋଗୀ ଅବା ଉପାୟକ ଭୈରବ ପାଲଟିଯାଏ ନାହିଁ। ପକ୍ଷାନ୍ତରେ ସେ ଅନୁଶ୍ରଣ ପାଲଟୁଥାଏ ଭାବପ୍ରାଣ। ତା'ର ସମଗ୍ର ସତ୍ତା ସଙ୍ଗୀତମୟ ହୋଇଯାଉଥିବାରୁ ସେ ଗାଇ ଉଠେ–



"THE HILLS ARE ALIVE WITH THE SOUND OF MUSIC, / WITH SONGS THEY HAVE SUNG FOR A THOUSAND YEARS. / THE HILLS FILL MY HEART WITH THE SOUND OF MUSIC, / MY HEART WANTS TO SING EV'RY SONG IT HEARS" – (ଅସ୍କାର ହାମରେଷ୍ଟେନ (୨)। ୧୮୯୫–୧୯୬୦, ଦି ସାଉଣ୍ଡ ଅଫ ମ୍ୟୁଜିକ୍)। ଅର୍ଥାତ୍ ସଙ୍ଗୀତର ଧ୍ୱନିରେ ପାହାଡ଼ମାନ ଜୀବନ୍ତ; ହଜାର ହଜାର ବର୍ଷଧରି ସେମାନେ ଗୀତ ଗାଇ ଆସିଛନ୍ତି, ସଙ୍ଗୀତର ଧ୍ୱନିରେ ସେମାନେ ମୋର ହୃଦୟ ପୂର୍ଣ୍ଣ କରିଛନ୍ତି। ମୁଁ ଶୁଣିଥିବା ପ୍ରତ୍ୟେକ ଗୀତକୁ ମୋର ହୃଦୟ ଗାନ କରିବାକୁ ଚାହେଁ। ବିଂଶ ଶତାବ୍ଦୀର ଏ କବିଙ୍କର ଏହି ପ୍ରାଣୋଚ୍ଛଳ ଗାନ ମଧ୍ୟରେ ସଙ୍ଗୀତ ପ୍ରତି ଯେପରି ଶ୍ରଦ୍ଧା ଅନୁରଣିତ ସେହିପରି ମଧ୍ୟ ପ୍ରତୀକିତ ହୋଇଛି ତାଙ୍କର ଭିନ୍ନ ଏକ ବଞ୍ଚିବାର ଆସ୍ପୃହା। ପାହାଡ଼ର ଯେଉଁ ସଙ୍ଗୀତ ଶ୍ରବଣରେ କବିଙ୍କର ପ୍ରାଣ ପୁଲକିତ, ସେ ସେହି ସଙ୍ଗୀତଗୁଡ଼ିକୁ ଗାନ କରିବାକୁ ଉତ୍କୁଳ। ଏହା ଏକ ଭାବୋଦ୍ଦୀପ୍ତତାକୁ ଇଙ୍ଗିତ କରିଥାଏ। ସଙ୍ଗୀତ, ଭାବ ସଂଚାର କରେ ପାହାଡ଼ରେ ପୁଣି ମଣିଷଠାରେ। ଫଳରେ ଏହାର ଲାଳିତ୍ୟରେ ମୁଗ୍ଧ ଶ୍ରୋତା ସାମାନ୍ୟ, ସ୍ୱାଭାବିକ, ସ୍ୱାର୍ଥ ଜୀବନ ଯାପନ କରିବା ପରିବର୍ତ୍ତେ ଏକ ସମ୍ୟକ ଜୀବନ ଯାପନ କରେ ଯେଉଁଥିରେ ଭରି ରହିଥାଏ ସମସ୍ତଙ୍କ ସହ ମିଶିଯିବାର ମହାଭାବ– 'ଓଁ ସହନାବବତୁ, ସହନୌଭୁନକ୍ତୁ, ସହ ବୀର୍ଯ୍ୟଂ କରବାବହୈ / ତେଜସ୍ୱୀନା ବଧିତ ମସ୍ତୁ, ମା ବିଦ୍ୱିଷା ବହୈ'। ସମସ୍ତଙ୍କ ସହ ମିଶିବି, ସମସ୍ତଙ୍କ ସହ ମିଳିବି, ସମସ୍ତଙ୍କର ହେବି (ସେଣୁ ସମସ୍ତେ ମଧ୍ୟ ମୋର ହେବେ) ଏବଂ ଏହିପରି ହୋଇ ହୋଇ ପରିଶେଷରେ ମୁଁ "ସମସ୍ତ" ହୋଇଯିବି ଯାହାର ଅନ୍ୟ ନାମ ମୋକ୍ଷ ବା ନିର୍ବାଣ ଯାହା ଯେ କୌଣସି ବ୍ୟକ୍ତିର ସର୍ବଶ୍ରେଷ୍ଠ ପରିଣତି, ସର୍ବଶ୍ରେଷ୍ଠ ସୌଭାଗ୍ୟ, ସର୍ବଶ୍ରେଷ୍ଠ ସିଦ୍ଧି, ସର୍ବଶ୍ରେଷ୍ଠ ସଂକଳ୍ପର ସର୍ବୋତ୍ତମ ଶ୍ରେୟ।

ସଙ୍ଗୀତ ସହ ଏକ ସାତ୍ତ୍ୱିକ ସାନ୍ନିଧ୍ୟ କେତେ ପାଖର, କେତେ ନିଜର ପୁଣି କେତେ ଗଭୀର! ଆମେମାନେ ସଙ୍ଗୀତ ଶୁଣନ୍ତୁ କିନ୍ତୁ ତା'ର ସାନ୍ନିଧ୍ୟକୁ ମନ କରନ୍ତୁନାହିଁ। ଯେଉଁ ସଙ୍ଗୀତ ଗାନକାରୀ ତାଙ୍କର ଅନ୍ୟ ପରିବେଶରେ ଆମକୁ ଅପାର୍ଥିବ ଜଗତକୁ ନେଇ ଯାଆନ୍ତି ତାଙ୍କର ସେହି ଭାବ ମୁଦ୍ରାଟିକୁ କବାଟ ଖୋଲି ରଖନ୍ତୁନାହିଁ। ସେ ଭାବ ଆଉ କିଛି ନୁହେଁ, ତାହା ହେଉଛି ସଙ୍ଗୀତ ସହ ଅନନ୍ୟ ହେବାର ସାନ୍ଦ୍ରତା। ତା' ନ ହେଲେ କୌଣସି ସଙ୍ଗୀତ ଗାନକାରୀ ଶ୍ରୋତୃମଣ୍ଡଳୀର ଚିତ୍ତ ହରଣ କରି ପାରିବେ ନାହିଁ। ସେ ସଙ୍ଗୀତର ଐକ୍ୟତାନରେ ବିମୁଗ୍ଧ, ବିଗଳିତ ଓ ବିହରିତ ହେବା ଫଳରେ ସକଳ ସଂକୋଚନକାରୀ ଅହଂଠାରୁ ମୁକ୍ତିଲାଭ କରିପାରନ୍ତି। ଫଳରେ ସେ ଅନାବଦ୍ଧ ହୋଇ ପ୍ରସାରିତ ହେବାରେ ଲାଗିଥାନ୍ତି ଠିକ୍ ସଙ୍ଗୀତ ଯେପରି 'ସା' ରାଗଠାରୁ ପ୍ରସାରିତ ହୋଇ ନି ପର୍ଯ୍ୟନ୍ତ ଲମ୍ବିଯାଏ। ସଙ୍ଗୀତଗାନକାରୀଙ୍କ ଏହି ସମାଧି ଅବସ୍ଥା ଆମ ସମସ୍ତଙ୍କ ପାଇଁ କେତେ ଦରକାରୀ! ଏହି ସତ୍ୟଟିକୁ ଉପଲବ୍ଧି କରି ତାକୁ ଆପଣା ଜୀବନରେ ଗଢ଼ିଉଠିବା ଦେବାପାଇଁ ଆମେ କାହିଁକି ଉଦାସୀନ ଓ ଅନିଚ୍ଛୁକ? ଅଥଚ ସଙ୍ଗୀତର ଏତାଦୃଶ ସତ୍‌ସଙ୍ଗରେ ଯୋଗଦେଲେ ଆମେ କେବେ ବି ସଂସାରର ଅଭିଶାପ ପାଲଟି ଯାଆନ୍ତେ ନାହିଁ କି ନିଜକୁ ଅଭିଶପ୍ତ କରନ୍ତେ ନାହିଁ। ଯଦି ସମସ୍ତଙ୍କ ମେଳରେ ରହିବା ପାଇଁ ମୁଁ ନାମକ ବ୍ୟକ୍ତିଟି ସଂସାରରେ ଅବତୀର୍ଣ୍ଣ ତା' ହେଲେ ସେ କିପରି ଓ କାହିଁକି ସେହି 'ମେଳ'ର ଅମର୍ଯ୍ୟାଦା କରିବ ଗୁଡ଼ାଏ ଅଥଚ 'ମେଳି' କରି। ମେଳ ହିଁ ଜୀବନ, ମେଳି ହିଁ ମୃତ୍ୟୁ। ମେଳ ମିଶାଏ, ମେଳି ଫେଡ଼ାଏ, ମେଳ ମିଳନ ମେଳି ବିଚ୍ଛେଦ, ମେଳ ଓଁକାର, ମେଳି ହୁଁକାର। ପ୍ରଥମଟି ଜୀବନକୁ ଆ, ଆ କହିବା ବେଳେ, ଦ୍ୱିତୀୟଟି ଜୀବନକୁ ଯା, ଯା କହୁଥାଏ। ଗୋଟିଏ ଅମୃତାପୁଷ୍ପ ବିଦାୟର ଉତ୍ସ ବିଚ୍ଛେଦଟିଏ ହୋଇଥିବା ବେଳେ ଦ୍ୱିତୀୟ ଅହଂ ଶ୍ମଶାନର ଘାଁ ଖାଁରେ ଏକ ଅତୃପ୍ତ, ଅଶୁଦ୍ଧ, ଅଶାଳୀନ ଅହିରାଗ।

ମେଳ ଅବା ମିଳନର ଜୀବନ୍ତ ପ୍ରତିଭୂ ସଙ୍ଗୀତ, ଆମେ ଏପର୍ଯ୍ୟନ୍ତ ଚାଲି ନ ଥିବା 'ବାଟ'କୁ ଆମକୁ ଦେଖାଇ ଆଣିପାରିବ ଏପର୍ଯ୍ୟନ୍ତ ଦେଖି ନ ଥିବା ସ୍ୱପ୍ନକୁ ଦେଖାଇ ପାରିବ, ଏ ପର୍ଯ୍ୟନ୍ତ କରି ନ ଥିବା ସଂକଳ୍ପ ପ୍ରତିଆକୁ ସଫଳ କରାଇ ପାରିବ, ଏପର୍ଯ୍ୟନ୍ତ ଆରମ୍ଭ କରିନ ଥିବା ସାଧନାର ବୋଧିଦ୍ରୁମ ନିକଟକୁ ଟାଣିନେଇ ପାରିବ। କାରଣ ସଙ୍ଗୀତ ଜୀବନର ସଙ୍ଗୀତ, ଜଗତର ସୁଷୁମ୍ନା। ସଙ୍ଗୀତର ସଙ୍ଗୀ ହୋଇ ଆମେ ଆତ୍ମବିନାଶରୁ ରକ୍ଷା ପାଇ ଜଗତର ଯଜ୍ଞକୁଣ୍ଡରେ ଆତ୍ମାହୁତି ପାଇଁ ଘରୁ ଗୋଡ଼ କାଢ଼ିବା କି?

ଭଦ୍ରକ, ମୋ: ୮୦୧୮୦୭୮୩୧

# ଏମାନେ ବି ଥିଲେ ମେଧାବୀ



ରବିନାରାୟଣ ସାମଲ

ଦେଶ ଶାସନରେ ଯେଉଁ ଦଳ ଥାଉ ନା କାହିଁକି ଦେଶ ଚଳନ୍ତି ଅମଲାମାନେ। ଏମାନେ ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ନିର୍ଦ୍ଧାରିତ ନୀତିକୁ କାର୍ଯ୍ୟକାରୀ କରନ୍ତି। ଏହି ନିର୍ଦ୍ଧାରିତ ନୀତି କାହିଁରେ କେତେ ସୋପାନ ଦେଇ ଉପରୁ ତଳଯାଏଁ ଗଡ଼ି ଗଡ଼ି ଆସେ। ବର୍ତ୍ତମାନ ବହୁଳ ପ୍ରଚାରିତ ଜିଏସ୍‌ଟି ସଂସ୍କାର ନିଷ୍ପତ୍ତି ହେଲା କେନ୍ଦ୍ର ସ୍ତରରେ ସରକାରଙ୍କ ଦ୍ୱାରା ଅନୁସୃତ ଏକ ନୀତି। ବୁଦ୍ଧି ଦେଉଛନ୍ତି ଅମଲା, କାର୍ଯ୍ୟକାରୀ କରୁଛନ୍ତି ଅମଲା। ସାଧାରଣ ଲୋକଟିଏ ତା' ପେଟପାଟଣାରୁ କାଟି ଟିକସ ଦେଉଛି, ଟିକସ ଗଚ୍ଛିତ ହେଉଛି ରାଜକୋଷରେ। ରାଜକୋଷରୁ ପୁଣି ବିଭିନ୍ନ ସୋପାନ ଦେଇ ଆସୁଛି ସାଧାରଣ ଲୋକଙ୍କ ପାଖକୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭଳି ସେବା କ୍ଷେତ୍ରରେ। ଏହି ଉପରୁ ତଳ ଓ ତଳୁ ଉପର ଉଠାପକାରେ ଟଙ୍କାଟିଏ ପରିଣତ ହୁଏ ଦଶ ପଇସାରେ। ଅବଶିଷ୍ଟ ନବେ ପଇସା ଯାଏ ବାଟମାରଣାରେ!

ସରକାରୀ ଅର୍ଥ ବାଟମାରଣା ରୋକିବାକୁ ବିଭିନ୍ନ ସ୍ତରରେ ଅଧିକାରୀ ଓ କର୍ମଚାରୀମାନେ ବି ନିଯୁକ୍ତ ହେଉଛନ୍ତି। ସିଭିସି, ଏସିବିସି, ଇଡି, ଆଇଟି, ସିଆଇଡି, ସିବିଆଇ, ଭିଜିଲାନ୍ସ, ଏନ୍‌ସିଆଇବି, ଇଓଡବ୍ଲୁ, କ୍ରାଇମ୍ ବ୍ରାଞ୍ଚ, ଜିଏସ୍‌ଟି କମିଶନର, ପୋଲିସ, ଲୋକପାଳ, ଲୋକାୟୁକ୍ତ, ସିଏଜି ଏବଂ ଇଣ୍ଡିଆ ଏଗେନଷ୍ଟ କରପ୍‌ସନ ଭଳି ଏଜେନ୍ସି। କଳାଧନ ରୋକିବାକୁ ସରକାର ଏସ୍‌ଆଇଟି ଗଠନ କରିଛନ୍ତି। ଏସବୁ ସତ୍ତ୍ୱେ ପିଅନଠାରୁ ଅଫିସରଙ୍କ ପର୍ଯ୍ୟନ୍ତ, ଯନ୍ତ୍ରୀଙ୍କଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ, ଚୌକିଦାରଙ୍କଠାରୁ ଠିକାଦାରଙ୍କ ପର୍ଯ୍ୟନ୍ତ ଅଧିକାଂଶ ଆର୍ଥିକ ଦୁର୍ନୀତି ଓ ଅନିୟମିତତାରେ ଜଡ଼ିତ। ଲୁଚାଛପାରେ ନୁହେଁ ତ ସବୁ ଡକାଡିଆରେ। ଆମେ କେବଳ ନିରୀହ ମେଣ୍ଢା ଛୁଆଟିଏ ପରି ଜଳ ଜଳ କରି ଚାହିଁ ରହିଛେ। ଦୁର୍ନୀତି କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ମୁଖ୍ୟତଃ ବିରୋଧୀ ଦଳର ନେତାମାନଙ୍କୁ ଇଡି କେମିତି ମାଡ଼ି ବସୁଛି ତାହା ଆମେ ଦେଖି ଆସୁଛେ। ଅଥଚ ଶାସକ ଦଳର ନେତାମାନେ ଗୋଟା ତୁଳସୀ ପାଇଯିବାରେ! ମଜାର କଥା, ଯେଉଁ ଇଡି ଦୁର୍ନୀତିଗ୍ରସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଧରୁଛି ସେହି ଇଡିର ଜଣେ ସହକାରୀ ନିର୍ଦ୍ଦେଶକ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିଲା ବେଳେ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ପୁଣି ନର୍ସିଂହୋମ୍ ଦୁର୍ନୀତିରେ ମଧ୍ୟପ୍ରଦେଶରେ ୨ଜଣ ସିବିଆଇ ଅଫିସର ଗିରଫହେବା ପ୍ରାୟ ସମସ୍ତଙ୍କୁ ଜଣାଥିବ। ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଆୟକର କମିଶନର ଧରାପଡ଼ି ଗିରଫ ହେବା, କେତେକ କମ୍ପାନୀଙ୍କୁ ଅନୁକମ୍ପା ଦେଖାଇ କୋଟିଏ ଟଙ୍କା ଲାଞ୍ଚ ନେଉଥିଲା ବେଳେ କାନପୁରର ଜିଏସ୍‌ଟି କମିଶନର ଗିରଫ ହେବା ଆଦି ଘଟଣା ଏଠାରେ ଅଳ୍ପ କେତୋଟି ନମୁନା ମାତ୍ର। ଇଡି ଧରୁଛି ଆଇଟିକୁ, ସିବିଆଇ ଧରୁଛି ଜିଏସ୍‌ଟିକୁ, ଜିଏସ୍‌ଟି ଧରୁଛି ଆଇଟିକୁ। ଏମିତି ଛକାପଞ୍ଝା



ଧରାଧରିରେ ସାଧାରଣ ଲୋକେ ଆବାକାବା ହୋଇଯାଉଛନ୍ତି। ଆମ ରାଜ୍ୟରେ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କମିଶନର, ଡାଇରେକ୍ଟର, କଲେକ୍ଟର, ସବ୍‌କଲେକ୍ଟର, ସେକ୍ରେଟାରି, ତହସିଲଦାର, ବିଡିଓ, ତହସିଲଦାର, କିରାଣି ଏବଂ ଏପରିକି ପିଅନ ପର୍ଯ୍ୟନ୍ତ ଭିଜିଲାନ୍ସ ଜାଲରେ ପଡ଼ୁଥିବା ଦେଖିବାକୁ ମିଳୁଛି। ଆଇଏଏସ୍ ଅଫିସର ବିନୋଦ କୁମାର, ରାକେଶ କୁମାର, ଅଶୋକ ସିଂହଙ୍କ ବର୍ତ୍ତମାନ ଜେଲରେ। କଲିକତା ହାଇକୋର୍ଟର ବିଚାରପତି ସୌମିତ୍ର ସେନ୍ ଏବଂ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୋବନ୍ତ ବର୍ମାଙ୍କ ଅର୍ଥ ଆତ୍ମସାତ୍ ଓ ସମ୍ପତ୍ତି ଠୁଳ କେସରେ ବିଚାରବିଭାଗକୁ କାଦୁଅରେ ଛିଡ଼ାକରାଇଛି। ଏଠାରେ କହିବା ନିଷ୍ପ୍ରୟୋଜନ ଯେ ଦୁର୍ନୀତି ଅଭିଯୋଗରେ ଯେଉଁମାନେ ଜଡ଼ିତ ଥିବା ଜଣାପଡ଼ୁଛି ସେମାନେ ପ୍ରାୟ ସମସ୍ତେ ଏକଦା ଜଣେ ଜଣେ ମେଧାବୀ ଥିଲେ। ଚାକିରିରେ ଯୋଗଦାନ ପାଇବା ବେଳେ ସେମାନଙ୍କ ପାଇଁ ଆମେ ଗର୍ବିତ, ଉତ୍‌ଫୁଲ୍ଲିତ ହେଉଥିଲେ ଏବଂ ଦେଶସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବେ ବୋଲି ସେମାନଙ୍କ ଘୋଷଣା ଆମକୁ କୃତକୃତ୍ୟ କରିପକାଉଥିଲା। କିନ୍ତୁ ଆଜି? କୁଆଡ଼େ ଗଲା ସେମାନଙ୍କ ପ୍ରତିଶ୍ରୁତି, ପରାକାଷ୍ଠା, କୁଆଡ଼େ ଗଲା ସେମାନଙ୍କ ପ୍ରତିଶ୍ରୁତି, କୁଆଡ଼େ ଗଲା ସେମାନଙ୍କ ପ୍ରତିବଦ୍ଧତା?

ଅଟାକଳରେ ଯାହା ପେଶିଲେ ବି ତାହା ଗୁଣ୍ଡହୋଇ ବାହାରିପଡ଼େ। ସମ୍ଭବତଃ ଏହି ନିୟମ ଆମ ଶାସନ କଳରେ କାର୍ଯ୍ୟକାରୀ ହେଉଛି। ଯିଏ ଯେତେ ମେଧାବୀ ହେଲେ ହେଁ ସେମାନେ କଳରେ ପେଶିହୋଇ ଗୁଣ୍ଡ ଆକାରରେ ବାହାରି ପଡ଼ୁଛନ୍ତି। ଏନ୍‌ସିଆରବିର ସଦ୍ୟ ରିପୋର୍ଟ ଦେଖିଲେ ଆମ ଦେଶର ବିଭିନ୍ନ ବିଭାଗ ଦୁର୍ନୀତିରେ କେତେ ଜଡ଼ିତ ତାହା ସ୍ପଷ୍ଟ ହୁଏ। ତଦନୁଯାୟୀ ପୋଲିସ ବିଭାଗ ସବୁଠାରୁ ବେଶି ଦୁର୍ନୀତିଗ୍ରସ୍ତ। ତା' ତଳକୁ କ୍ରମାନ୍ୱୟରେ ରାଜସ୍ୱ, ମ୍ୟୁନିସିପାଲ କର୍ପୋରେଶନ, ବ୍ଲକ୍ ଓ ତହସିଲ, ବିଦ୍ୟୁତ୍, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ସହରାଞ୍ଚଳ ବିକାଶ ବିଭାଗ ଓ ଆୟକର ତଥା ଜିଏସ୍‌ଟି ଅଛନ୍ତି।

ଆଉ ଗୋଟିଏ ବଡ଼ ଧରଣର ଘୋଟାଲା ହୁଏ ଖଣି ଓ ଠିକାଦାରିରେ। ତଳୁ ଉପର ଯାଏଁ ପିଲି। ସିଏଜି ତାଙ୍କ ରିପୋର୍ଟରେ ଏକଥା ବି ଦର୍ଶାଇଛି। ଉଭୟ କ୍ଷେତ୍ରରେ ମନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର ଜଡ଼ିତଥିବା ଦର୍ଶାଯାଇଛି। ତଦନ୍ତ ପାଇଁ ଶାହା କମିଶନ ବସିଛି। ଅନ୍ୟ ପକ୍ଷରେ ମାସେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିବା, ବର୍ଷେ ନ ପୂରୁଣୁ ଛାତରୁ ପାଣି ଗଳିବା ଏବଂ ବହୁ କୋଟି ଟଙ୍କାର ପୋଲ ଓ ଓଭରବ୍ରିଜ୍ ନିର୍ମିତରେ ଭୁଶୁଡ଼ି ପଡ଼ିବା ଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ତଦନ୍ତ କମିଶନ (ଦନ୍ତହୀନ) ବସୁଛି, ସରକାରୀ ତହବିଲରୁ ଅର୍ଥ ବରବାଦ ହେଉଛି, ଅଥଚ ସେଥିରେ କିଛି ସୁଧାର ଆସୁ ନାହିଁ। ବରଂ ବିପୁଳ ପରିମାଣର ଅର୍ଥ କଳାଧନ ଆକାରରେ ବିଦେଶୀ ବ୍ୟାଙ୍କରେ ଯାଇ ଗଚ୍ଛିତ ହେଉଛି।

କହିବା ବାହୁଲ୍ୟ, ଗଣତନ୍ତ୍ରର ଚାରୋଟିଯାକ ସ୍ତମ୍ଭ ବର୍ତ୍ତମାନ ଘୁଣ୍‌ରେ ଆଉ ଦୁର୍ବଳ। ସେଗୁଡ଼ିକ ଏବେମୁହାଁ ରାସ୍ତାରେ ରୋଗିଏ ହୋ'ରେ ଛୁଟୁଛନ୍ତି। ସାଧାରଣ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଅଥଚ ଶୁଣିବାକୁ କେହି ନାହିଁ। ଏଠାରେ ଦୃଢ଼ତାର ସହ କହିହେବ ଯେ ସାଧାରଣ ଲୋକେ ହିଁ ଇତିହାସର ଶେଷକଥା କହିଥାନ୍ତି। ଯେ ପର୍ଯ୍ୟନ୍ତ ଏମାନେ ପ୍ରତିବାଦ ପ୍ରତିରୋଧ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଦୁର୍ନୀତିର ମୂଳୋତ୍ପାଟନ କରିହେବ ନାହିଁ।

ମୋ: ୭୯୭୫୦୪୭୪୮୬

## ଏଇ ଭାରତରେ

ପରିଣତ ବୟସରେ ପାଦ ଥାପିସାରିଥିଲେ ହେଁ ଏହି ଦମ୍ପତି ବୟସର ଛାପ ନିଜ ଉପରେ ପଡ଼ିବାକୁ ଦେଇ ନାହାନ୍ତି କି ହାର୍ ମାନି ନାହାନ୍ତି। ଡାକ୍ତର ନ ହୋଇ ମଧ୍ୟ ସେମାନେ ପଶ୍ଚିମବଙ୍ଗ ସୁନ୍ଦରବନର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୪୪ ବର୍ଷ ହେଲା କରି ଆସୁଛନ୍ତି। ମହମ୍ମଦ ଅବଦୁଲ ଓହାବ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପାଲ ୧୯୮୦ରେ ସବର୍ନ ହେଲଥ ଇମ୍ପ୍ରୁଭମେଣ୍ଟ ସମିତି (ଏସ୍‌ଏଚ୍‌ଆଇଏସ୍) ସଂସ୍ଥା ଗଠନ କରି ଏହା ସାହାଯ୍ୟରେ ସେବା ଅଭିଯାନ ଜାରି ରଖିଛନ୍ତି। ମହମ୍ମଦ ଜଣେ ଆଇନଜୀବୀ ଓ ସାବିତ୍ରୀ ଜଣେ ଶିକ୍ଷୟିତ୍ରୀ ଥିଲେ। ସେମାନେ ଏହାକୁ ଛାଡ଼ି ଏହି କାର୍ଯ୍ୟରେ ଲାଗିଛନ୍ତି। ସୁନ୍ଦରବନରେ ଥିବା ଛୋଟବଡ଼ ୩୦ଟି ଟାପୁରେ ବୋଟ କ୍ଲିନିକ ଦ୍ୱାରା ଏହା କରୁଛନ୍ତି। ପ୍ରତ୍ୟେକ କ୍ଲିନିକରେ ଡାକ୍ତର, ନର୍ସ, ଜଣେ ଏକ୍ସ-ରେ ଟେକ୍ନିସିଆନ, ଜଣେ ଲାବୋରେଟୋରି ଟେକ୍ନିସିଆନ ଓ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏହି କ୍ଲିନିକରେ ଦୁଇଟି ମେଡିକାଲ ବେଡ୍, ମୋବାଇଲ ଏକ୍ସ-ରେ, ପାଥୋଲୋଜିକାଲ ୟୁନିଟ୍, ମେଡିକାଲ ଷ୍ଟୋର୍ ରୁମ୍ ଏବଂ ଏକ ଅକ୍ସିଜେନ ସିଲିଣ୍ଡର ରଖାଯାଇଛି। ଏହିଭଳି ୪ଟି ବୋଟ କ୍ଲିନିକ ରହିଛି। ମୁଖ୍ୟତଃ ଯକ୍ଷ୍ମା ରୋଗ ଚିହ୍ନଟ ଲାଗି ଏହା ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଏହି ଦମ୍ପତି ଦରମା ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୭୬

- ଆସାମ ସରକାର ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ କେନ୍ଦ୍ର ବ୍ୟବସ୍ଥା ଅନୁଯାୟୀ ପରିବାର ନିୟନ୍ତ୍ରଣ ଯୋଜନାକୁ ବାଧ୍ୟତାମୂଳକ କରିଛନ୍ତି।
- ଗଙ୍ଗା ନଦୀର ଜଳ ବିବାଦ ଘେନି ଉପୁଜିଥିବା ଅଞ୍ଚଳ ଅବସ୍ଥା ତୁଟାଇବା ନିମନ୍ତେ ବାଂଲାଦେଶର ୩ ଦଫା ସମ୍ବଳିତ ପ୍ରସ୍ତାବ।

## su do ku / ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 6 | | | 9 |
| | | | 3 | | | 5 | | |
| | | | 2 | | | | 4 | 1 |
| 7 | 1 | | | | | 6 | | |
| | 8 | 3 | | | 1 | | | |
| | | | 6 | | 2 | 1 | | 7 |
| 3 | 6 | | | | | | | |
| 4 | 9 | | | 7 | | | 8 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 6 | 8 | 1 | 7 | 4 | 2 |
| 7 | 4 | 6 | 2 | 3 | 5 | 9 | 1 | 8 |
| 1 | 2 | 8 | 4 | 7 | 9 | 5 | 3 | 6 |
| 6 | 7 | 5 | 8 | 1 | 3 | 2 | 9 | 4 |
| 2 | 8 | 4 | 9 | 6 | 7 | 3 | 5 | 1 |
| 9 | 3 | 1 | 5 | 2 | 4 | 8 | 6 | 7 |
| 5 | 6 | 3 | 7 | 4 | 2 | 1 | 8 | 9 |
| 4 | 9 | 7 | 1 | 5 | 8 | 6 | 2 | 3 |
| 8 | 1 | 2 | 3 | 9 | 6 | 4 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧ ବିଚାରର ପରିଣତି

ମହାଶୟ,

ପ୍ରାୟ ପ୍ରତିଦିନ ଦୁର୍ନୀତିଗ୍ରସ୍ତ ଅଫିସର, ଇଞ୍ଜିନିୟର, ପୋଲିସ, କିରାଣି ଓ ଡିଏଫ୍‌ଓମାନଙ୍କର ବିଷୟରେ ନାନା ଖବରକାଗଜରେ ଓ ଟିଭି ପରଦାରେ ଦେଖିବାକୁ ମିଳୁଛି। ସେମାନେ ଧରା ହୋଇ ମୁହଁରେ ରୁମାଲ, ଗାମୁଛା ଓ କପଡ଼ା ପକାଇ ଜେଲକୁ ଯାଉଛନ୍ତି। କୋର୍ଟ କଚେରିରେ ତାଙ୍କର ବିଚାର ହେଉଛି। ହେଲେ ବିଚାର ପରେ ତାଙ୍କର କି ଫଇସଲା ହେଉଛି ଟିଭି କିମ୍ବା ଖବରକାଗଜ ଲୋକଲୋଚନକୁ ଆଣୁନାହାନ୍ତି। ଲୋକେ ଭାବୁଛନ୍ତି ଏଇ ବଡ଼ଘର ବଡ଼ ଗୁମର କଥା। ବିଚାରରେ କ'ଣ ଫଇସଲା ହେଲା ଲୋକେ ଜାଣିବାକୁ ଚାହିଁଲେ ବି ଜାଣିପାରନ୍ତି ନାହିଁ। ତେଣୁ ଟିଭି ଓ ଖବରକାଗଜରେ ସେମାନଙ୍କ କଳାକାରନାମାକୁ ଯେମିତି ପ୍ରଦର୍ଶନ କରୁଛନ୍ତି ସେମିତି ବିଚାରର ପରିଣତକୁ ମଧ୍ୟ ପ୍ରଦର୍ଶନ କଲେ ଲୋକେ ବହୁତ ଖୁସି ହୁଅନ୍ତେ। ଅନେକ ସମୟରେ ଦେଖାଯାଏ ଲୋକଙ୍କ ଚାପରେ ପଡ଼ି ଅନେକ ଅପରାଧୀ ଅଫିସର ଓ କର୍ମଚାରୀଙ୍କୁ ନିଲମ୍ବନ କରାଯାଏ। କିନ୍ତୁ ସେମାନେ ଯେଉଁ ଅପରାଧ କରିଥାନ୍ତି କେବଳ କିଛି ଦିନ ପାଇଁ ନିଲମ୍ବନ କରି ପୁଣି ନିଲମ୍ବନ ଉଠାଇ ଦେଲେ ସେମାନଙ୍କ ଉପରେ ବିଶେଷ କିଛି ପ୍ରଭାବ ପଡ଼ିନଥାଏ। ଦୁର୍ନୀତି ଓ ଲାଞ୍ଚ ଇତ୍ୟାଦି କାରବାରରେ ଯଦି ସେମାନଙ୍କୁ ବହିଷ୍କାର କରାଯାଉଥାନ୍ତା ତେବେ ସମସ୍ତେ ଲାଞ୍ଚ ନେବାକୁ ଡରନ୍ତେ ଓ ଠିକ୍ ସମୟରେ ଠିକ୍ କାମ କରନ୍ତେ।

–ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁହେଁ ଚାହାଁ ଚାହିଁ ହୋଇ ରହନ୍ତି ଅଚଳ
ହାୟ ରେ ବିକଳ !
ଭରସି ନ ପାରେ କିଛୁ କେହି
ପିଚ ଉଡ଼ି ଆର ପାରେ, ନିଶାର ବିଦାୟ
ମାଗି ନେଇ !

–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**କୁଚିଣ୍ଡା ତହସିଲଦାର ନିଲମ୍ବିତ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ଜମିଜମା ମାମଲାରେ ପକ୍ଷପାତିତା ଅଭିଯୋଗରେ କୁଚିଣ୍ଡା ତହସିଲଦାର ତଥା ଓଏଏସ୍ ଅଫିସର ମିତାଲି ମଧୁସ୍ମିତାଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସେ ନିଲମ୍ବିତ ସମୟରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବେ। ଜିଲାପାଳଙ୍କ ବିନା ଅନୁମତିରେ ସେ ଜିଲା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

# ହାତୀ ସୁରକ୍ଷା ପାଇଁ ସଂକଳ୍ପ ନେଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ହାତୀ ସୁରକ୍ଷା ପାଇଁ ଶପଥପାଠ କରୁଛନ୍ତି।

**ଦିଗପହଣ୍ଡି/ପାଟପୁର, ୧୫।୯ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ପ୍ରକୃତି ଆମର ଜୀବନ। ହାତୀ ହେଉଛି ପ୍ରକୃତିର ମହତ୍ତ୍ୱପୂର୍ଣ୍ଣ ଅଂଶ। ହାତୀକୁ ସୁରକ୍ଷା ଦେବା, ଜଙ୍ଗଲକୁ ରକ୍ଷା କରିବା। ପରିବେଶକୁ ସନ୍ତୁଳିତ ରଖିବା ମୋର କର୍ତ୍ତବ୍ୟ। ମୁଁ କେବେ ହାତୀର ହାନି କରିବି ନାହିଁ। କେବେ ଅବୈଧ ଶିକାର କିମ୍ବା ଜଙ୍ଗଲ ଧ୍ୱଂସରେ ସହଭାଗୀ ହେବିନାହିଁ। ହାତୀ ବଞ୍ଚିଲେ ପ୍ରକୃତି ବଞ୍ଚିବ। ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା। ହାତୀଙ୍କ ସୁରକ୍ଷା ପାଇଁ ସୋମବାର ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ କଲେଜରେ ଧରିତ୍ରୀ, ଓଡ଼ିଶାପୋଷ୍ଟ, ତ୍ରି ଫାଉଣ୍ଡେଶନ, ଶେରଗଡ଼ ଓ ବିକାଶ ସାଥୀ ସଙ୍ଗଠନର ସହଭାଗିତାରେ ଅନୁଷ୍ଠିତ 'ହାତୀ ସଭା'ରେ ଛାତ୍ରୀଛାତ୍ର ଏଭଳି ସଂକଳ୍ପ ନେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାମ୍‌ଜୀ ଡିଗ୍ରୀ କଲେଜ ଅଧକ୍ଷ ନୀହାର ରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଓ ପରିବେଶ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖବରଦାତା ଅଶେଷନାଥ ମିଶ୍ର ସ୍ଥାନୀୟ ଅଞ୍ଚଳରେ ହାତୀର ପ୍ରଭାବ ବିଷୟରେ



ରାମ୍‌ଜୀ ଡିଗ୍ରୀ କଲେଜ ଅଧକ୍ଷ ନୀହାର ରଞ୍ଜନ କର ଉଦ୍‌ବୋଧନ ଦେଉଛନ୍ତି।

## ଭୀଷ୍ମଗିରି କଲେଜରେ ହାତୀସଭା

ସମ୍ୟକ୍ ସୂଚନା ଦେଇଥିଲେ। ଅଧାପକ କାହ୍ନୁଚରଣ ପାଢ଼ୀ, ଅଧାପିକା ଇତିପ୍ରଭା, ପ୍ରିୟଦର୍ଶିନୀ ପ୍ରଧାନ, ରଶ୍ମିତା କୁମାରୀ ମେକାପ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରି ଫାଉଣ୍ଡେଶନର ସମ୍ପାଦକ ନିରାକାର ବିଷୋୟୀ ହାତୀର ସୁରକ୍ଷା ଉପରେ ଆଲୋକପାତ କରି ହାତୀ ବନକୁ ବଞ୍ଚାଏ, ବନ ଜଳକୁ ବଞ୍ଚାଏ, ଜଳ ମାଟିକୁ ବଞ୍ଚାଏ ଏବଂ ଏହି ସବୁ ମିଶି ମଣିଷକୁ ବଞ୍ଚାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରି ହାତୀର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଅଧାପକ ଦେବବ୍ରତ ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ସାଥୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତୁଷାର ବେହେରା, ଅଚ୍ୟୁତ ବିଷୋୟୀ ଓ ଚନ୍ଦ୍ରଶେଖର ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ୫ ବ୍ୟକ୍ତିତ୍ୱଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

**ଭୁବନେଶ୍ୱର, ୧୫।୯ (ଅନୁରାଧା ମହାରଣା)**

କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜ୍ୟ ସମାରୋହ-୨୦୨୫' ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଅଭିନେତା କୁନା ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତେଜସ୍ୱିନୀ ବେହେରା, ଅଲିମ୍ପିଆନ୍ ଲିଲିମା ମିଞ୍ଜଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ, ଉପଢୌକନ ସହ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସନ୍ଥ ତଥା ଚିନ୍ମୟ ବିଦ୍ୟାଳୟ ଦେବଗଡ଼ର ଅଧକ୍ଷ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ କହିଲେ, ଉପନିଷଦରେ ପିତୃମାତୃ ଓ ଆଚାର୍ଯ୍ୟ ପୂଜନର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ମହାନ୍ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଜୀବନର ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବା ଓ ନିଜ ସ୍ୱାତ୍ୟନ୍ତ୍ରତା ପ୍ରତିପାଦନ ସହ ସମାଜ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ ଅଧକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ' ଗାନ କରିଥିଲେ ଓ ଛାତ୍ରୀ ରୋଜାଲିନ୍ ସାହୁ ଓ ବିଜୟା ନାୟକ ଓଡିଶୀ ନୃତ୍ୟ ଏବଂ ସ୍ମୃତି ଶୁଭାଙ୍ଗନା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ବାବା ସତ୍ୟାନନ୍ଦ ଦାସ, ବାବାଜୀ ବିଶ୍ୱନାଥ ଦାସ, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଡ. ବିଜୟାନନ୍ଦ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ରଥ, ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଲୋକନାଥ ବେହେରା, ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେଶନର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଇନଜୀବୀଙ୍କ ଲାଇସେନ୍ସ ୨ ବର୍ଷ ପାଇଁ ରଦ୍ଦ

## ବିଚାର ବିଭାଗୀୟ ଅଫିସର ଓ ନ୍ୟାୟପାଳିକା ବିରୋଧରେ ଫେସ୍‌ବୁକ୍‌ରେ ଲେଖିବା ଅଭିଯୋଗ

**କଟକ, ୧୫।୯ (କାର୍ତ୍ତିକ ସାହୁ)**

ବିଚାରବିଭାଗୀୟ ଅଫିସର, ନ୍ୟାୟପାଳିକା ଏବଂ ରାଜ୍ୟ ବାର୍ କାଉନସିଲ ବିରୋଧରେ ଫେସ୍‌ବୁକରେ ନିଜ ନାମକୁ ସାମାନ୍ୟ ବଦଳାଇ କ୍ରମାଗତ ଭାବେ ଲେଖିଆସୁଥିବା ଭଦ୍ରକର ଆଇନଜୀବୀ ହେମନ୍ତ କୁମାର ନାୟକଙ୍କ ଲାଇସେନ୍ସକୁ ରାଜ୍ୟ ବାର୍ କାଉନସିଲର ଶୃଙ୍ଖଳାଗତ କମିଟି ୨ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ଏହି ୨ ବର୍ଷ ମଧ୍ୟରେ ସମ୍ପୃକ୍ତ ଆଇନଜୀବୀଙ୍କୁ ମଧ୍ୟ ଏଭଳି ଆଚରଣରୁ ନିବୃତ୍ତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବାର୍ କାଉନସିଲର ଅଧକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓକିଲ ନାୟକ ନିଜେ ଗ୍ରାଣ୍ଟ କୁମାର ନାୟକ (କାଣକ୍ୟ) ନାମରେ ଫେସ୍‌ବୁକ ଆକାଉଣ୍ଟ ଖୋଲି ଗତ କିଛି ବର୍ଷ ହେବ ବିଚାର ବିଭାଗୀୟ ଅଫିସରଙ୍କ ନାମରେ ଅରୁଚିକର, ଅସଭ୍ୟ ମନ୍ତବ୍ୟ ଲେଖି ଆସୁଥିଲେ। ବିଚାରବିଭାଗୀୟ ଅଫିସରଙ୍କ ଦୈନନ୍ଦିନ କୋର୍ଟରେ ହେଉଥିବା ମାମଲାର ବିଚାରକୁ ମଧ ତାସଲ୍ୟ କରି ଲେଖିବାକୁ ବାର୍ କାଉନସିଲ ଗୁରୁତର ସହ ଗ୍ରହଣ କରି ରାଜ୍ୟ ପରିଷଦ ଅଧିବେଶନରେ ଗତ ଏପ୍ରିଲରେ ନିଜ ଆଡୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲେ।

# ଓଡ଼ିଶା ପାଳିବ 'ଧନ୍ୟବାଦ ମୋଦି' ଉତ୍ସବ

**ଭୁବନେଶ୍ୱର, ୧୫।୯ (ସୁଚିସ୍ମିତା ସାହୁ)**

ସୁଭଦ୍ରା ଯୋଜନାର ସଫଳ ଏକ ବର୍ଷ ପୂର୍ତ୍ତି ଆସନ୍ତା ୧୭ ତାରିଖରେ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ 'ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରା ଓ ସଫଳତା କାହାଣୀ ଉପସ୍ଥାପନା କରିବେ। ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ୧୭ ତାରିଖଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରା ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବେ ପାଳନ କରାଯିବ। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମରେ ସୁଭଦ୍ରା ଷ୍ଟଲ ମାଧ୍ୟମରେ ସୁଭଦ୍ରା ହେଲ୍ପ ଡେସ୍କ କର୍ମୀମାନେ ସୁଭଦ୍ରା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବେ। ସଚେତନତା ସୃଷ୍ଟି ପାଇଁ ସୁଭଦ୍ରା ସମ୍ପର୍କୀୟ ପ୍ରଚାରପତ୍ର ବଣ୍ଟନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

# ମୋଦିଙ୍କ ଜନ୍ମଦିନରେ ବ୍ୟାପକ କାର୍ଯ୍ୟକ୍ରମ କରିବ ଓବିସି ମୋର୍ଚ୍ଚା

**ଭୁବନେଶ୍ୱର, ୧୫।୯ (ସୁନିତ୍ ମିଶ୍ର)**

ଗରିବ, ପଛୁଆ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ତାଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି। ଭାଜପା ଓବିସି ମୋର୍ଚ୍ଚା ତରଫରୁ ସୋମବାର ଏକ ପ୍ରସ୍ତୁତି ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ଅବସରରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଓବିସି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୋଦିଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନା କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଓବିସି ମୋର୍ଚ୍ଚା ପକ୍ଷରୁ ନିଷ୍ପତି ନିଆଯାଇଛି। ସେବା ପକ୍ଷରେ ମଣ୍ଡଳ ଓ ଜିଲାସ୍ତରରେ ବ୍ୟାପକ ବୃକ୍ଷରୋପଣ ସହ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବର, ସ୍ୱଚ୍ଛତା କାର୍ଯ୍ୟକ୍ରମ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ହାତକୁ ନେବେ। ଏହାସହ ଦିବ୍ୟାଙ୍ଗମାନଙ୍କୁ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି।

# ୫ କୋଟି ଦସ୍ତଖତ ଅଭିଯାନରେ ଓଡ଼ିଶାର ବଡ଼ ଭୂମିକା ରହିବ: ଭକ୍ତ

## 'ଭୋଟ୍ ଚୋର, ଗାଦି ଛାଡ଼' ପ୍ରସଙ୍ଗ

**ଭୁବନେଶ୍ୱର, ୧୫।୯ (ରବିନାରାୟଣ ଜେନା)**

ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି)ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଅଗଷ୍ଟରେ 'ଭୋଟ୍ ଚୋର, ଗାଦି ଛାଡ଼' ସ୍ଲୋଗାନ ଦେଇ ମଶାଲ ଶୋଭାଯାତ୍ରା ଓ ରାଲି କାର୍ଯ୍ୟକ୍ରମ ସବୁ ଜିଲାରେ ସଫଳ ହୋଇଛି। ସଂପ୍ରତି ସାରା ଦେଶରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଏଆଇସିସିର ଆହ୍ୱାନ ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ଦେଶର ୫କୋଟି ଲୋକଙ୍କ ଦସ୍ତଖତ ସମ୍ବଳିତ ନଥି ରାଷ୍ଟ୍ରପତି ଓ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ। ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି, ଏହି ଭୋଟ ଚୋରି ପ୍ରସଙ୍ଗକୁ ଏକ ଅର୍ଥପୂର୍ଣ୍ଣ ଉପସଂହାରରେ ପହଞ୍ଚାଇବା ପାଇଁ ଏଆଇସିସି ପକ୍ଷରୁ ୧୫ ସେପ୍ଟେମ୍ବରଠାରୁ ୧୫ ଅକ୍ଟୋବର ଏକମାସ ବ୍ୟାପୀ ଆଉ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମଗ୍ର ଦେଶରେ ଭୋଟ୍ ଚୋରି ବିରୋଧରେ ୫ କୋଟି ଦସ୍ତଖତ ସଂଗ୍ରହ କରାଯିବ। ଦସ୍ତଖତ ସମ୍ବଳିତ ନଥିପତ୍ରକୁ ଭାରତର ନିର୍ବାଚନ ଆୟୋଗ ଓ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରାଯିବ।

# ସମସ୍ତେ ଗଛ ଲଗାଇ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରନ୍ତୁ: ମୁଖ୍ୟମନ୍ତ୍ରୀ

## ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମ ସଫଳ କରିବାକୁ ସମୀକ୍ଷା ବୈଠକ

**ଭୁବନେଶ୍ୱର, ୧୫।୯ (ସୁନିତ୍ ମିଶ୍ର)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଯାଉଛି। ଜନପ୍ରତିନିଧିମାନଙ୍କ ଠାରୁ ଆରମ୍ଭକରି ବେସରକାରୀ ଅନୁଷ୍ଠାନ, ଛାତ୍ରୀଛାତ୍ର, ମହିଳା ଓ ଯୁବବର୍ଗ ସମସ୍ତେ ଏଥିରେ ସାମିଲ ହୁଅନ୍ତୁ। ସାଧାରଣ ଜନତାଙ୍କ ସମ୍ପୂର୍ଣ୍ଣ ଭାଗୀଦାରିରେ ଏହି ବୃହତ୍ ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନଠାରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଜିଲାପାଳମାନଙ୍କ ସହ ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲାପାଳମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହ ଯୋଗାଯୋଗ କରିବା ସହିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ମନିଟରିଂ କରିବେ। ସମସ୍ତେ ଗଛ ଲଗାଇ ସେଲ୍ଫି ଉଠାନ୍ତୁ ଏବଂ ମେରି ଲାଇଫ ପୋର୍ଟାଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ଅପ୍‌ଲୋଡ୍ କରନ୍ତୁ। ଏକ ସଶକ୍ତ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ। ବିକାଶ ସହିତ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତ ବର୍ଷଠାରୁ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ କରିଛନ୍ତି। ଗତ ବର୍ଷ ଓଡ଼ିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଓଡିଶାରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି।

# ସବୁ ବିଭାଗଠାରୁ ସରକାର ଲୋଡ଼ିଲେ ବାସ୍ତବ ଚିତ୍ର

## ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୫।୯ (ରବିନାରାୟଣ ଜେନା)**

ରାଜ୍ୟରେ ଅର୍ଥନୈତିକ ବିକାଶ କେତେଦୂର ଅଗ୍ରଗତି ହୋଇଛି ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ସରକାରଙ୍କ ପକ୍ଷରୁ କେବଳ ଯେ ବିକାଶର ଚିତ୍ର ପ୍ରତିଫଳିତ ହେବ ତାହା ନୁହେଁ, କେଉଁ କ୍ଷେତ୍ରରେ ରାଜ୍ୟ କେତେ ପ୍ରଗତି କରିଛି ଏବଂ କେଉଁସବୁ ଆହ୍ୱାନ ରହିଛି ତାହା ଜଣାପଡ଼ିବ। ଏହାସହିତ ରାଜ୍ୟରେ କେତେ ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, କେତେ ନୂତନ ଯୋଜନା କାର୍ଯ୍ୟକାରୀ ହେବା ସହିତ ଏହାର ସୁଫଳ କେତେ ମିଳିଛି ସେସବୁ ଲୋକଲୋଚନକୁ ଆସିବ। ଏନେଇ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଭାଗୀୟ ମୁଖ୍ୟମାନେ ତାଙ୍କର ବିକାଶର ବାସ୍ତବ ସ୍ଥିତି ସମ୍ପର୍କରେ ତୁରନ୍ତ ଜଣାଇବା ଲାଗି ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଉନ୍ନୟନ ଆୟୁକ୍ତ ଚଳିତମାସ ୨ ତାରିଖରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ଅର୍ଥନୈତିକ ବିକାଶ ଚିତ୍ର ହିଁ ଅଥନୈତିକ ସର୍ଭେ ରିପୋର୍ଟରେ ପ୍ରତିଫଳିତ ହୋଇଥାଏ। ଏହାବାଦ୍ କେଉଁସବୁ କ୍ଷେତ୍ରରେ ରାଜ୍ୟର ବିକାଶ ହୋଇଛି ତଥା ସୁଯୋଗ ରହିଛି ଏବଂ କେଉଁସବୁ କ୍ଷେତ୍ରରେ ଏବେ ବି ଆହ୍ୱାନ ରହିଛି ତାହା ମଧ୍ୟ ଦର୍ଶାଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନୂତନ ନୀତି ସମ୍ପନ୍ନ ହୋଇଥାଏ; ଯାହାଦ୍ୱାରା ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଅନୁ ଗର୍ଗ ଦର୍ଶାଇଛନ୍ତି, ଏହି ସର୍ଭେ ପାଇଁ ପ୍ରତ୍ୟେକ ବିଭାଗରେ ଜଣେ ଲେଖାଏ କ୍ଷେତ୍ରୀୟ ଅଧିକାରୀ (ନୋଡାଲ ଅଫିସର) ମନୋନୀତ ହେବା ଆବଶ୍ୟକ; ଯଦ୍ୱାରା ସେମାନଙ୍କଠାରୁ ବିଭାଗର ସମସ୍ତ ତଥ୍ୟ ତୁରନ୍ତ ମିଳିପାରିବ। ତେବେ ଅର୍ଥନୈତିକ ସର୍ଭେ ରିପୋର୍ଟ ହେଉଛି ସବୁ ବିଭାଗର ସାମୂହିକ ପ୍ରୟାସ। ଏହାକୁ ଦୃଷ୍ଟିରେ ରଖି ବିଭାଗର ସଫଳତା, ଲୋକାଭିମୁଖୀ ଯୋଜନା ଓ ଏହାର କାର୍ଯ୍ୟକାରିତା ଏବଂ ନୂତନ ନୀତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବାକୁ ହେବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଭଳି ତଥ୍ୟ ସରକାରଙ୍କୁ ମିଳିବ ସେନେଇ ଉନ୍ନୟନ ଆୟୁକ୍ତ ପତ୍ରରେ ଦର୍ଶାଇଛନ୍ତି।

# ଜିଏସ୍‌ଟି ସଂସ୍କାର ଯୋଗୁ ଓଡ଼ିଶାର ଇକୋସିଷ୍ଟମ ସୁଦୃଢ଼ ହେବ: ଅରୁଣ ସିଂହ

**ଭୁବନେଶ୍ୱର, ୧୫।୯ (ସୁନିତ୍ ମିଶ୍ର)**

ଜିଏସ୍‌ଟି ସଂସ୍କାର ୨.୦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି। ଆସନ୍ତା ୨୨ରୁ ଲାଗୁ ହେବା ପାଇଁ ଯାଉଥିବା ନୂତନ ଜିଏସ୍‌ଟି ସ୍ଲାବ୍ ସମସ୍ତ ବର୍ଗଙ୍କ ମନରେ ଖୁସି ଆଣିଦେଇଛି। ଏହି ଜିଏସ୍‌ଟି ସଂସ୍କାର ଦ୍ୱାରା ଓଡ଼ିଶା ଭଳି ରାଜ୍ୟର ଇକୋସିଷ୍ଟମ ସୁଦୃଢ ହେବ ହେବ ବୋଲି ରାଜ୍ୟ ସଭା ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କେନ୍ଦୁପତ୍ର ଉପରେ ଜିଏସ୍‌ଟି ସ୍ଲାବ୍ ୧୮ ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡ଼ିଶାର କେନ୍ଦୁପତ୍ର ତୋଳାଳିମାନେ ଉପକୃତ ହେବେ। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

# ବୈତରଣୀ ଅବବାହିକାରେ ୭ ପ୍ରାଚୀନ ଦେବୀପୀଠର ସନ୍ଧାନ

**ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)**

ପୁରାଣ ବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ନଦୀର ସଂଲଗ୍ନ ଉପତ୍ୟକା ଅନେକ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ଗନ୍ତାଘର। ଓଡ଼ିଶାର ଭୌମକର ତଥା ସୋମବଂଶୀ ରାଜବଂଶ ରାଜୁତି ସମୟରେ ଏହି ନଦୀ କୂଳରେ ରାଜଧାନୀ ଗୁହେଶ୍ୱରପାଟକ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ଯାଜନଗର ହୋଇଥିଲା, ଯାହା ବର୍ତ୍ତମାନ ଯାଜପୁର ରୂପେ ପରିଚିତ। ଯାଜପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ବୈତରଣୀ ନଦୀ ଉପତ୍ୟକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିପୀଠ। ବୈତରଣୀ ନଦୀର ଧାରେ ଧାରେ ଅଗଣିତ ପ୍ରାଚୀନ ଦେବୀମାନେ ଅଲୋଡା ହୋଇ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡିରହିଛନ୍ତି। ରି-ଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ୍ ପକ୍ଷରୁ ବୈତରଣୀ ନଦୀ ଉପତ୍ୟକାର ଏହି ପୁରାତନ ଦେବୀପୀଠଗୁଡିକର ସନ୍ଧାନ କରି ସେଗୁଡିକର ତଥ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୪ ରବିବାର ଗ୍ରୁପ୍‌ର ସଦସ୍ୟମାନେ ବୈତରଣୀ ନଦୀ ଉପତ୍ୟକାରେ ଐତିହ୍ୟ ଅନୁସନ୍ଧାନବେଳେ ଏସବୁର ସନ୍ଧାନ ପାଇଛନ୍ତି। ଯାଜପୁରର ଐତିହ୍ୟ ଗବେଷକ ନୃପତି ନିହାର ଶିଅଳଙ୍କ ନେତୃତ୍ୱ ସନ୍ଧାନ ମିଳିଥିବା ପୁରାତନ ଦେବୀପୀଠଗୁଡିକର ଦସ୍ତାବେଜୀକରଣ ପ୍ରକ୍ରିୟାରେ ଗ୍ରୁପ୍‌ର ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ, ସୁମନ ପ୍ରକାଶ ସ୍ୱାଇଁ, ବିକ୍ରମ କୁମାର ନାୟକ, ମାଧବାନନ୍ଦ ଭୋଇ, ବରଦା ପ୍ରସାଦ ଜେନା ପ୍ରମୁଖ ସାମିଲ ହୋଇଥିଲେ।


ବୈତରଣୀ ନଦୀ କୂଳରେ ରହିଥିବା ପୁରାତନ ଦେବୀପୀଠ।

ଏ ସମ୍ପର୍କରେ ନୃପତି କହିଛନ୍ତି, ଐତିହ୍ୟ ଅନୁସନ୍ଧାନକାରୀ ଦଳ ସମୁଦାୟ ୭ଟି ପ୍ରାଚୀନ ଦେବୀପୀଠର ସନ୍ଧାନ କରିଛି। ଲୋକମୁଖରେ ଏହି ଗ୍ରାମଦେବତୀମାନେ ବିଚିତ୍ର ନାମରେ ଉପାସିତ ହେଉଥିଲେ ମଧ୍ୟ ପ୍ରକୃତରେ ସେମାନେ ବୈତରଣୀ ନଦୀ ଉପତ୍ୟକାରେ ବିସ୍ତାର ଲାଭ କରୁଥିବା ଜୈନ, ବୌଦ୍ଧ ତଥା ବ୍ରାହ୍ମଣ ସଂସ୍କୃତି ଓ ଧର୍ମ ବିଶ୍ୱାସର ପ୍ରତୀକ। ଏହି ଦସ୍ତାବେଜୀକରଣରେ ଭଦ୍ରକ ଜିଲା ନେରଦାର ସୁବର୍ଣ୍ଣମୁଖୀ ପୀଠ, କେଉଁଝର ଜିଲା ହାବଲେଶ୍ୱରର ସାତଭଉଣୀ ଠାକୁରାଣୀ, ଯାଜପୁର ଜିଲା ମୁକୁନ୍ଦପୁରର ପଞ୍ଚରତ୍ନ ମନ୍ଦିର, ସୁନାମୁହିଁ ଓ ଜାଗୁଳେଇ ଠାକୁରାଣୀ, ରଣପୁରର ସଅଁଳ ଠାକୁରାଣୀ ତଥା ନୂଆଗଡ଼ର ବ୍ରାହ୍ମଣୀ ଦେବୀ ଠାକୁରାଣୀ ପୀଠ ରହିଛି। ଏସବୁ ସ୍ଥାନରୁ ହିନ୍ଦୁ, ବୌଦ୍ଧ ତଥା ଜୈନଧର୍ମ ସହ ସମ୍ପୃକ୍ତ ଅନେକ ପ୍ରାଚୀନ ମୂର୍ତ୍ତି, ମନ୍ଦିରର ଧ୍ୱଂସାବଶେଷ, ଉପାସନା ସ୍ତୂପ, ବୀରଶିଳା ତଥା ଅଭିଲେଖଯୁକ୍ତ ପ୍ରସ୍ତର ଆଦିର ସନ୍ଧାନ ମିଳିଛି। ଏହି ସନ୍ଧାନ ସମ୍ପର୍କରେ ଖୁବ୍‌ଶୀଘ୍ର ସବିଶେଷ ରିପୋର୍ଟ ପ୍ରକାଶ କରିଯିବ ବୋଲି ନିହାର କହିଛନ୍ତି।

# ଗଞ୍ଜାମରେ ସାର ପାଇଁ ଥମୁନି ଉତ୍ତେଜନା

ଦିଗପହଣ୍ଡି/ପାଟପୁର/ପୋଲସରା, ୧୫।୯(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ/ ସୁବ୍ରତ ବେହେରା)

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପକ୍ଷରୁ ଚାଷୀଙ୍କୁ ସାର ବଣ୍ଟନ କରା ନ ଯାଇ ରବିବାର ରାତି ଅଧରେ ସମବାୟ ସମିତି ସମ୍ପାଦକ କେତେଜଣ ବ୍ୟବସାୟୀ ଓ ସମ୍ପର୍କୀୟଙ୍କୁ ବେଆଇନ ଭାବେ ସାର ବିକ୍ରି କରିଥିବା ସୋମବାର ସକାଳେ ଜଣାପଡ଼ିବା ପରେ ସିଦ୍ଧେଶ୍ୱର ପଞ୍ଚାୟତ ଦିଗପହଣ୍ଡି ଓ ସାହସପୁର ଅଞ୍ଚଳରେ ଚାଷୀ ତାତିଛନ୍ତି। ସକାଳ ସାଢେ ୯ଟାରେ ବିଭିନ୍ନ ଗ୍ରାମର ଚାଷୀମାନେ ଏକାଠି ହୋଇ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ଛକରେ ବ୍ରହ୍ମପୁର-ଦିଗପହଣ୍ଡି ୧୭ ନଂ. ରାଜ୍ୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ଖବର ପାଇ ଦିଗପହଣ୍ଡି ତହସିଲଦାର ତଥା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ସନ୍ତୋଷ ସାହୁ, ସିଦ୍ଧେଶ୍ୱର ସରପଞ୍ଚ ବିଜୟ ପ୍ରଧାନ, ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ରାଜ କିଶୋର ପାତ୍ର, ଏସ୍ଆଇ ସୋଫିଆ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ସମସ୍ତ ଚାଷୀଙ୍କୁ ସେବା ସମବାୟ ସମିତି ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ସାର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଦିଗପହଣ୍ଡି ଗଣିଆ ନାଳ ଛକରେ ଚାଷୀ ରାସ୍ତାରୋକୋ କରିଛନ୍ତି।

ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ସମବାୟ ସମିତି କାର୍ଯ୍ୟାଳୟରେ ତହସିଲଦାରଙ୍କ ଉପସ୍ଥିତିରେ ସମିତି ସମ୍ପାଦକ ଗୋପାଳ ଜେନା ଚାଷୀଙ୍କୁ ସାର ବଣ୍ଟନ କରିଥିଲେ।

ସେହିପରି ସକାଳେ ସାନଖେମୁଣ୍ଡି ବ୍ଲକ ସାହାସପୁର ପ୍ରାଥମିକ ସେବା ସମବାୟ ସମିତି ଚାଷୀଙ୍କୁ ସାର ଦେଉ ନ ଥିବାରୁ ବହୁସଂଖ୍ୟକ ଚାଷୀ ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତାର ସାହାସପୁର ହାଟପଦାଠାରେ ରାସ୍ତାରୋକୋ କରିଥିଲେ। ସାନଖେମୁଣ୍ଡି ତହସିଲଦାର ତଥା ଏକ୍ଜିକ୍ୟୁଟିଭ

**■ରାସ୍ତାରୋକୋ କରି ପ୍ରତିବାଦ ଜଣାଇଲେ ଚାଷୀ**

**■ପୋଲସରାରେ ସାର ପାଇଁ ୪ଘଣ୍ଟା ଜଗି ଫେରିଲେ**

ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ଖୁବ୍‌ଶୀଘ୍ର ସାର ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଜିଲାର ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ପଞ୍ଚାୟତରେ ମଧ ଚାଷୀଙ୍କୁ ସାର ମିଳୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଗୋଛାବାଡି ହାଇସ୍କୁଲ ଭିତରେ ସାର ପାଇଁ ଚାଷୀ ସକାଳ ୧୦ଟାରୁ ପାଖପାଖି ୪ ଘଣ୍ଟା ବସି ରହି ନିରାଶ ହୋଇ ଫେରିଛନ୍ତି। କେବଳ ଗୋଛାବାଡି ନୁହେଁ ପୋଲସରା ବ୍ଲକ ବିଭିନ୍ନ ପଞ୍ଚାୟତରେ ମଧ ସାର ଅଭାବ ଲାଗି ରହିଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ତୁରନ୍ତ ସରକାର ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

## ଏସ୍‌ଆରଏଫ ଲିମିଟେଡ଼ କମ୍ପାନୀର ଭିତ୍ତିପ୍ରସ୍ତର କଲେ ମୁଖ୍ୟମନ୍ତ୍ରୀ
# ପୁଞ୍ଜି ନିବେଶ ହେବ ୧୦ ହଜାର କୋଟି ଟଙ୍କା

ଛତ୍ରପୁର,୧୫।୯(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ):

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଚମାଖଣ୍ଡି ନିକଟରେ ଥିବା ଟାଟା ଷ୍ଟିଲ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଲିମିଟେଡ୍‌ର ଗୋପାଳପୁର ଶିଳ୍ପ ପାର୍କରେ ଏସ୍‌ଆର୍‌ଏଫ ଲିମିଟେଡ଼ କମ୍ପାନୀ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭୁବନେଶ୍ୱରଠାରେ ଭର୍ଚୁଆଲରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କମ୍ପାନୀ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶରେ ଗୋପାଳପୁର ଶିଳ୍ପ ପାର୍କରେ ୩୦୦ ଏକର ଜମିରେ ଏହାର ପ୍ରସ୍ତାବିତ ରାସାୟନିକ ଏବଂ ସ୍ୱତନ୍ତ୍ର ରାସାୟନିକ ୟୁନିଟ ସ୍ଥାପନ କରିବ। ଏହାଦ୍ୱାରା ଆଖପାଖ ଅଞ୍ଚଳର ୧୮ ହଜାରରୁ ଅଧିକା ଲୋକଙ୍କ ନିମନ୍ତେ ନିଯୁକ୍ତି ସମ୍ଭାବନା ରହିବ। ଏହା ଗୋପାଳପୁର ଶିଳ୍ପ ପାର୍କରେ ୧୪ତମ ଶିଳ୍ପ ହେବ। ଏହି ଅବସରରେ ଗୋପାଳପୁରସ୍ଥିତ ଜେଏନ ଟାଟା ବୈଷୟିକ ଶିକ୍ଷା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ମୋହନ ସରକାର ଲୋକଙ୍କ ସରକାର, ଗଞ୍ଜାମ ଜିଲ୍ଲା ଶିଳ୍ପର ହବ୍ ହେବାକୁ ଯାଉଛି ବୋଲି କହିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ଯୋଗଦେଇ ଆଜି ଗଞ୍ଜାମ ଜିଲ୍ଲା ପାଇଁ ଖୁସି ଓ ସୌଭାଗ୍ୟର ଦିନ ବୋଲି କହିଛନ୍ତି। ଏଥିନିମନ୍ତେ ସେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ। ଟାଟା ଏସଇଜେଡର ଏମ୍‌ଡି ମଣିକାନ୍ତ ନାୟକ ଏବଂ ଏସଆରଏଫ ଲିମିଟେଡ଼ କମ୍ପାନୀର ଭାଇସ ପ୍ରେସିଡେଣ୍ଟ ଦିନେଶ ବାବୁଙ୍କ ସମେତ ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଏବଂ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହୃଦ୍‌ଘାତରେ ପୋଲିସ୍ ଏଏସ୍‌ଆଇଙ୍କ ପରଲୋକ

ବେଲଗୁଣ୍ଠା, ୧୫।୯( କୃଷ୍ଣଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନାର ଏଏସଆଇ ପ୍ରଭାକର ଗାଣ୍ଟା (୫୩)ଙ୍କ ହୃଦ୍‌ଘାତରେ ସୋମବାର ପରଲୋକ ହୋଇଛି। ଗାଣ୍ଟା ପାଇଲିପ ପଞ୍ଚାୟତରେ ହେଉଥିବା ଯୁଗ୍ମ ଜନଶୁଣାଣି ଶିବିରକୁ ଡିୟୁଟିରେ ଯାଇ ଅପରାହ୍ନ ୧ଟାରେ ଥାନାକୁ ଆସିଥିଲେ। ଥାନାରେ କାମ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଗୋବରା ମେଡିକାଲକୁ ନେଇଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗାଣ୍ଟାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ମେଡିକାଲରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଣ୍ଟାଙ୍କ ଶେଷକୃତ୍ୟ ତାଙ୍କ ପୈତୃକ ଗ୍ରାମ ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଖଣ୍ଡବା ଗ୍ରାମରେ ସମ୍ପନ୍ନ ହେବ ବୋଲି ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗାଣ୍ଟା ଗାଙ୍ଗପୁର ଥାନାରେ ଦେଢ ବର୍ଷ ହେବ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସୋରଡା ବିଧାୟକ ନୀଳମଣି ବିଷୋୟୀ, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଡାକୁଆ, ଖଇରପୁଟି ସରପଞ୍ଚ ସତ୍ୟବାନ ସ୍ୱାଇଁ, ଗୋବରା ସମିତିସଭ୍ୟ ବିଭୂପାଦ ଜେନା ଓ ଅନ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

### ମା’ ରାମଚଣ୍ଡୀଙ୍କ ନାରାୟଣୀ ବେଶ

ଛତ୍ରପୁର,୧୫।୯(ସନ୍ତୋଷ ପାଢ଼ୀ): ଛତ୍ରପୁର ଉପକଣ୍ଠ ପାହାଡ ଶିଖରେ ଅବସ୍ଥିତ ମା’ ରାମଚଣ୍ଡୀଙ୍କ ପୀଠରେ ରବିବାର ମୂଳାଷ୍ଟମୀରୁ ରୀତିନୀତି ଅନୁସାରେ ଷୋଡଶ ଦିନାତ୍ମକ ଶାରଦୀୟ ପୂଜା ଆରମ୍ଭ ହୋଇଛି। ସୋମବାର ମା’ ନାରାୟଣୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ପୂଜାରେ ବିପୁଲିଙ୍ଗି ଗ୍ରାମର ଦିବାକର ଦାସ ମୁଖ୍ୟ କର୍ତ୍ତା ଓ ବ୍ରହ୍ମପୁରର ଦିବାକର ପଣ୍ଡା ଉପକର୍ତ୍ତା ଭାବେ ଯୋଗଦେଇଥିଲେ। କରପଡା ପଞ୍ଚାୟତର ଶତାଧିକ ମହିଳା ଋଷିକୁଲ୍ୟା ନଦୀରୁ ଜଳ କଳସୀ ଆଣିବା ପରେ ସ୍ଥପତି ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏବଂ ବ୍ରହ୍ମପୁରର ହରମୋହନ ପଣ୍ଡା, ନୀଳମଣି ମହାପାତ୍ର, ଚନ୍ଦ୍ରଭାନୁ କର ଓ ରାହୁଲ ଦାଶଙ୍କ ଉପସ୍ଥିତିରେ ବେଦପାଠ କରାଯାଇ ପୂଜା ସମ୍ପନ୍ନ ହୋଇଛି।

### ୪ ଗାଁକୁ ନାହିଁ ପକ୍କାରାସ୍ତା, ବର୍ଷା ହେଲେ ବଢୁଛି ସମସ୍ୟା

ଖଜୁରିପଡ଼ା,୧୫।୫ (ବିଦ୍ଧୁର ବେହେରା) ଖଜୁରିପଡ଼ା ବ୍ଲକ୍ ବଲସକୁମ୍ପା ପଞ୍ଚାୟତର ନୂଆଁ ସାହି, ଜାମୁସାହି, ସୁନ୍ଦରଗଡ, ରାଞ୍ଜାକୁମ୍ପା, ଦରଗଡ଼ ଗଣ୍ଡା ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ। ଯାହା ଫଳରେ ଏହି ଗ୍ରାମର ଲୋକ ମାନେ ଖରା ସମୟରେ ଖାଲ ଢିପ ମାଟି ରାସ୍ତାରେ ଯିବା ଆସିବା କରନ୍ତି। ହେଲେ ବର୍ଷା ଋତୁ ଆସିଲେ କାଦୁଅ ପଚପଚ ଖସଡ଼ା ରାସ୍ତା ଯୋଗୁ ଅନେକ ଦୁର୍ଘଟଣା ଘଟିଥାଏ। ଏହାକୁ ନେଇ ଗ୍ରାମବାସୀ ଅନେକ ଥର ପଲ୍ଲୀସଭାରେ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇ ପାରିନାହିଁ। ନିର୍ବାଚନ ସମୟରେ ଅନେକ ନେତା ଆସି ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଭୋଟ ପାଇଲା ପରେ ସବୁ ଭୁଲିଗଲେ। ଲୋକେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ରାସ୍ତା ନିର୍ମାଣ କରିବା ପାଇଁ ଜଣାଇଥିଲେ ମଧ ସେମାନେ ଗୁରୁତ୍ୱ ଦେଉ ନାହାନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଗ୍ରାମବାସୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି।

### ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

ବୁଗୁଡା,୧୫।୯(କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ସ କଲେଜ ରାଜନୀତିବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏହାର ଶୀର୍ଷକ ‘ଫ୍ରମ୍ ରବର୍ ଷ୍ଟାମ୍ପଟୁକ୍ରାଇସିସ୍‌ମେନେଜର, ଦିଟ୍ରାନ୍ସଫର୍ମେଟିଭ୍ ଡାଇମେନସନ୍ସ ଅଫ୍‌ଦି ଇଣ୍ଡିଆନ ପ୍ରେସିଡେନ୍ସି’ ରହିଥିଲା। ଅଧକ୍ଷ ଡା.ପୁରୁଷୋତ୍ତମ ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜି ଅଟୋନୋମସ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡା.ବୈଦ୍ୟନାଥ ଦାଶ ଓ ସମ୍ମାନିତ ଅତିଥି ଭାବେ କଲେଜ ଉପାଧକ୍ଷ ହରିକୃଷ୍ଣ ନାୟକ, ଅଧାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ପାଠଚକ୍ରର ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପକ ଅକ୍ଷୟ ସାହୁ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀ ରୂପାଲି ପାତ୍ର ଓ ପୂଜା ସ୍ୱାଇଁ ନିବନ୍ଧ ଉପସ୍ଥାପନ କରିଥିଲେ।

# ଗଞ୍ଜାମ ବ୍ଲକ୍‌ରେ କଲବଲ ଚାଷୀ

ଗଞ୍ଜାମ,୧୫।୯(ଅଖିଳ ତରାଇ)

ଗଞ୍ଜାମ ବ୍ଲକରେ ସାରର ଅଭାବ ଯୋଗୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକ୍ ସମୟରେ ସାର ପ୍ରୟୋଗ ନ ହେଲେ ଫସଲରେ ବଡ଼ କ୍ଷତି ହେବ ଚିନ୍ତା କରି ଚାଷୀ ସଙ୍କଟରେ ପଡିଛନ୍ତି। ଚଳିତ ଖରିଫ୍ ଋତୁରେ ବ୍ଲକରେ ୭୫୭୪ ହେକ୍ଟର ଜମିରେ ଚାଷ ଆରମ୍ଭ ହୋଇଥିବା ବେଳେ ୬୯୦୦ ହେକ୍ଟରରେ ତଳି ରୁଆ ହୋଇଛି ଏବଂ ୬୭୪ ହେକ୍ଟରରେ ଧାନ ବୁଣା ସରିଛି। ବ୍ଲକ ପାଇଁ ୨୨୦ ମେଟ୍ରିକ୍ ଟନ୍ ସାରର ଆବଶ୍ୟକତା ଥିବା ବେଳେ ଆସିଛି ମାତ୍ର ୧୧୧ ମେଟ୍ରିକ୍ ଟନ୍। ଏପରି ସ୍ଥିତିରେ ସାରର ଅଭାବ ଚାଷୀଙ୍କୁ ହନ୍ତସନ୍ତ କରିଛି। ବିହନ ଏବଂ ସାରର ସୁଷମ ବଣ୍ଟନ ପାଇଁ ବ୍ଲକରେ ୨୨ଟି ସମବାୟ ସମିତି ରହିଛି। ଏମାନଙ୍କ ମଧ୍ୟରୁ ରଘୁନାଥପୁର, କଲ୍ୟାଣପୁର, ରାଜପୁର ଏବଂ ବୁରୁଡ଼ି ସମିତିଗୁଡ଼ିକ ପକ୍ଷରୁ କୌଣସି ଚାଷୀଙ୍କୁ ସାର ବଣ୍ଟନ କରାଯାଇନାହିଁ। କଲ୍ୟାଣପୁର ପାକ୍ସ ଅଧୀନରେ କାଇଞ୍ଚପୁର, ମାଳି ଜଗନ୍ନାଥପୁର ଏବଂ ରଘୁନାଥପୁର ପାକ୍ସ ଅଧୀନରେ ରାମଗଡ଼ ପଞ୍ଚାୟତର ଅନେକ ଗାଁର ଚାଷୀମାନେ ସାର ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରାଜପୁର ପାକ୍ସରେ ଚାଷୀମାନେ ମଧ ସାର ପାଇଁ ହଇରାଣ


ସାର ପାଇଁ ଚାଷୀଙ୍କ ଲମ୍ବା ଧାଡ଼ି।

ହେଉଛନ୍ତି। ସେହିଭଳି ଆଲିଆବାଦ, ଲୁଙ୍ଗୁରି, ବାଗଲପୁର ପାକ୍ସଗୁଡିକରେ ସାର ଅଭାବ ଯୋଗୁ ଏଠାରେ ଚାଷୀମାନେ ବାଧ୍ୟ ହୋଇ ପଡ଼ୋଶୀ ସମିତିଗୁଡ଼ିକରୁ କିଛି ସାର ଆଣୁଛନ୍ତି କିମ୍ବା ଖୋଲା ବଜାରରୁ ଅଧିକ ମୂଲ୍ୟରେ କିଣୁଛନ୍ତି। ଗୋଟିଏ ୟୁରିଆ ବସ୍ତାର ସରକାରୀ ମୂଲ୍ୟ ୨୬୬.୫ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଖୋଲା ବଜାରରେ ଏହା ଅଧିକ ଦରରେ ବିକ୍ରି ହେଉଛି। ଏନେଇ ଅତିରିକ୍ତ କୃଷି ଅଧିକାରୀ ପ୍ରତିଭା ଦେବୀ କହିଛନ୍ତି, ବଳରାମପୁର, ଗୋଖରକୁଦା, ଜେଆର୍‌ଜିପୁର, ମଧୁରୁଟୁଆ, ନିଳାଦ୍ରିପୁର, ସନ୍ତୋଷପୁର ଏବଂ ସୁବଳୟା ସମିତିଗୁଡ଼ିକୁ ସାର ଯାଇଛି। ମାତ୍ର ଆସିଥିବା ସାର ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ରମ୍ଭା ଏବଂ ଆଖପାଖ ଅଞ୍ଚଳର ସୁବଳୟା, ବୁରୁଡ଼ି, ମଧୁରଚୁଆ, ଝାରେଡ଼ି ଏବଂ ରମ୍ଭା ସମିତିର ଚାଷୀମାନେ ଆବଶ୍ୟକ ଅନୁଯାୟୀ ସାର ପାଉନାହାନ୍ତି। ସୋମବାର ଝାରେଡ଼ି, ଗୋଖରକୁଦା ଏବଂ ସୁବଳୟାରେ ସାର ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ପୂର୍ବରୁ ନାମାଙ୍କନ କରିଥିବା ଚାଷୀମାନଙ୍କୁ ହିଁ ମୁଣ୍ଡପିଛା ଗୋଟିଏ ବସ୍ତା ମିଳିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ଯୋଗାଇ ଦେବାକୁ ଦାବି ହେଉଛି।

## ସହାୟତା ପାଇଁ ଜିଲାପାଳଙ୍କୁ ଭେଟିଲେ ଦମ୍ପତି

ପାରଳାଖେମୁଣ୍ଡି, ୧୫।୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଶରଦାପୁର ଗ୍ରାମର ଶ୍ରମିକ ଦମ୍ପତି ସହାୟତା ପାଇଁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ସେମାନେ ହେଲେ ଦୁକାନ ଶବର ଓ ଦପନି ଶବର। ସେମାନେ ଜିଲାପାଳଙ୍କୁ ଭେଟି ନିଜ ଦୁଃଖ ପ୍ରକାଶ କରିବା ସହ ସହାୟତା କରିବାକୁ ଅନୁରୋଧ ପତ୍ର ଦେଇଛନ୍ତି। ଉକ୍ତ ପତ୍ରରେ ଉଭୟେ ଉଲ୍ଲେଖ କରିଛନ୍ତି, କାମ ଅନ୍ୱେଷଣରେ ତାଙ୍କ ସାନପୁଅ ଦିଲଜାନୀ ଶବର (୧୮) ଜୁଲାଇ ୨୦୨୫ରେ ଆନ୍ଧ୍ର ପ୍ରଦେଶର ରାଜମହେନ୍ଦ୍ରୀଠାରେ ଗୋଦାବରୀ ଇଲେକ୍ଟ୍ରୋନିକ୍ସ ନାମକ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ବେଳେ ଅଟୋ ଧକ୍କାରେ ପୁଅର କାକିନାଡା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବହୁ କଷ୍ଟରେ ସମ୍ପର୍କୀୟମାନଙ୍କ ସହାୟତାରେ ଗ୍ରାମକୁ ମୃତଦେହ ଆଣିଥିଲୁ। ରୋଜଗାରିଆ ପୁଅକୁ ହରାଇ ଅସହାୟ ହୋଇପଡିଥିବା ଏହି ଦମ୍ପତି ଏବେ ଦୁର୍ଦ୍ଦଶାରେ ଦିନ କାଟୁଥିବା ଜିଲାପାଳଙ୍କୁ ଜଣାଇ ପ୍ରଶାସନ ସହାୟତା କରିବାକୁ ନିବେଦନ କରିଛନ୍ତି।

## ଜିଲା ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର

ନୂଆଗଡ଼, ୧୫।୯ (ଯୋଗ୍ୟବନ୍ତ ପରିଚ୍ଛା) ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ତାବରଡା ପଞ୍ଚାୟତ ପରିସରରେ ସୋମବାର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଣାଣି ପାଇଁ ମୋଟ ୯୨ଟି ଅଭିଯୋଗ ଆସିଥିଲା। ସେଥିରୁ ୬୮ଟି ବ୍ୟକ୍ତିଗତ ଓ ୨୪ଟି ଗ୍ରାମ ସମସ୍ୟାମୂଳକ ଅଭିଯୋଗ ଥିଲା। ଅଭିଯୋଗଗୁଡିକର ଦ୍ରୁତ ସମାଧାନ ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା।

# ୫ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ‘ରାଷ୍ଟ୍ର ନିର୍ମାତା’ ସମ୍ମାନ


ଅତିଥିଙ୍କ ଗହଣରେ ସମ୍ମାନୀତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ।

ଛତ୍ରପୁର,୧୫।୯(ଦିଲୀପ ସାମଲ):

ସମାଜ ଗଠନ ଦିଗରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଛତ୍ରପୁର ରୋଟାରି କ୍ଲବ ପକ୍ଷରୁ ୫ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନଜନକ ‘ରୋଟାରି ରାଷ୍ଟ୍ର ନିର୍ମାତା’ ସମ୍ମାନ ପ୍ରଦାନ କରାଯାଇଛି। ଛତ୍ରପୁର ପିଲିବନ୍ଧ ରୋଡ୍‌ସ୍ଥିତ କ୍ଲବ ପରିସରରେ ସଭାପତି ତଥା ହାଇକୋର୍ଟ ଆଇନଜୀବୀ ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଉପରେ କହିଥିଲେ। ଏହି ଅବସରରେ ୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। କ୍ଲବର ସମ୍ପାଦକ ଡମ୍ବରୁଧର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ରୋଟାରିଆନ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ନିରଞ୍ଜନ ପାତ୍ର, ଡ. ବିମଳ ପ୍ରସାଦ ସାହୁ, ଦ୍ୱାରିକା ପ୍ରସାଦ ପଟ୍ଟନାୟକ, ସୁରଜିତ ସାମନ୍ତରାୟ, ସୁଜିତ ପଟ୍ଟନାୟକ, ଏସ. ରେଖା ମହାନ୍ତି, ଏମ୍. ଧନଞ୍ଜୟ ରେଡ୍ଡୀ, ସ୍ୱାଗତିକା ସାମନ୍ତରାୟ, ଇଂ. ରାଜକିଶୋର, ଏମ୍. ବାସୁଦେବ ରାଓ ଓ ଇ. ନାଗେଶ୍ୱର ରାଓଙ୍କ ସମେତ ଅନ୍ୟାନ୍ୟ ସଭ୍ୟାସଭ୍ୟମାନେ ଯୋଗଦେଇ ବିଭିନ୍ନ ମାନଦଣ୍ଡକୁ ଭିତ୍ତିକରି ସମ୍ମାନିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପରେ ଅଭିଭାଷଣ ରଖିଥିଲେ। ସମ୍ପାଦକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



ରାଇକିଆ,୧୫।୯(ପ୍ରଦୀପ ବେହେରା)

ରାଇକିଆ ବ୍ଲକ୍ କାର୍ଯ୍ୟାଳୟ ଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମୁଦାୟ ୪୫ ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୨୬ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୁହିକ ଅଭିଯୋଗ ରହିଥିଲା। ବିଶେଷ କରି ପାନୀୟ ଜଳ ସମସ୍ୟା, ଭତ୍ତା, ଆବାସ ଯୋଜନା, ଖାଦ୍ୟ ସୁରକ୍ଷା କାର୍ଡ ସମ୍ପର୍କୀତ ଅଭିଯୋଗ ମଧ ରହିଥିବା ବେଳେ ଗ୍ରାମାଞ୍ଚଳ ସମସ୍ୟା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତରେ ଏଡିଏମ୍ ରମେଶ ଚନ୍ଦ୍ର ଜେନା, ଜିଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଏସ୍‌ଡିପିଓ ବିଜୟ ବିଶି, ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ରାଇକିଆ ବିଡ଼ିଓ ସବ୍ୟସାଚୀ ସାହୁ, ତହସିଲଦାର ବରିୟାଲ ମୁର୍ମୁ ଏବଂ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ମଧ ଉପସ୍ଥିତ ଥିଲେ।

# ୨ ଦିନିଆ ଜିଲାସ୍ତରୀୟ ଆଲୋଚନାଚକ୍ର

ଜି.ଉଦୟଗିରି,୧୫।୯(ଚିନ୍ମୟ କୁମାର ସେଠୀ)

**ଛାତ୍ରୀଛାତ୍ରଙ୍କ ସୁରକ୍ଷା**

କନ୍ଧମାଳ ଜିଲା କଳିଙ୍ଗା ଡିଏଭି ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସମ୍ପର୍କିତ ୨ ଦିନିଆ ଜିଲାସ୍ତରୀୟ ଆଲୋଚନାଚକ୍ର ଶୁଭାରମ୍ଭ ହୋଇଛି। ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ସନ୍ତୋଷ ଭୋଇଙ୍କ ଆୟୋଜନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ ଏଡିଏମ୍ କୁଶଳ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର, ବାଲିଗୁଡ଼ା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ, ଫୁଲବାଣୀ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସତ୍ୟଜିତ ଦାସ, ରାଜ୍ୟ ସାଧନ କର୍ମୀ ସୁନନ୍ଦା କାନୁନଗୋ, ଜିଲା ସାଧନ କର୍ମୀ ବିଶ୍ୱଜିତ୍ ଜାଲି ଓ ସୁଧୀର ସାହୁଙ୍କ ସହ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଶିଷ ଅଂଶୁମାନ ପାତ୍ର, ରୋଜାଲିନ ନାୟକ, ଉର୍ମିଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜି.ଉଦୟଗିରି, ରାଇକିଆ ଓ ଟିକାବାଲି ବ୍ଲକର ୫୩ଟି ଆଶ୍ରମ ବିଦ୍ୟାଳୟର ପ୍ରତିନିଧି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତା ବିଷୟରେ ସଚେତନ ମୂଳକ ବାର୍ତ୍ତା ଦେଇଥିଲେ। ଜିଲାସ୍ତରରେ ଏହିପରି ୪ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଚକ୍ର ଡିଏଭି ଆଶ୍ରମ ବିଦ୍ୟାଳୟରେ ସଫଳତାର ସହିତ ସମ୍ପନ୍ନ ହୋଇଛି।

# ୬୬୦ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା
## ପୁରସ୍କୃତ ହେଲେ ୧୬୦ କୃତୀ ଛାତ୍ରୀଛାତ୍ର

ଧରାକୋଟ,୧୫।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ମିନି ଷ୍ଟାଡିୟମ ପରିସରରେ ଧରାକୋଟସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଇଓ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ତହସିଲଦାର ଲମ୍ବୋଦର ମାଣ୍ଡି, ସମ୍ମାନିତ ଅତିଥି ରୂପେ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଏବିଇଓ ସୌରୀ ଶଙ୍କର ବେହେରା, ବିଭୂତି ଭୂଷଣ ପାତ୍ର, ମାଣିକପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବୁଲା ପ୍ରଧାନ, ବରଡାବିଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରୁପାକ୍ଷ ପରିଡ଼ା,ପୂର୍ବତନ ଏବିଇଓ ସୀମାଞ୍ଚଳ ବେହେରା ଉପସ୍ଥିତ ଥିଲେ। ପ୍ରାରମ୍ଭରେ କ୍ରୀଡା ପତାକା ଉତ୍ତୋଳନ କରି ସମସ୍ତେ ଶପଥ ପାଠ କରିଥିଲେ। ମାଣିକପୁର, ମୁଣ୍ଡମରାଇ, ବେଟୁଆର ଓ ଧରାକୋଟ ଆଦି ୪ଟି ଜୋନରୁ ୬୦୦ ଛାତ୍ରୀଛାତ୍ର ଏହି ବ୍ଲକସ୍ତରୀୟ କ୍ରୀଡ଼ାରେ ଭାଗ ନେଇଥିଲେ। ଦୌଡ଼, କବାଡି, ଜାଭଲିନ ଥ୍ରୋ,ଶଟ ପୁଟ, ଲମ୍ଫ ଡିଆଁ ସହ ବିଭିନ୍ନ ଇଭେଣ୍ଟରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଇଓ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଇଓ ଲିଙ୍ଗରାଜ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଗଞ୍ଜାମ ଜିଲା କ୍ରୀଡ଼ା ସଙ୍ଗଠକ ହରିହର ରାଉତ, ବ୍ଲକ ଶିକ୍ଷକ ସଂଘ ସଭାପତି ଶୁକ୍ରୁ ବେହେରା , ଏବିଇଓ ବେହେରା, ଏବିଇଓ ବିଭୂତି ଭୂଷଣ ପାତ୍ର, ବ୍ଲକ କ୍ରୀଡ଼ା ସଂଘ ସମ୍ପାଦକ ପାଣ୍ଡବ ସ୍ୱାଇଁ ଯୋଗଦେଇ ୧୬୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଗାନ୍ଧୀ କୈଳାସ ପାହାଡ଼ର ଉନ୍ନତୀକରଣ ହେବ

ଭଞ୍ଜନଗର,୧୫।୯(ବାବୁଲା ପ୍ରଧାନ)

**ଏନ୍‌ଏସ୍‌ଏସ୍ କ୍ୟାମ୍ପ ଉଦ୍‌ଘାଟିତ**

ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ହେବାକୁ ଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। କେବଳ ଚାରାରୋପଣ ଲାଗି ଆୟୋଜିତ ଏହି ଶିବିରରେ ପ୍ରଥମ ଦିବସରେ ଚାରାରୋପଣ କରାଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଆର୍ଥିକ ସହାୟତାରେ ଏହି ଚାରା ରୋପଣ କାର୍ଯ୍ୟକ୍ରମକୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ନାୟକ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ କାର୍ଯ୍ୟ


ଚାରା ରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଗହଣରେ ବିଧାୟକ।

ପାଇଁ ପ୍ରଶଂସା କରିବା ସହ ପାଠ ପଢ଼ି ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଭଞ୍ଜନଗର ସହର ମଝିରେ ଥିବା ଗାନ୍ଧୀ କୈଳାସ ପାହାଡ଼ର ଉନ୍ନତୀକରଣ ପାଇଁ ୮ କୋଟି ଟଙ୍କା ବ୍ୟୟ କରାଯିବ। ଫଳରେ ପ୍ରକୃତିର ସୁରକ୍ଷା ହୋଇପାରିବ। ଜଙ୍ଗଲ ରହିଲେ ହିଁ ମାନବ ସମାଜ ତିଷ୍ଠିବ। ସମସ୍ତେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଧ୍ୟାନଦେବାକୁ ବିଧାୟକ ନାୟକ ପରାମର୍ଶ ଦେଇଥିଲେ। କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ରଥ, ଡ. ରବୀନ୍ଦ୍ର ମିଶ୍ର, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସୁନିତା ଖଣ୍ଡୁଆଳ, ସ୍ମରଣିକା ପାଢ଼ୀ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ,ସାମାଜିକ କର୍ମୀ ପ୍ରଶାନ୍ତ ରାଉତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଯୋଜନା ଅଧିକାରୀ ଶାଖା (୧) ବି. ପ୍ରଧାନ, ସହ ଯୋଜନା ଅଧିକାରୀ ବୁଧିନାଥ ବରିହା, ଶାଖା ୨ ଯୋଜନା ଅଧିକାରୀ ସସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖେଳ ପଡ଼ିଆରେ ଆବାସ ଗୃହ ନିର୍ମାଣକୁ ବିରୋଧ, ରାସ୍ତାରୋକୋ

ଫୁଲବାଣୀ,୧୫।୯(ରାକେଶ କୁମାର ରାଉତ)

ସ୍କୁଲ ଖେଳପଡିଆକୁ ଜବର ଦଖଲ କରିବା ଏବଂ ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣକୁ ଫୁଲବାଣୀ ବ୍ଲକ୍ କେରେଡ଼ି ପଞ୍ଚାୟତବାସୀ ବିରୋଧ କରିଛନ୍ତି। ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଫୁଲବାଣୀ-ବ୍ରହ୍ମପୁର ରାସ୍ତା ଅବରୋଧ କରିଛନ୍ତି। ଅତିରିକ୍ତ ଜିଲାପାଳ ଏବଂ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ରୋକୋରୁ ପଞ୍ଚାୟତବାସୀ ଓହରିଛନ୍ତି। ଫୁଲବାଣୀ ବ୍ଲକ୍ କେରେଡି ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାମ୍ନାରେ ଥିବା ଏକ ଅନାବାଦୀ ଜାଗାକୁ ସନ୍ତୋଷ ଦିଗଲ ଜବରଦଖଲ କରିଛନ୍ତି। ୨୦୧୫ ମସିହାରୁ ଗ୍ରାମବାସୀ ଏହି ସମ୍ପର୍କରେ ରାଜସ୍ୱ ବିଭାଗ ଓ ବ୍ଲକ୍ ଅଧିକାରୀଙ୍କୁ ଜଣାଇବା ସ୍ୱତ୍ତେ କୌଣସି ପଦକ୍ଷେପ ନିଆ ଯାଇନାହିଁ। ଜାଗା ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ହଟାଇବା ଏବଂ କରିଥିବା ଅଧ ନିର୍ମିତ ଘରକୁ ଭାଙ୍ଗିବାକୁ ଗ୍ରାମବାସୀ ଦାବି କରି ରାସ୍ତା ରୋକୋ କରିଥିଲେ। ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଫୁଲବାଣୀ ରାଜସ୍ୱ ନିରୀକ୍ଷକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛନ୍ତି। ଯେଉଁ ଲୋକ ଏହି ଜମି ଦଖଲରେ ଥିଲେ ତାଙ୍କୁ ନୋଟିସ ଦେବା ସହ ଜାଗାକୁ ୨୨ ତାରିଖ ସୁଦ୍ଧା ଖାଲି କରିବାକୁ କୁହାଯାଇଛି। ଗ୍ରାମବାସୀ କହିଛନ୍ତି ସ୍କୁଲ ପାଇଁ ଖେଳ ପଡିଆ ଅନାବାଦୀରେ ରହିଛି । ସରକାର ଏ ପର୍ଯ୍ୟନ୍ତ ଏହାକୁ ପଟ୍ଟା ଦେଇନାହାନ୍ତି । ଅନ୍ୟପଟେ ଜାଗା ଦାଖଲରେ ଥିବା ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷ୍ୟରୁ ଭୂମିହୀନ ବୋଲି ଜମି ଦେବା ସହ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି। ଗୋଟିଏ କିସ୍ତି ପଇସା ପାଇବା ସହ ଜମିର ଖଜଣା ବାନ୍ଧିଛନ୍ତି । ଯାହାର କାଗଜ ପତ୍ର ମଧ ଦେଖାଇ ପାରୁଛନ୍ତି। ଏହା କିପରି ସମ୍ଭବ ବୋଲି ସେମାନେ କହିଛନ୍ତି। ଅପରପକ୍ଷରେ ଦଖଲରେ ଥିବା ବ୍ୟକ୍ତି ସନ୍ତୋଷ ନ୍ୟାୟ ଦିଆଯାଉ ବୋଲି କହିଛନ୍ତି ।


ରାସ୍ତାରୋକୋ କରିଥିବା ଗ୍ରାମବାସୀ ।

# ଜାତୀୟସ୍ତରର ବନ୍ଧୁକ ଚାଳନାରେ ପୋଲସରାର ଛାତ୍ର


ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୋଲସରା,୧୫।୯(ସୁବ୍ରତ ବେହେରା)

ପୋଲସରା ସହର ଲକ୍ଷ୍ମୀ ନାରାୟଣ ସାହିର ସସ୍ମିତା କୁମାରୀ ସାହୁ ଓ ରାଜକିଶୋର ସାହୁଙ୍କ ପୁତ୍ର ମେଧାବୀ ଛାତ୍ର ଆଶୁତୋଷ ନୂଆଦିଲ୍ଲୀରେ ଡାଇରେକ୍ଟର ଜେନେରାଲ ଅଫ୍ ଏନ୍‌ସିସିରେ ଜାତୀୟସ୍ତରରେ ଏନ୍‌ଆଇସି କ୍ୟାମ୍ପରେ ଅଂଶ ଗ୍ରହଣ କରିଛନ୍ତି। ପୋଲସରା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠପଢିବା ସହ ଏନ୍‌ସିସିରେ ଆଶୁତୋଷ ଭାଗ ନେଇଥିଲେ। ସେ ପ୍ରଥମେ ଅଙ୍କୁଶପୁରଠାରେ ହୋଇଥିବା ଏଟିସି କ୍ୟାମ୍ପରେ ବନ୍ଧୁକ ଚାଳନାରେ କୃତିତ୍ୱ ହାସଲ କରିଥିଲେ। ପରେ ବିଭିନ୍ନ ସ୍ଥାନରେ ସଫଳତା ପାଇବା ସହ ଭୁବନେଶ୍ୱରରେ ଏନଆଇସି କ୍ୟାମ୍ପରେ ଅଂଶ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଜାତୀୟ ସ୍ତରର ଏନ୍‌ଆଇସି କ୍ୟାମ୍ପ ପାଇଁ କୃତିତ୍ୱ ସହିତ ଉତ୍ତିର୍ଣ୍ଣ ହୋଇଥିଲେ। ନୂଆଦିଲ୍ଲୀରେ ରାଜ୍ୟକୁ ପ୍ରତିନିଧି କରିବାର ଗୌରବ ହାସଲ କରିଛନ୍ତି। ପୋଲସରା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟକୁ ଜାତୀୟ ସ୍ତରରେ ଟେକ ରଖିବାର ସୁନାମ ଅର୍ଜନ କରିଛନ୍ତି। ପୋଲସରା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରାର୍ଥନା ସଭାରେ ଆଶୁତୋଷ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ମୋହନା,୧୫।୯ (ମନ୍ମଥ ମିଶ୍ର)

ଗଞ୍ଜେଇ ଚୋରାଚାଲାଣ କରାଯାଉଥିବା ନେଇ ଏସପି ଯତୀନ୍ଦ୍ର ପଣ୍ଡାଙ୍କଠାରୁ ସୂଚନା ପାଇ ଗଜପତି ଜିଲା ମୋହନା ଥାନା ଶିକୁଲିପଦର ନିକଟରେ ଥାନା ଅଧିକାରୀ ବସନ୍ତ ସେଠୀ ଓ ଟିମ ପାଟ୍ରୋଲିଂ କରି ଜଗି ରହିଥିଲେ। ଏହି ସମୟରେ ରାସ୍ତା କଡରେ ଗାଡିକୁ ଅପେକ୍ଷା କରି ଜଣେ ବ୍ୟକ୍ତି ଛିଡା ହୋଇଥିବା ଦେଖି ତାଙ୍କୁ ସନ୍ଦେହ କରି ପୋଲିସ ତାଙ୍କ ନିକଟରେ ପହଞ୍ଚି ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ତାଙ୍କଠାରୁ ୭ଟି ବସ୍ତାରେ ୨ କୁଇଣ୍ଟାଲ ୧୦ କିଲୋ ଗଞ୍ଜେଇ ମିଳିଥିଲା। ପୋଲିସ ଏହାକୁ ଜବତ କରିଥିଲା। ସମ୍ପୃକ୍ତ ବ୍ୟକ୍ତି ଶିକୁଲିପଦର ଗାଁର ବୁଦ୍ଧୁ ରଇତ(୪୭)ଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ । ଏନେଇ ନଂ. ୧୫୮/୨୫ରେ ଏକ ମାମଲା ରୁଜୁ ହୋଇଛି। ଏହାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସେଠୀ କହିଛନ୍ତି ।

### ଚକ୍ଷୁ ପରୀକ୍ଷା ଶିବିର

ଆସିକା,୧୫।୯(ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକ କାଳଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତି ଓ କାଳଷଣ୍ଡପୁର ସରପଞ୍ଚ ଜୟନ୍ତୀ ବେହେରା ଉଦଘାଟନ କରିଥିଲେ । ଶିବିରରେ କାଳଷଣ୍ଡପୁର ଓ ନବବସ୍ତ କ୍ଲଷ୍ଟରର ୨୧ଟି ବିଦ୍ୟାଳୟର ୧୪୭ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୬୫ ଜଣଙ୍କୁ ଚଷମା ପ୍ରଦାନ ଲାଗି ଚିହ୍ନଟ କରାଯାଇଥିଲା ବେଳେ ୩ଜଣଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ସିଟି ହସ୍ପିଟାଲ ଯିବା ଲାଗି ଚିହ୍ନଟ କରାଯାଇଥିଲା । ଶିବିରରେ ଚକ୍ଷୁ ବିଶେଷଜ୍ଞ ସିଲ୍ପା ସୀତାରାମ, ରମେଶ ଚନ୍ଦ୍ର ଦଳାଇ, ଦିପ୍ତୀମୟୀ ଦଳାଇ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂନନ୍ଦନ ପଣ୍ଡା, ସିଲ୍ପା ଦୋରା, ସରୋଜ କୁମାର ପ୍ରଧାନ, ଗୀତାଞ୍ଜଳି ମହାପାତ୍ର, ସୁଶାନ୍ତ କୁମାର ରଥ, ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ, ମନ୍ଦାକିନୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୩ ରାସ୍ତା ମରଣଯନ୍ତା

ଶେରଗଡ଼,୧୫।୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକର ପି.କରଡାକଣା-ରକ୍ତପଟା, ଷଡ଼ଙ୍ଗୀପଲ୍ଲୀ-ଚଷାମହୁଲୀ, ମାରୁଡିରୁ ଗୋଠଗାଁ ରାସ୍ତା ମରଣଯନ୍ତା ପାଲଟିଛି। ବଡବଡ ଗର୍ତ୍ତ ହୋଇଥିବାରୁ ଏହି ରାସ୍ତାରେ ଲୋକେ ଯାତାୟତ ବେଳେ ହଇରାଣ ହେଉଛନ୍ତି। ରାସ୍ତା ଗୁଡିକ ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବା ବେଳେ ୫ ବର୍ଷ ହେଲା କୌଣସି ମରାମତି କାର୍ଯ୍ୟ କରାଯାଇନାହିଁ। ଏଁଥିପ୍ରତି ଦୃଷ୍ଟି ଦେଇ ବିଭାଗ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ

ଆସିକା,୧୫।୯(ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକର ଚିନିଶିଳ୍ପ ଉଚ୍ଚ ବିଦ୍ୟାଳୟ ଠାରେ ସୋମବାର ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ଗୌଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତରପ୍ରଦେଶ ଆଗ୍ରା କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ଅବସରପ୍ରାପ୍ତ କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ଭରତ ସିଂ ପାରମର ଏବଂ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ପାଣି ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

# ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କଲେ ୨ ମନ୍ତ୍ରୀ



ଗୋପାଳପୁର/ ଚିକିଟି/ ପାତ୍ରପୁର,୧୫।୯ (ନବୀନ ରାଜ ଆଚାରୀ/ ପ୍ରକାଶ ଚନ୍ଦ୍ର ସାହୁ/ ରମା ଚରଣ ନେପାଳ)

■ ରାଜସ୍ୱ ବିଭାଗକୁ ଦୁର୍ନୀତିମୁକ୍ତ କରାଯିବ: ମନ୍ତ୍ରୀ ପୂଜାରୀ

■ ବଗଡ଼ାମୁଖୀ, ପାର୍ଥ ସାରଥୀ ମନ୍ଦିର ଦର୍ଶନ କଲେ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୋମବାର ରଙ୍ଗେଇଲୁଣ୍ଡା ବ୍ଲକ କନିଷ୍ଠି ତହସିଲ କାର୍ଯ୍ୟାଳୟ ପରିସରରେ ହିତାଧିକାରୀମାନଙ୍କୁ ବିଭିନ୍ନ ପଟ୍ଟା ବଣ୍ଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ସରୋଜ ସାବତ, ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଗୌରୀ ସାମନ୍ତରାୟ ଯୋଗ ଦେଇଥିଲେ। ତହସିଲଦାର କବିରାଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବ ସରକାରରେ ପଟ୍ଟା ମିଳୁଥିଲା କିନ୍ତୁ ଜମି ଖୋଜିଲେ ମିଳୁନଥିଲା। ମୋହନ ମାଝୀ ସରକାରରେ ଏହା ହେବନାହିଁ ବୋଲି ମନ୍ତ୍ରୀ ଜେନା କହିଥିଲେ। ସେହିପରି ସ୍ୱଚ୍ଛତା ଆଣିବା ସହ ରାଜସ୍ୱ ବିଭାଗକୁ ଦୁର୍ନୀତି ମୁକ୍ତ କରିବା ପାଇଁ ପ୍ରୟାସ ଚାଲିଛି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଏହି ଅବସରରେ ତହସିଲର ୧୩ ଟି ଆରଆଇ ସର୍କଲର ହିତାଧିକାରୀଙ୍କୁ ୨ ମନ୍ତ୍ରୀ ପଟ୍ଟା ବଣ୍ଟନ କରିଥିଲେ। ୧୮୨ ଜଣଙ୍କୁ ଗ୍ରାମକଣ୍ଠ, ୮୯୩ ଜଣ ଦୁଇ ଖାତା ସଂଶୋଧନ, ଘରବାରି ୨୫ ଜଣ ଓ ୫ ଜଣ ଜମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ଅତିରିକ୍ତ ତହସିଲଦାର ପ୍ରୀତେଶ ବଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

ମନ୍ତ୍ରୀଦ୍ୱୟ ଚିକିଟି ଗସ୍ତ କରି କାରବାଲୁଆ ଗ୍ରାମ ନିକଟରେ ଥିବା ବଗଡ଼ାମୁଖୀ ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ସେମାନଙ୍କ ସହ ଆସିକା ଏମପି ଅନିତା ଶୁଭଦର୍ଶିନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଉପସ୍ଥିତ ଥିଲେ। ଅଞ୍ଚଳର କିଛି ଚାଷୀ ସାରର ଅଭାବ ଏବଂ କଳା ବଜାର ନେଇ ଅଭିଯୋଗ କରିବା ପରେ ମନ୍ତ୍ରୀ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବେ ଓ କଳାବଜାର କରୁଥିବା ବ୍ୟବସାୟୀମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ବେଳେ ଜିଲାପାଳ ଭି. କାର୍ତ୍ତିକେୟନ, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ଏଡିଏମ ଦେବଦତ୍ତ ପଣ୍ଡା, ଚିକିଟି ତହସିଲଦାର ବିଶ୍ୱରଂଜନ କହଁର ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ମନ୍ତ୍ରୀ ପୂଜାରୀ ଓ ମନ୍ତ୍ରୀ ଜେନା ମହେନ୍ଦ୍ରଗିରି ଯିବା ରାସ୍ତାରେ ଜରଡ଼ାଠାରେ ବଦାୟ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଦୁଇ ମନ୍ତ୍ରୀ ଜରଡ଼ା ପାର୍ଥ ସାରଥୀ ମନ୍ଦିର ଯାଇ ଜଗନ୍ନାଥ ମହାପ୍ରଭୁ ଓ ସାରଥୀ ଗୋସାଇଁଙ୍କୁ ଦର୍ଶନ କରିଥିଲେ। କାହ୍ନୁ ଚରଣ ପତି, ୱାଇ ମୋହନ ରାଓ, ସନ୍ତୋଷ କୁମାର ପାତ୍ର, ସରପଞ୍ଚ ତିଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆମିଷ ବଜାର ପାଖରୁ ଅଳିଆ ହଟାଇବାକୁ ଦାବି

ଫୁଲବାଣୀ,୧୫।୯ (ରାକେଶ କୁମାର ରାଉତ)

ଫୁଲବାଣୀ ସହର ଏଫ୍‌ସିଆଇ ଛକ ପାଖରେ ଆମିଷ ବଜାର ନିର୍ମାଣ ହୋଇଛି। କୋଟି କୋଟି ଟଙ୍କାରେ ନିର୍ମିତ ଏହି ବଜାର ଆଜି ପର୍ଯ୍ୟନ୍ତ ବ୍ୟବସାୟୀଙ୍କୁ ଆବଣ୍ଟନ ହୋଇ ପାରିନି କି ବଜାର ଉଦଘାଟନ ହୋଇନି। କିନ୍ତୁ ସହରର ଅଳିଆ ଆବର୍ଜନା ସେଠି ପଡ଼ି ଥିବାରୁ ପରିବେଶ ଦୂଷିତ ହୋଉଛି। ସେଠାରୁ ଅଳିଆ ଆବର୍ଜନା ହଟାଇବାକୁ ଜିଲା ଆମ ଆଦମୀ ପାର୍ଟି ଦାବି କରିଛି। ଜିଲା ସଭାପତି ଜର୍ଜସ ଦିଗାଲ, ସାଧାରଣ ସମ୍ପାଦକ ଗିରିଶ ପଟ୍ଟନାୟକ, ନଗର ସଭାପତି ଟୁଲୁନି ମୁନି ଜିଲା ମହିଳା ସଭାନେତ୍ରୀ ରଶ୍ମିତା ପଟ୍ଟନାୟକ, ସଦସ୍ୟ ସତିଶ ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆମିଷ ବଜାର ପାଖରେ ଗଦା ହୋଇଥବା ଅଳିଆ ଆବର୍ଜନାରୁ ଦୁର୍ଗନ୍ଧ ବାହାରି ପରିବେଶ ଦୂଷିତ ହେଉଛି। ଫଳରେ ବ୍ୟବସାୟୀମାନେ ବସିବା ପାଇଁ ହଇରାଣ ହେଉଛନ୍ତି। ଅଳିଆ ଗଦାକୁ ଅନ୍ୟତ୍ର ସ୍ଥାନାନ୍ତର କରି ପରିବେଶକୁ ସ୍ୱଚ୍ଛ ରଖିବାକୁ ଦାବି ପତ୍ରରେ ଦର୍ଶାଇଛନ୍ତି।

### ଗଞ୍ଜେଇ ବୋଝେଇ ସ୍କୁଟି ଜବତ, ୨ ଅଟକ

ଦିଗପହଣ୍ଡି/ପାତ୍ରପୁର,୧୫।୯ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ):

ପାତ୍ରପୁର ପୋଲିସ ସୋମବାର ଏକ ଗଞ୍ଜେଇ ବୋଝେଇ ସ୍କୁଟିନ୍ (ଓଡି ୨୦ ଡି-୩୬୭୬) ଜବତ କରିଛି। ଏଥିରେ ସମ୍ପୃକ୍ତ ଗଜପତି ଜିଲା ମୋହନା ଥାନା ଗୋଛଗୁଡ଼ା ଗ୍ରାମର ସିଦ୍ଧାନ୍ତ ଡିଗ୍ଗୀ ଏବଂ ପାଣ୍ଡୁଡ଼ା ଗ୍ରାମର ବିନୋଦ ବାଗଙ୍କୁ ଅଟକ ରଖାଯାଇଛି। ସ୍କୁଟିରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ୩୨୬ ନଂ. ଜାତୀୟ ରାଜପଥ ପୋଡ଼ାମାରି ପୋଲିସ ଫାଣ୍ଡି ନିକଟରେ ଜଗି ରହିଥିଲେ। ମୋହନାରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ସ୍କୁଟିକୁ ଅଟକାଇ ଜାଞ୍ଚ କରିବାକୁ ଗଞ୍ଜେଇ ମିଳିଥିଲା। ନଂ.୪୬୯/୨୫ରେ ମାମଲା ରୁଜୁ ହୋଇଛି।

### ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଜି.ଉଦୟଗିରି,୧୫।୯(ବିଜୟ କୁମାର ସେଠୀ)

କନ୍ଧମାଳ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ସୋମବାର ସ୍ଥାନୀୟ ହାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଛି। ୨ ଦିନିଆ ପ୍ରତିଯୋଗିତାରେ ୧୨ଟି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖୋ-ଖୋ, ଚେସ ସହ ବିଭିନ୍ନ ଖେଳରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ସୁଷମା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଡିଇଓ ରାଜେଶ ସ୍ୱାଇଁ, ଡିପିଇଓ ସଞ୍ଜୟ ପାତ୍ର, ଏବିଇଓ ପ୍ରଫୁଲ୍ଲ ସାହୁ, ରମାକାନ୍ତ ମହାପାତ୍ର, ଅରୁଣ ଷଡ଼ଙ୍ଗୀ ଓ ପ୍ରଧାନଶିକ୍ଷକ ରଞ୍ଜିତ ପାଟମାଝୀ ଉପସ୍ଥିତ ଥିଲେ।

THE INSTITUTE OF CHARTERED ACCOUNTANTS OF INDIA (ICAI)
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012 Odisha.
Email - bhuubaneswar@icai.org, Contact: 0674-2392391

NOTICE INVITING TENDER

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No: A/122/1, Nayapalli, Bhubaneswar - 751012.
The Tender document is available at ICAI website www.icai.org, www.eirc-icai.org & www.bhubaneswar-icai.org. The last date of submission of duly filled in Bids is 22.09.2025 up to 05:00 PM.
Secretary, ICAI

BEFORE THE STATE CONSUMER DISPUTES REDRESSAL COMMISSION : CUTTACK
F.A. NO.420 OF 2023
Axis Bank Ltd. .....................Appellant
- Versus -
Seema Rohidas & Another ................. Respondents
To
Seema Rohidas, W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the appellant has filed a F.A. No. 420/2023 before the State Consumer Disputes Redressal Commission, Odisha, Cuttack challenging the final order/judgment dtd.22.05.2023 passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on 19.09.2025 at 10.30 a.m. as to why reliefs prayed for should not be granted.
Take notice that in case of default, the applicant will be heard and determined in their absence.
Given under my hand seal of this Commission on this 11th day of August, 2025.
Date: 15.09.2025 Sd/- Secretary

# ନବମରେ ନାମ ଲେଖାଇ ପାରିଲେନି ମୋନାଲିସା

ଗଞ୍ଜାମ,୧୫।୯(ବିଦ୍ୟାଧର ସାହୁ)

## ଆଧାର କାର୍ଡ ନାହିଁ

■ ୪ବର୍ଷ ହେଲା ଝିଅର ଆଧାର କାର୍ଡ ପାଇଁ ବ୍ଲକକୁ ଦୌଡୁଛନ୍ତି ବାପା

ଗଞ୍ଜାମ ଜିଲାରେ ପୁଣି ଏକ ଆଧାର କାର୍ଡ ସମସ୍ୟା ଦେଖାଦେଇଛି। ଆଧାରକାର୍ଡ ନ ଥିବାରୁ ଜଣେ ଛାତ୍ରୀ ନବମ ଶ୍ରେଣୀରେ ନାମ ଲେଖାଇ ପାରୁନାହାନ୍ତି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ଅଇଁଠା ବଣ ଗ୍ରାମର ଏସ ସୁରେନ୍ଦ୍ର ଦାସଙ୍କ ଝିଅ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ଘୁଷୁରି ପାଳନ କରି ପରିବାର ଚଳାଉଥିବା ସୁରେନ୍ଦ୍ର ପିଲାଙ୍କୁ ପାଠ ପଢାଇବାରେ ଅବହେଳା କରିନାହାନ୍ତି। ବଡପୁଅ ସଞ୍ଜୟ ଏବେ ଯୁକ୍ତ ୨ ପଢୁଥିବା ବେଳେ ଝିଅ ମୋନାଲିସା ଅଷ୍ଟମ ପାସ୍ କରିଛନ୍ତି। ତାଙ୍କର ନାମ ନବମ ଶ୍ରେଣୀରେ ଲେଖାଇବାକୁ ଗାଁ ପାଖ ବୁରୁଡି ସ୍କୁଲକୁ ସୁରେନ୍ଦ୍ର ଝିଅକୁ ଧରି ଯାଇଥିଲେ। ମାତ୍ର ଝିଅର ଆଧାର କାର୍ଡ ନ ଥିବାରୁ ମୋନାଲିସାଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଫେରେଇ ଦେଇଥିଲେ। ଆଧାର କାର୍ଡ ଆଣି ଆସିଲେ ସ୍କୁଲରେ ନାମ ଲେଖାଇବାକୁ କହିଥିଲେ। ତେବେ ଝିଅ ମୋନାଲିସାଙ୍କ ଆଧାର କାର୍ଡ ପାଇ ସୁରେନ୍ଦ୍ର ଗତ ୧୯।୧୨।୨୦୨୧ରେ ଆବେଦନ କରିଥିଲେ। ୪ବର୍ଷ ହେଲା ବାରମ୍ବାର ବ୍ଲକକୁ ଦୌଡ଼ି ଦୌଡ଼ି ସେ ନୟାନ୍ତ ହେଲେଣି ତାଙ୍କ ଝିଅର ଆଧାରକାର୍ଡ ମିଳୁନି। ବର୍ତ୍ତମାନ ବ୍ଲକରେ ଆଧାର କାର୍ଡ କେନ୍ଦ୍ର ବନ୍ଦ ରହିଛି। ଏବେ ବ୍ଲକରେ ଆଧାର କାର୍ଡ କେନ୍ଦ୍ର ବନ୍ଦ ରହିଛି ବୋଲି ସୁରେନ୍ଦ୍ର କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ସୁକାନ୍ତ ମିଶ୍ରଙ୍କୁ ଅବଗତ କରିବାରୁ ଖୁବଶୀଘ୍ର ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।


ଛାତ୍ରୀ ମୋନାଲିସା ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ରମ୍ଭା,୧୫।୯(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଖଣ୍ଡଦେଉଳି ସ୍ଥିତ ସହିଦ ଭଗତ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁଥ ରେଡକ୍ରସ ୟୁନିଟ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସରୋଜ ଦାସଙ୍କ ସମେତ ଯୁଥ ରେଡ୍‌କ୍ରସର ଅଶୋକ ସ୍ୱାଇଁ, ବିଷ୍ଣୁପଦ ମଢ଼ୁଆଲ, ପ୍ରୀତିରେଖା ମଲ୍ଲିକ ପ୍ରମୁଖ ଉପଦେଷ୍ଟା ଏବଂ ଅନୁଷ୍ଠାନରେ ଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ପ୍ରାଥମିକ ଚିକିତ୍ସାର ପ୍ରାସଙ୍ଗିକତା ଓ ପରିବର୍ତ୍ତନଶୀଳ ଜଳବାୟୁ ସମ୍ବନ୍ଧରେ ସଚେତନତା କରାଯାଇଥିଲା। ପରିଶେଷରେ ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସାର ବିଭିନ୍ନ କାର୍ଯ୍ୟକ୍ରମ ଓ ବ୍ୟବହାରିକ ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଯାଇଥିଲା।

GOVERNMENT OF ORISSA
No.O-780
OFFICE OF THE SUPERINTENDING ENGINEER
RURAL WORKS DIVISION, KARANJIA (MAYURBHANJ)
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025
"E" Procurement Notice for Periodical Renewal Coat of 5 year completed PMGSY road for the year 2025-26
Bid Identification No - RWDKNJ-05/2025-26
1. Name of the work : Road Works (As per Annexure), 2. Eastimated Cost : Rs.73.95 to Rs.92.56 Lakhs Approximately (As per Annexure), 3. Class of Contractor : 'B' Class (As per Annexure), 4. Period of Completion : 3 Calendar Months, 5. Tender Paper Cost : Rs.10,000/- (Online) towards cost of bid.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.25 at 11.00 A.M. | Will be intimated Later |

Further details can be seen from the website www.tendersodisha.gov.in
Sd./- Executive Engineer
R.W. Division, Karanjia
OIPR-25086/11/0025/2526

GOVERNMENT OF ODISHA
No.C-1065
OFFICE OF THE ADDITIONAL CHIEF ENGINEER,
PUBLIC HEALTH CIRCLE, BERHAMPUR
E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

The technical bid shall be opened on dt.10.10.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0023/2526 Sd./- Chief Engineer (PH)

# ଗୃହରକ୍ଷୀ ପରୀକ୍ଷାର୍ଥୀଙ୍କ ଅଭିଯୋଗ ଶୁଣାଯିବ: ଏସ୍‌ପି

## ୭ ଦିନ ମଧ୍ୟରେ ଦାଖଲ ନିର୍ଦ୍ଦେଶ

ଛତ୍ରପୁର, ୧୫।୯(ସନ୍ତୋଷ ପାଢ଼ୀ)

ଗଞ୍ଜାମ ପୋଲିସ ଜିଲ୍ଲାରେ କେତେ ଜଣ ଗୃହରକ୍ଷୀ ପ୍ରାର୍ଥୀଙ୍କ ଥାନାରେ ପ୍ରାପ୍ତ ଆବେଦନ ଫର୍ମ ବିରୋଧରେ ଜାରି କରାଯାଇଥିବା ସ୍ୱୀକୃତି କପିରେ ଉଲ୍ଲେଖ ଥିବା ଦକ୍ଷତା ସେମାନଙ୍କ ଆବେଦନ ଫର୍ମରେ ଉଲ୍ଲେଖ କରାଯାଇଥିବା ଦକ୍ଷତା ଭିନ୍ନ ଥିବା ନିଯୁକ୍ତି କମିଟିର ନଜରରେ ପଡିଥିଲା। ଏନେଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଏକ ନୋଟିସ ଜାରି କରି ଏହି ପରୀକ୍ଷାର୍ଥୀଙ୍କୁ ତାଙ୍କ ଅଭିଯୋଗ ଉପସ୍ଥାପନ କରିବାକୁ ସୁଯୋଗ ଦେଇଛନ୍ତି। ନୋଟିସରେ କୁହାଯାଇଛି ଯେ, ରବିବାର ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ଓଏମ୍‌ଆର ଜିକେ ପରୀକ୍ଷା ଦେଇଥିବା ସମସ୍ତ ପ୍ରାର୍ଥୀଙ୍କୁ ୭ ଦିନ ମଧ୍ୟରେ ଅର୍ଥାତ୍ ୨୧।୯।୨୦୨୫ ସନ୍ଧ୍ୟା ୫ଟା ସୁଦ୍ଧା ସେମାନଙ୍କ ଥାନାରେ କିମ୍ବା ଛତ୍ରପୁରସ୍ଥିତ ଜିଲା ଗୃହରକ୍ଷୀ କାର୍ଯ୍ୟାଳୟରେ ଏକ ପତ୍ରରେ ସେମାନଙ୍କ ଦକ୍ଷତା କିମ୍ବା ଶୃଙ୍ଖଳା ସ୍ପଷ୍ଟ କରିବାକୁ ସୁଯୋଗ ଦେବାକୁ ନିଯୁକ୍ତି କମିଟି ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗର ଯୋଗ୍ୟତା ଆଧାରରେ ପ୍ରାର୍ଥୀମାନଙ୍କ ଅଭିଯୋଗର ସମାଧାନ କରାଯିବ। ଯେଉଁ ପ୍ରାର୍ଥୀମାନେ ବିଜ୍ଞାପନରେ ନିର୍ଦ୍ଦିଷ୍ଟ କୌଣସି ଦକ୍ଷତା (ସାଧାରଣ ଡ୍ୟୁଟି କିମ୍ବା ସାମୁଦ୍ରିକ ଗୃହରକ୍ଷୀ ବ୍ୟତୀତ) ଉଲ୍ଲେଖ କରିଛନ୍ତି, ଯଦି ସେମାନେ ପୂର୍ବରୁ ଏକବର୍ଷର ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରିନାହାନ୍ତି ତେବେ ସେମାନଙ୍କର ଏକବର୍ଷର ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରିପାରିବେ ବୋଲି କୁହାଯାଇଛି। ପ୍ରାର୍ଥୀମାନେ ଅଭିଯୋଗ ପତ୍ରରେ ସେମାନଙ୍କ ଯୋଗାଯୋଗ ନମ୍ବର ଏବଂ ରୋଲ ନମ୍ବର ଉଲ୍ଲେଖ କରିବେ। ୧୪।୯।୨୦୨୫ ତାରିଖରେ ଛତ୍ରପୁରର ରିଜର୍ଭ ପୋଲିସ ପରେଡ ଗ୍ରାଉଣ୍ଡରେ ଶାରୀରିକ ମାପ ପରୀକ୍ଷା ସମୟରେ ଯେଉଁ ପ୍ରାର୍ଥୀମାନେ ଉଚ୍ଚତା ପାଇଁ ଅଯୋଗ୍ୟ ଘୋଷିତ ହୋଇଛନ୍ତି, ସେମାନେ ସେମାନଙ୍କର ଦକ୍ଷତା ସମ୍ପର୍କରେ ନୂତନ ଅଭିଯୋଗ ପତ୍ର ଦାଖଲ କରିବାକୁ ଯୋଗ୍ୟ ନୁହନ୍ତି ବୋଲି ନୋଟିସରେ କୁହାଯାଇଛି। ପରୀକ୍ଷା ସମ୍ବନ୍ଧୀୟ ପରବର୍ତ୍ତୀ ସୂଚନା ସମସ୍ତ ପ୍ରାର୍ଥୀମାନଙ୍କୁ ପରେ ଅବଗତ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗୃହରକ୍ଷୀ ପରୀକ୍ଷାର୍ଥୀଙ୍କ ପକ୍ଷରୁ ପରୀକ୍ଷାରେ ବିଭିନ୍ନ ଅନିୟମିତତା ହୋଇଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ରବିବାର ଗୃହରକ୍ଷୀ ନିଯୁକ୍ତି ପାଇଁ ଦୌଡ଼ ପରୀକ୍ଷା ଚାଲିଥିବା ବେଳେ ତାର୍ସିଙ୍ଗ ଥାନା ଅଞ୍ଚଳର ଶିବରାମ ନାୟକ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ନିଆଯାଇଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିଯୋଗୁ ପ୍ରାର୍ଥୀମାନଙ୍କ ଶାରୀରିକ ପରୀକ୍ଷାକୁ ସ୍ଥଗିତ ରଖାଯାଇ ପରବର୍ତ୍ତୀ ସୂଚନା ପରେ ପୁଣି ପରୀକ୍ଷା ହେବ ବୋଲି କୁହାଯାଇଛି।

GOVERNMENT OF ODISHA
No.C-1052
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA
e-mail : eephd.rgda.od@od.gov.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Procurement & Installation of DG set for ESR & OGR site at Katikia Sahi, Kashinagar | EEPHDRAYAGADA - 21/2025-26 Dtd.09.09.2025 | 8.38 | 02 (Two Months) | 18.09.2025 (11.00 Hr) | 03.10.2025 (17.00 Hr) |
| 2. | Procurement & Installation of DG set for Intake Site at Kashinagar | EEPHDRAYAGADA - 21/2025-26 Dtd.09.09.2025 | 9.13 | 02 (Two Months) | 18.09.2025 (11.00 Hr) | 03.10.2025 (17.00 Hr) |

Name & Adderss of Officer Inviting Bid : Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com
❖ Further details can be seen from the e-Procurement portal "https://www.tendersorissa.gov.in".
❖ All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
Sd./- EXECUTIVE ENGINEER,
P.H. DIVISION, RAYAGADA
OIPR-13052/11/0036/2526

## ନାବାଳିକାଙ୍କୁ ଅସଦାଚରଣ,ଡାକ ପିଅନ ଗିରଫ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ସଦର ଥାନା ପୋଲିସ ତଦନ୍ତ କରି ଡେଙ୍ଗାପଦର ଜେନା ସାହି ପୋଷ୍ଟ ଅଫିସର ପିଅନ କେ. ନୂଆଗାଁ ଭ୍ରମରପୁର ଅଞ୍ଚଳର ଅନୁପ କୁମାର ଭଞ୍ଜ(୪୮)ଙ୍କୁ ବାନ୍ଧିଛି । ସଦର ଥାନା ଅଞ୍ଚଳର ଜଣେ ନାବାଳିକା ସେହି ଅଞ୍ଚଳରେ ଯୁକ୍ତ ୨ ପଢୁଛନ୍ତି । ଶନିବାର ଅଭିଯୁକ୍ତ ଅନୁପ ତାଙ୍କୁ ଏକ କାଗଜରେ ଦସ୍ତଖତ କରିବାକୁ ପୋଷ୍ଟ ଅଫିସକୁ ଡାକିଥିଲେ । ନାବାଳିକା ଜଣଙ୍କ ଦସ୍ତଖତ କରୁଥିବା ବେଳେ ଅନୁପ ତାଙ୍କୁ ଅସଦାଚରଣ କରିଥିଲେ । ଭୟରେ ଛାତ୍ରୀ ଜଣଙ୍କ ଦୌଡି ପଳାଇବା ବେଳେ ଅଭିଯୁକ୍ତ ଅନୁପ ଏକଥା କାହାକୁ ନକହିବାକୁ ତାଙ୍କୁ ଧମକ ଦେଇଥିଲେ । ଛାତ୍ରୀ ଜଣଙ୍କ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦିଗପହଣ୍ଡି ନୀଳକଣ୍ଠନଗର ଅଞ୍ଚଳରୁ ଅନୁପଙ୍କୁ ଗିରଫ କରିଥିଲା।

# ନାଇପର ହେଲେ ଗବେଷଣା କ୍ଷେତ୍ର ପ୍ରଶସ୍ତ ହେବ

ବ୍ରହ୍ମପୁର,୧୫।୯(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଫାର୍ମାସ୍ୟୁଟିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ନାଇପର) ପ୍ରତିଷ୍ଠା ପାଇଁ ପୁଣି ଏକ କସରତ ଆରମ୍ଭ ହୋଇଛି। ଏହାକୁ ନେଇ ବିଭିନ୍ନ ଗଣସଂଗଠନ ପକ୍ଷରୁ ମଙ୍ଗଳବାର ଏକ ପଦଯାତ୍ରା ବାହାରିବ ବୋଲି ଜଣାପଡିଛି। ଏହି ପ୍ରତିଷ୍ଠାନ ନିର୍ମାଣ ହେଲେ ଔଷଧ ଉପରେ ଗବେଷଣା କ୍ଷେତ୍ର ପ୍ରଶସ୍ତ ହେବ। ଲୋକଙ୍କୁ ଶସ୍ତା ଓ ଭଲ ଔଷଧ ମିଳିବ। ଅନ୍ୟ କମ୍ପାନୀଗୁଡିକ ଏଠାକୁ ଔଷଧ ପ୍ରସ୍ତୁତ କରିବା ପାଇଁ ଆସିବେ। ଏହାଦ୍ୱାରା ଓଡ଼ିଶାର ଅର୍ଥନୈତିକ ସମୃଦ୍ଧି ହେବ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଦକ୍ଷିଣ ଓଡ଼ିଶା ଫାର୍ମାସିଷ୍ଟ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ଇଣ୍ଡିଆନ ଗ୍ରାଜୁଏଟ ଫାର୍ମାସିଷ୍ଟ ଆସୋସିଏଶନ ଏକଜିକ୍ୟୁଟିଭ ବଡି ମେମ୍ବର ବିଷ୍ଣୁ ପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ ସେ କହଛନ୍ତି, ଓଡ଼ିଶାରେ ୫୬ଟି ଫାର୍ମାସୀ କଲେଜ ରହିଛି। ସେଥିରୁ ଗଞ୍ଜାମରେ ପ୍ରାୟ ୭ଟି କଲେଜ ରହିଛି। ଓଡ଼ିଶାରେ ପ୍ରଥମ କରି ୧୯୭୦ରେ ମହୁଡାଠାରେ ଫାର୍ମାସୀ କଲେଜ ପ୍ରତିଷ୍ଠା ହୋଇଥିଲା। ବ୍ରହ୍ମପୁରରୁ ବର୍ଷକୁ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ବାହାରୁଛନ୍ତି। ସେମାନେ ବାହାର ରାଜ୍ୟକୁ ଯାଇ ବିଭିନ୍ନ କମ୍ପାନୀରେ ଉଚ୍ଚ ପଦବୀରେ ରହି କାମ କରୁଛନ୍ତି। ଏଠାରେ ନାଇପର ହେଲେ ସେମାନେ ଏଠି କାମ କରିବେ। ବିଭିନ୍ନ ଔଷଧ ଉପରେ ଗବେଷଣା କରିପାରିବେ। ଏ କ୍ଷେତ୍ର ପ୍ରଶସ୍ତ ହେବ। ପୂର୍ବ ଭାରତର ଲୋକ ସହିତ ସାରା ଭାରତବାସୀ ଏଠାରୁ ଉତ୍ପାଦିତ ଔଷଧ ଶସ୍ତାରେ ପାଇବେ। ପୂର୍ବ ଭାରତ ପାଇଁ ଏହା ଏକ ମାଇଲଖୁଣ୍ଟ ହେବ। ବର୍ଷେ ହେଲା ସଂଗଠନ ପକ୍ଷରୁ ନାଇପର ପାଇଁ ଦାବି ହୋଇ ଆସୁଛି। ଏଠାରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। କିନ୍ତୁ ଜମି ଚିହ୍ନଟ ହୋଇପାରୁନି। ଏନେଇ ବିଗତ ଦିନରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ଏଯାଏଁ କୌଣସି ସୁଫଳ ମିଳିନି। ସରକାରଙ୍କ ଇଚ୍ଛାଶକ୍ତି ଅଭାବରୁ ନାଇପର ହୋଇପାରୁନି ବୋଲି ସେ କହିଛନ୍ତି।

ଏ ସଂକ୍ରାନ୍ତରେ ପ୍ରଗତିଶୀଳ ସମାଜର ରାଜ୍ୟ ସମ୍ପାଦକ ସରୋଜ ରଂଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ୩ ମାସ ତଳେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ବିଭିନ୍ନ ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ଦାବିପତ୍ର ଦେଇଥିଲୁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବି ଜଣାଇଥିଲୁ। କିନ୍ତୁ ଏଯାଏଁ ସୁଫଳ ମିଳିନି। ଏହି ଅଞ୍ଚଳକୁ ଆକାଶପଥ, ରେଳପଥ ସହିତ ବସ୍ ସୁବିଧା ରହିଛି। ତେଣୁ ନାଇପର ହେଲେ ଅନେକ ଛାତ୍ରୀଛାତ୍ର ଔଷଧ ଉପରେ ଗବେଷଣା କରିବାର ସୁବିଧା ପାଇବେ। ଟାଟାର ସ୍ୱତନ୍ତ୍ର ଅର୍ଥନୈତିକ ଜୋନରେ ବି କମ୍ପାନୀ କରିବା ପାଇଁ ସୁବିଧା ରହିଛି। ଗଞ୍ଜାମରେ ଏହି ପ୍ରକଳ୍ପ କରିବା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ସରକାର ଚାହିଁଲେ ସବୁ କିଛି ସମ୍ଭବ। ତେଣୁ ମଙ୍ଗଳବାର ରାଲି କରାଯାଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଜିଲାପାଳଙ୍କୁ ଯାଇ ଅନୁରୋଧ ପତ୍ର ଦିଆଯିବ। ଏହି ପ୍ରକଳ୍ପକୁ ସରକାର ମଂଜୁର କଲେ ପୂର୍ବ ଭାରତର ଭାଗ୍ୟ ଉଦୟ ହେବ ବୋଲି ସେ କହିଛନ୍ତି।

# ଫଲ୍‌ଗୁ ସାହିତ୍ୟ ସଂସଦର ଶାରଦୀୟ ଆସର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ) ଫଲ୍‌ଗୁ ସାହିତ୍ୟ ସଂସଦର ଶାରଦୀୟ ସାହିତ୍ୟ ସନ୍ଧ୍ୟା ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଛି। ସଂସଦର ସଭାପତି ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ନାଟ୍ୟକାର ମେଜର୍ ରମାରମଣ ପାଢ଼ୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ଉପଆୟୁକ୍ତ କଲ୍ୟାଣୀ ସଂଘମିତ୍ରା ଦେବୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଶରତ, ସାହିତ୍ୟ ଓ ଜୀବନ ବିଷୟରେ ଆଲୋଚନା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅତିଥି ସହଯୋଗୀ ପ୍ରଫେସର୍ ଡ. ବିଦ୍ୟୁତପ୍ରଭା ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ କାବ୍ୟ-କବିତାରେ ଶାରଦୀୟ ଶୋଭା ସଂଭାରର ବର୍ଣ୍ଣନା ବିଷୟରେ ଆଲୋଚନା କରିଥିଲେ। ସାହିତ୍ୟ ସଂସଦର ସଂପାଦକ ଡା. ସାଗର ରଞ୍ଜନ ତ୍ରିପାଠୀ ସଂପାଦକୀୟ ବିବରଣୀ ପାଠ କରିଥିଲେ। ବିଷ୍ଣୁ ଚରଣ ଚୌଧୁରୀ, ଅନୁବାଦିକା ଡ. ସୂଚନା ପାଢ଼ୀ, କଲ୍ୟାଣୀ ସଂଘମିତ୍ରା ଓ ଡ. ବିଦ୍ୟୁତପ୍ରଭା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସଦର ଉପଦେଷ୍ଟା ଡ. ବ୍ରଜମୋହନ ଶାସମଲ ଉପସ୍ଥିତ ଥିଲେ। କବୟିତ୍ରୀ ଅମିତା ମିଶ୍ର (ଦାଶ)ଙ୍କ ସଂଯୋଜନାରେ ସଂଚାଳିତ କବିତା ପାଠୋତ୍ସବରେ ଭିକାରି ଚରଣ ମହାପାତ୍ର, ହୃଷୀକେଶ ଦାଶ, ଶରତ କୁମାର ଦାସ, ଇଂ ଗଙ୍ଗାଧର ମହାରଣା, ଗୋବିନ୍ଦ ବେହେରା, ଡ. ସନ୍ତୋଷ କୁମାର ଦାଶ, ପଦ୍ମିନୀ ମିଶ୍ର, ଦିଲୀପ କୁମାର ରଥଶର୍ମା, ସୁଦାମ ପାଣିଗ୍ରାହୀ,ଶଙ୍କର୍ଷଣ ତ୍ରିପାଠୀ, ଗଗନ କୁମାର ଦାଶ, ଶରତ କୁମାର ଦାସ, ସୁଚେତା ପାଣିଗ୍ରାହୀ, ଡ. କୁଳମଣି ଓଝା, ଡ. ବନମାଳୀ ପାଣିଗ୍ରାହୀ, ବଂଶୀଧର ସେଠୀ, ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ), ଶ୍ୟାମସୁନ୍ଦର ଖାଡ଼ଙ୍ଗା ପ୍ରମୁଖ କବିତା ପାଠ କରିଥିଲେ। ସଂସଦର ଯୁଗ୍ମ ସଂପାଦକ ଦୀନବନ୍ଧୁ ଶ୍ରୀପଲ୍ଲ ଧନ୍ୟବାଦ ଦେଇଥିଲେ।

# ଯୌତୁକ ଦାବିରେ ମହିଳାଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ଅଧିକ ଯୌତୁକ ଦାବିରେ ନିଜ ସ୍ତ୍ରୀ'ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ସଦର ଥାନା ପୋଲସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ବଉଳଝୋଳିର ବସନ୍ତ ବିଷୋୟୀ(୪୨)। ମାମଲା ନଂ ୪୨୫/୨୫ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦିଗପହଣ୍ଡି ଅଞ୍ଚଳର ରଞ୍ଜିତା ବିଷୋୟୀ ୨୦୦୭ରେ ଅଭିଯୁକ୍ତ ବସନ୍ତଙ୍କୁ ବିବାହ କରିଥିଲେ । ସେହି ସମୟରେ ରଞ୍ଜିତାଙ୍କ ପରିବାର ପକ୍ଷରୁ ଦାବୀ ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା । ବର୍ଷକ ପରେ ଉଭୟଙ୍କ ଏକ ପୁତ୍ର ଜନ୍ମ ହୋଇଥିଲା । ହେଲେ ବିବାହର କିଛି ବର୍ଷ ପରେ ଅଭିଯୁକ୍ତ ବସନ୍ତ ଏବଂ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରିଥିଲେ। ହେଲେ ରଞ୍ଜିତାଙ୍କ ପରିବାର ଲୋକେ ଯୌତୁକ ଦେବାକୁ ଅସମର୍ଥ ହେବାରୁ ବସନ୍ତଙ୍କ ପରିବାର ଲୋକେ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ । ବାରମ୍ବାର ନିର୍ଯାତନା ପରେ ରଞ୍ଜିତା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ଏହାକୁ ନେଇ ଗାଁ କମିଟି ବୈଠକରେ ଏକାଧିକ ଥର ଆଲୋଚନା ହୋଇ ସମାଧାନ ମଧ୍ୟ ହୋଇଥିଲା । ଗତ ୧୪ ତାରିଖ ରାତିରେ ଅଭିଯୁକ୍ତ ବସନ୍ତ ମଦ୍ୟପାନ କରି ଘରକୁ ଆସିବା ସହ ଅଧିକ ଯୌତୁକ ଦାବିରେ ରଞ୍ଜିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଘଟଣାକୁ ନେଇ ରଞ୍ଜିତା ସଦର ଥାନାରେ ଅଭିଯୋଗ କରିଥିଲେ।

# ନିରକ୍ଷରଙ୍କୁ ସାକ୍ଷର କରିବ 'ଉଲ୍ଲାସ'

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ଭି.ଭି.ଗିରି ସରକାରୀ ମହିଳା ମାଧ୍ୟମିକପ୍ରଶିକ୍ଷଣବିଦ୍ୟାଳୟପରିସରରେ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ମାର୍ଗଦର୍ଶନରେ ଜିଲାସ୍ତରୀୟ 'ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ' (ଉଲ୍ଲାସ) କର୍ମଶାଳା ଆରମ୍ଭ ହୋଇଛି। ବ୍ଲକ ଓ କ୍ଲଷ୍ଟରସ୍ତରୀୟ ନୋଡାଲ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଭାରତର ୧୫ ବର୍ଷରୁ ଅଧିକ ବୟସ୍କ ନିରକ୍ଷରଙ୍କୁ ସାକ୍ଷର କରିବା । ଜିଲାର ୨୨ ବ୍ଲକର ସମସ୍ତ ନୋଡାଲ ଅଫିସର ଏବଂ ବ୍ଲକ ସାଧନ କର୍ମୀଙ୍କ ସମେତ ୭୪ ପ୍ରଶିକ୍ଷାର୍ଥୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର ଏବଂ ନ୍ୟୁ ଇଣ୍ଡିଆ ଲିଟେରେସି ପ୍ରୋଗ୍ରାମର ଜିଲା ସଂଯୋଜକ (ନୋଡାଲ ଅଫିସର୍) ଭୋପେନ କୁମାର ମହାନ୍ତ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ



ପରିଚାଳିତ କାର୍ଯ୍ୟକ୍ରମ 'ଉଲ୍ଲାସ' କୁ ସଫଳ ଲକ୍ଷ୍ୟରେ 'ଜନ ଜନ ସାକ୍ଷର' ଆହ୍ୱାନକୁ ଜିଲାରେ ତ୍ୱରାନ୍ୱିତ ପାଇଁ ଏକ ଲକ୍ଷ ଦଶ ହଜାର ନିରକ୍ଷରଙ୍କୁ ଚିହ୍ନଟ କରାଯିବା ଲକ୍ଷ୍ୟ ରହିଛି। ସେମାନଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ଶିକ୍ଷା ଦେବାରେ ସୀମିତ ନ ରହି ବରଂ ଆବଶ୍ୟକ ଜୀବନ ଶୈଳୀ ଯୋଗାଇବା ପାଇଁ ମଧ୍ୟ ଉଦ୍ଦିଷ୍ଟ ବୋଲି କହିଥିଲେ। ଏହି ଅବସରରେ ଉଲ୍ଲାସ ପୋର୍ଟାଲ ଏବଂ ଉଲ୍ଲାସ ମୋବାଇଲ ଆପର ବ୍ୟବହାର ସମ୍ପର୍କିତ ଜ୍ଞାନ ଦେବା ସହ ସର୍ବେକ୍ଷକମାନେ କିପରି ମୋବାଇଲ ଆପରେ ସର୍ଭେ ସମ୍ବନ୍ଧିତ ସମସ୍ତ ତଥ୍ୟ ଅପଲୋଡ଼ କରାଯାଇପାରିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରଶିକ୍ଷଣ କର୍ମଶାଳାରେ ତାଲିମ ଦେବା ପାଇଁ ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ଚିହ୍ନଟ ସହ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ସେମାନଙ୍କୁ ପାଠପଢ଼ା କାର୍ଯ୍ୟକ୍ରମ ଆରମ୍ଭ ହେବ। ସର୍ବେକ୍ଷକମାନେ ସର୍ଭେବେଳେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ସେଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରଶିକ୍ଷାର୍ଥୀଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଚାନ୍ଦିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜମି ରେଜିଷ୍ଟ୍ରେଶନ ବେଳେ ଟଳିପଡ଼ିଲେ ବୃଦ୍ଧ

## ଏମିତି ବି ମୃତ୍ୟୁ ଆସେ

ଦିଗପହଣ୍ଡି/ପାଟପୁର,୧୫।୯(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟରେ ଚାଲିଥିବା ସବରେଜିଷ୍ଟ୍ରି ପ୍ରକୋଷ୍ଠରେ ସୋମବାର ଜମି ରେଜିଷ୍ଟ୍ରେଶନ ପାଇଁ ଆସିଥିବା ବେଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ୍ ଏସ୍.ଗୋପାଳପୁର ପଞ୍ଚାୟତ ପୁରୁଣାଗଡ ଗ୍ରାମର ବିପ୍ରଚରଣ ପାତ୍ର(୭୨)। ବିପ୍ର ତାଙ୍କ ନାଁରେ ଥିବା ଜମିକୁ ନିଜ ସ୍ତ୍ରୀ ମଞ୍ଜୁଙ୍କ ନାଁରେ କବଲା କରିବାକୁ ସବରେଜିଷ୍ଟ୍ରି ଅଫିସକୁ ଆସିଥିଲେ। ବିକ୍ରୟ ଦଲିଲ ପ୍ରସ୍ତୁତ ହେବା ପରେ ଜଣେ କର୍ମଚାରୀ ତାଙ୍କ ଅଙ୍ଗୁଳି ଛାପ ନେଇଥିଲେ। ତାଙ୍କ ଆଖି ସ୍କାନ କରାଯାଉଥିବା ବେଳେ ସେ ଆକସ୍ମିକ ଭାବେ ଅଫିସ ପ୍ରକୋଷ୍ଠରେ ଟଳି ପଡ଼ିଥିଲେ। ସ୍ତ୍ରୀ ମଞ୍ଜୁ ଏବଂ ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବିପ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଗାଁକୁ ନିଆଯାଇ ସନ୍ଧ୍ୟାରେ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

୨ ମାସ ପୂର୍ବେ ସ୍ୱାମୀ ଯେତେବେଳେ ଅସୁସ୍ଥ ହୋଇପଡ଼ିଥିଲେ ସେତବେଳେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବା ପରେ ଗାଁକୁ ଫେରିଥିଲେ ବୋଲି ବିପ୍ରଙ୍କ ସ୍ତ୍ରୀ କହିଛନ୍ତି। ଏନେଇ ସବରେଜିଷ୍ଟ୍ରର ଦାୟିତ୍ୱରେ ଥିବା ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରେ ବୃଦ୍ଧ ଜଣକ ତାଙ୍କ ନାଁରେ ଥିବା ଚାଷ ଜମିକୁ ବିକ୍ରୟ ପାଇଁ ଅଫିସ ଆସିଥିଲେ। ଜମି ରେଜିଷ୍ଟ୍ରି ପୂର୍ବରୁ ସେ ଆକସ୍ମିକ ଭାବେ ଅଫିସ ପ୍ରକୋଷ୍ଠରେ ଟଳି ପଡ଼ିଥିଲେ ବୋଲି କହିଛନ୍ତି।

# ମହିଳାଙ୍କ ଫଟୋ ଭାଇରାଲ, ବନ୍ଧାହେଲେ ଯୁବକ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳାଙ୍କ ଫଟୋ ଭାଇରାଲ କରିବା ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି। ଅଭିଯୁକ୍ତ ଜଣଙ୍କ ହେଲେ ହିଞ୍ଜିଳକାଟୁର କିରଣ ବେହେରା। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଜବତ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଜକୁ କିଛି ବର୍ଷ ତଳେ ବିବାହ ପୂର୍ବରୁ ଅଭିଯୋଗକରିଣୀ ମହିଳା ଓ ଅଭିଯୁକ୍ତ କିରଣଙ୍କ ମଧ୍ୟରେ ସମ୍ପର୍କ ରହିଥିଲା । ସେହି ସମୟରେ ଉଭୟ ମିଳିମିଶି ବିଭିନ୍ନ ସ୍ଥାନ ବୁଲାବୁଲି କରିବା ସହ ଫଟୋ ଉଠାଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରିଣୀଙ୍କ ଅନ୍ୟତ୍ର ବିବାହ ହୋଇଯାଇଥିଲା । ବର୍ତ୍ତମାନ ତାଙ୍କର ଏକ ଝିଅ ମଧ୍ୟ ରହିଛି। ଏଭଳି ସ୍ଥିତିରେ ଉକ୍ତ କିରଣ ତାଙ୍କ ସହ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ । ହେଲେ ମହିଳା ଜଣଙ୍କ ରାଜି ନହେବାରୁ ପୂର୍ବରୁ ସେ ଉଠାଇଥିବା ବିଭିନ୍ନ ଆପତ୍ତିଜନକ ଫଟୋକୁ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ । ସେହି ଫଟୋ ଅଭିଯୋଗକାରିଣୀଙ୍କ ସ୍ୱାମୀ ନିକଟରେ ପହଞ୍ଚିବା ପରେ ସେ ତାଙ୍କୁ ଗ୍ରହଣ କରିବାକୁ ମନା କରି ଦେଇଥିଲେ। ଫଳରେ ସେ ବାଧ୍ୟ ହୋଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ପରେ ଅଭିଯୁକ୍ତ କିରଣଙ୍କୁ କାବୁ କରିଥିଲା।

# ରାୟଗଡା ଜିଲାରେ ନୂତନ ୩୩ କେଭି ଲାଇନ ତାର ସଂଯୋଗ

ବ୍ରହ୍ମପୁର,୧୫।୯(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ରାୟଗଡା ଜିଲାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବହୁ ଅଭିନବ ପଦକ୍ଷେପ ଆରମ୍ଭ କରାଯାଇଛି। ଜିଲାର ଗୁମୁଡା, ବିକ୍ରମପୁର, ମିନାଝୋଲା ଓ ଥେରୁବାଲି ସବ ଷ୍ଟେସନର ଟ୍ରାନ୍ସଫର୍ମର କ୍ଷମତାକୁ ଉନ୍ନତିକରଣ କରାଯାଇଛି। ମୁନିଗୁଡାଠାରେ ଥିବା ଉଭୟ ଟ୍ରାନ୍ସଫର୍ମର କ୍ଷମତାକୁ ୩.୧୫ ଏମଭିଏରୁ ୫ ଏମଭିଏକୁ ବୃଦ୍ଧି କରାଯାଇଛି। ଯାହାକି ଜିଲାର ବୃଦ୍ଧି ପ୍ରାପ୍ତ ଘରୋଇ ଓ ଶିଳ୍ପାଂଚଳର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହୋଇପାରିଛି। ସେହିପରି ଗୁଣପୁର ଗ୍ରୀଡ ସବ ଷ୍ଟେସନରୁ ଓଖିଲାଗୁଡା ଦେଇ ବିକ୍ରମପୁର, ଡମ୍ବସରା, ଜଲତାର ଓ ଗୁଣପୁରକୁ ନୂତନ ୩୩ କେଭି ଲାଇନ ତାର ସଂଯୋଗ ହୋଇଛି। ଡାଙ୍ଗସରୋଡା, ସୁଙ୍ଗେର ଓ ଗୁଣପୁରରେ ଥିବା ୩୩ କେଭି ଫିଡର ଗୁଡିକର ମଧ୍ୟ ଉନ୍ନତିକରଣ କରାଯାଇଛି। ଟିକିରି ସହରରୁ ନୂଆପଡା ଓ ଟାଉନ-୩ରୁ ଡୁମୁଡିଗୁଡା ପର୍ଯ୍ୟନ୍ତ ନୂତନ ୧୧ କେଭି ଲାଇନ ତାର ସଂଯୋଗ ହୋଇଛି। ଏ ନେଇ ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ରାୟଗଡାକୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ହେଉଛି ଅଂଚଳର ମୂଳ ଭିତ୍ତି ତଥା ଏକ ସଂଯୋଗ। ସନ୍ତୁଳିତ ବିକାଶକୁ ସର୍ବଦା ଏହି ଜିଲା ପ୍ରୋତ୍ସାହିତ କରିଥାଏ ବୋଲି ସେ କହିଛନ୍ତି।

# କିନ୍ନରଙ୍କ ପକ୍ଷରୁ ବହୁଚରୀ ମାତାଙ୍କ ପୂଜା

ବ୍ରହ୍ମପୁର,୧୫।୯(ସ୍ମୃତି ରଞ୍ଜନ ମହାଲିକ) କିନ୍ନରଙ୍କ ପକ୍ଷରୁ ସୋମବାର ବଡ ଖେମୁଣ୍ଡି ସାହିଠାରେ ବହୁଚରୀ ମାତାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କିନ୍ନରଙ୍କ ପକ୍ଷରୁ ବହୁଚରୀ ମାତାଙ୍କୁ ଅର୍ଦ୍ଧ ନାରୀଶ୍ୱେର ରୂପରେ ପୂଜା କରିଥାନ୍ତି। ଗୁଜରାଟର ମେହସାନା ଜିଲାର ବେଚରାଜୀରେ ଅବସ୍ଥିତ ବହୁଚରୀ ମାତାଙ୍କ ପ୍ରସିଦ୍ଧ ମନ୍ଦିର କିନ୍ନର ସମାଜର କୁଳଦେବୀ ଭାବେ ପୂଜା ପାଉଛନ୍ତି। ଓଡିଶାରେ ମଧ୍ୟ ଏହା ବିଶେଷ ଧାର୍ମିକ ଓ ସାମାଜିକ ମହତ୍ତ୍ୱ ରହିଛି। ପୂଜାରେ କିନ୍ନର ଶାନ୍ତି, ବାବୁଲା, ଲଭଲି, ବିନି, ବିନ୍ଦି, ପ୍ରୀତି, ରଞ୍ଜିତ, ବିନ୍ଦୀୟ, ବର୍ଷା, ଜ୍ୟୋତିଙ୍କ ସମେତ ବହୁ କିନ୍ନର ଉପସ୍ଥିତ ଥିଲେ।

# ପୂଜାରେ ଡିଜେକୁ ବାରଣ, ନ ମାନିଲେ କାର୍ଯ୍ୟାନୁଷ୍ଠାନ

## ଅକ୍ଟୋବର ୩ରେ ଭସାଣି, ଅଷ୍ଟମୀରୁ ବନ୍ଦ ରହିବ ମଦ ଦୋକାନ

ବ୍ରହ୍ମପୁର,୧୫।୯(ସ୍ମୃତି ରଞ୍ଜନ ମହାଲିକ) ଦୁର୍ଗା ପୂଜାକୁ ନେଇ ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପୂଜାରେ ପ୍ରଶାସନ ପକ୍ଷରୁ ଡିଜେକୁ ବାରଣ କରାଯାଇଛି। ନିୟମ ଅବମାନନା କଲେ ପୂଜା କମିଟି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଆସନ୍ତା ବର୍ଷ ପୂଜା ପାଇଁ ଅନୁମତି ଦିଆଯିବ ନାହିଁ। ଏଥିସହ ଉକ୍ତ କମିଟିର ପୂଜାକୁ ବନ୍ଦ କରାଯିବ ବୋଲି ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ସୂଚନା ଦେଇଛନ୍ତି। ସେହିପରି କମିଟି ପକ୍ଷରୁ ମାଇକ ସାଉଣ୍ଡ ୬୦ ଡେସିବେଲରୁ ଅଧିକ ନ ରହିବା ପାଇଁ ନିର୍ଦ୍ଦେଶ ରହିଛି। ପୂଜା କମିଟି ପକ୍ଷରୁ ମେଢ ନିକଟରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ପରାମର୍ଶ ଦିଆଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାରଠାରୁ ସିଙ୍ଗଲ ୱିଣ୍ଡୋ ଖୋଲାଯିବ। ଯେଉଁଠାରେ ପୂଜା କମିଟି ଅଗ୍ନି ନିର୍ବାପକ, ବିଦ୍ୟୁତ ସେବା ଅନୁମତି ଭଳି ଅନ୍ୟାନ୍ୟ ଅନୁମତି ନିମନ୍ତେ ଆବେଦନ କରିବେ। ଆସନ୍ତା ୨୮ ତାରିଖ ଯାଏଁ ଏହି ସୁବିଧା ଉପଲବ୍ଧ ରହିବ। ପୂଜା ପ୍ୟାଣ୍ଡେଲ ନିକଟରେ ବାଲି ଓ ପାଣି ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ତୋରଣରେ ଉଚ୍ଚତା ବିଦ୍ୟୁତ ତାରକୁ ସ୍ପର୍ଶ କରିବ ନାହିଁ। ତୋରଣର ଉଚ୍ଚତା ୨୦ ଫୁଟ ରହିବ। ପୂଜା କମିଟି ଶାନ୍ତି ଶୃଙ୍ଖଳା ରଖିବା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବେ। ଏଥିପାଇଁ କମିଟି ସ୍ଥାନୀୟ ଥାନାକୁ ସ୍ୱେଚ୍ଛାସେବୀ ସଂପର୍କରେ ଅବଗତ କରିବେ ବୋଲି ଉପଜିଲାପାଳ କହିଥିଲେ। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରୁଟ ଚାଟ ପ୍ରସ୍ତୁତ କରାଯିବ। ବିଏମସି ସାନିଟେସନ ବିଭାଗ ପକ୍ଷରୁ ପୂଜା ସମୟରେ ସଫେଇ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବେ। କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପିଇବା ପାଣିର ସୁବିଧା କରିବେ। ଅକ୍ଟୋବର ୩ରେ ମା'ଙ୍କୁ ବିସର୍ଜନ କରାଯିବ। ବିସର୍ଜନ ପୂର୍ବରୁ ପୂଜା କମିଟି ସ୍ଥାନୀୟ ଥାନାକୁ ଅବଗତ କରିବେ। ପୂଜା ପାଇଁ ଏସଓପି କରାଯିବ। ଅଷ୍ଟମୀରୁ ଭସାଣୀ ପର୍ଯ୍ୟନ୍ତ ମଦ ଦୋକାନ ବନ୍ଦ ରହିବ। ମୂର୍ତ୍ତି ବିସର୍ଜନ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଗୋସାଣୀ ନୂଆ ଗାଁ, ଆମ୍ବପୁଆ ବିବେକ ବିହାର, ମିନାକ୍ଷୀ ନଗର ଓ ଫାଷ୍ଟ ଗେଟଠାରେ ୪ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି। ସମସ୍ତ ପୂଜା କମିଟି ଅସ୍ଥାୟୀ ପୋଖରୀରେ ମୂର୍ତ୍ତିବିସର୍ଜନ କରିବେ। ବିସର୍ଜନ ସକାଳ ୭ଟାରୁ ଆରମ୍ଭ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଅସ୍ଥାୟୀ ପୋଖରୀ ନିକଟରେ କୌଣସି କ୍ରେନ ଓ କର୍ମଚାରୀ ରହୁ ନ ଥିବା ନେଇ ପୂଜା କମିଟି ଅଭିଯୋଗ କରିଥିଲେ। ଏଥିସହ ମୂର୍ତ୍ତି ସହର ଦେଇ ଯିବା ସମୟରେ ଝୁଲି ରହିଥିବା ତାର କାରଣରୁ ଦୁର୍ଘଟଣାର ଆଶଙ୍କା ରହିଥିବା ନେଇ କମିଟି ଅଭିଯୋଗ କରିଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ପ୍ରତିବର୍ଷ କୌଣସି ସମାଧାନ କରାଯାଉ ନାହିଁ। ଉପଜିଲାପାଳ ଉଭୟ ସମସ୍ୟାର ସମାଧାନ ପାଇଁ ବିଏମସି ଓ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ। ଡିଏସପି ବିବେକାନନ୍ଦ ସ୍ୱାଇଁ, ଟାଉନ ଏସଡିପିଓ ପ୍ରିୟଶ ରଞ୍ଜନ ଛୋଟରାୟଙ୍କ ସମେତ ଅଗ୍ନିଶମ, ଅଧିକାରୀ, ଟାଟା ପାୱାର, ଟ୍ରାଫିକ ଥାନା ଅଧିକାରୀ ଓ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ୩୬ ପୂଜା କମିଟି ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ବ୍ରହ୍ମପୁର ଉପଜିଲାପାଳ ଓ ଅନ୍ୟମାନେ।

# ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ମଜଭୁତ କରିବାକୁ ଆହ୍ୱାନ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସଏସ ପକ୍ଷରୁ ସାତ ଦିନିଆ ସ୍ୱତନ୍ତ୍ର ଶିବିର ଆରମ୍ଭ ହୋଇଛି। ସୋମବାର ଶିବିର ମାଧ୍ୟମରେ ବୃହତ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାରା ରୋପଣ କରି ମା' ପାଇଁ ଗଛଟିଏ-୨.୦ ଅଭିଯାନର ଶୁଭାରମ୍ଭ କରିଥିଲେ। ଏଥିରେ ବାଣିଜ୍ୟ ଓ ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଚାରା ରୋପଣ କରି ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଛାତ୍ରନେତା ସୋମନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ପୂଜାରୀ ଓ ମନ୍ତ୍ରୀ ଜେନା ଗୋଟିଏ ଲେଖାଏଁ ବଉଳ ଗଛ ଲଗାଇ ଅଭିଯାନ ଆରମ୍ଭ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ସହ କୁଳସଚିବ ବାବୁଜୀ ସାମଲଙ୍କ ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। କୁଳପତିଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱବିଦ୍ୟାଳୟର ଏନଏସଏସର ତିନୋଟି ୟୁନିଟ ପକ୍ଷରୁ ସ୍ୱତନ୍ତ୍ର ଶିବିର ମାଧ୍ୟମରେ କ୍ୟାମ୍ପସ ପରିସରକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟ ରହିଛି। ଏହି ୭ଦିନ ଭିତରେ ସ୍ୱେଚ୍ଛାସେବୀମାନେ କ୍ୟାମ୍ପସର ବିଭିନ୍ନ ସ୍ଥାନରେ ଦୁଇ ହଜାର ଫୁଲ ଫଳ ଚାରା ରୋପଣ ନିଷ୍ପତ୍ତି ହୋଇଛି। ଏହାସହ ପ୍ରତ୍ୟେକ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଗୋଟିଏ ଲେଖାଏଁ ଗଛକୁ ପୋଷ୍ୟ ଗଛ ଭାବରେ ଗ୍ରହଣ କରିବାକୁ କୁଳପତି ନିର୍ଦ୍ଦେଶ ଦେଇଛନ୍ତି। ଏନଏସଏସ ବ୍ୟୁରୋ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନଏସଏସର ୩ ଶହ ସ୍ୱେଚ୍ଛାସେବୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବୃକ୍ଷ ରୋପଣରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱେଚ୍ଛାସେବୀ ବନମାଳୀ ପ୍ରଧାନ, ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ଡକ୍ଟର ଶଂକରର୍ଷଣ ମଲ୍ଲିକ ଓ ଡକ୍ଟର ପଦ୍ମଲୋଚନ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନଏସଏସ ସ୍ୱେଚ୍ଛାସେବୀ ସ୍ୱସ୍ତି ସୁନ୍ଦର ସିଅ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶଙ୍କର୍ଷଣ ମଲ୍ଲିକ, ଡକ୍ଟର ଭାଗ୍ୟଶ୍ରୀ ରଥ, ଡକ୍ଟର ଚନ୍ଦ୍ରିକା ଦାସ ସହଯୋଗ କରିଥିଲେ। ୧୫ ଦିନିଆ ସେବା ପକ୍ଷରେ ଏନଏସଏସ ବ୍ୟୁରୋ ପକ୍ଷରୁ ଚାରା ରୋପଣ ଅଭିଯାନ ସହ ୧୭ ତାରିଖରେ ମେଗା ରକ୍ତଦାନ ଶିବିର, ୨୦ ତାରିଖରେ ଗୋପାଳପୁର ଠାରେ ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ କାର୍ଯ୍ୟକ୍ରମ ଏବଂ ୨୪ତାରିଖରେ ଏନଏସଏସ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯୋଜନା କରାଯାଇଛି।



କାର୍ଯ୍ୟକ୍ରମରେ ଦୁଇ ମନ୍ତ୍ରୀଙ୍କ ସହ କୁଳପତି ଓ ଅନ୍ୟମାନେ।

# ରାତିଅଧରେ ଦୋକାନରେ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ

■ ବର୍ତ୍ତିଗଲେ ଦୁଇ ଦୋକାନ ମାଲିକ, ଅଭିଯୁକ୍ତ ଗିରଫ
■ ଜେସିବି, ମୋଟର ସାଇକେଲ ଜବତ

ଗୋପ,୧୫ା୯
(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ମଦରଙ୍ଗ ବଜାରରେ ଏକ ଘର ସମ୍ମୁଖରେ ଥିବା ୨ ଦୋକାନ ଉପରେ ରବିବାର ବିଳମ୍ବିତ ରାତିରେ ଜେସିବି ଚଢ଼ାଇ ଭାଙ୍ଗି ଦିଆଯିବା ସହ ଦୋକାନୀଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ଏଥିରେ ଦୋକାନ ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଏହା ଭିତରେ ଥିବା ନାଗପୁର ଗ୍ରାମର ମିଠା ଦୋକାନ ମାଲିକ ପ୍ରହଲ୍ଲାଦ ସାହୁ(୬୫) ଏବଂ ବନ୍ତଲିଗ୍ରାମ ଗ୍ରାମର ସାଇକେଲ ଦୋକାନ ମାଲିକ ଜଟାଧାରୀ ସାହୁ (୮୦) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାରେ ପୋଲିସ ୨ଟି ମାମଲା(ନଂ.୩୦୫/୨୫ ଏବଂ ୩୦୬/୨୫) ରୁଜୁ କରି ଅଭିଯୁକ୍ତ କେଦାର ରାଉତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଜେସିବି ଏବଂ ଏକ ମୋଟର ସାଇକେଲକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମଦରଙ୍ଗ ବଜାରରେ ଅଭିଯୁକ୍ତ କେଦାରଙ୍କ ଘର ସମ୍ମୁଖରେ ଦୀର୍ଘ ବର୍ଷ ଧରି ପ୍ରହଲ୍ଲାଦ ଏବଂ ଜଟାଧାରୀ ମିଠା ଏବଂ ସାଇକେଲ ଦୋକାନ କରି ବ୍ୟବସାୟ କରି ଆସୁଛନ୍ତି। ଦୋକାନ ପଛରେ କେଦାରଙ୍କ ଘର ରହିଥିବାରୁ ଗତ କିଛି ଦିନ ଧରି ଦୁଇ ଦୋକାନ ମାଲିକଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା। ଏହାକୁ ନେଇ ଅଭିଯୁକ୍ତ କେଦାର ତାଙ୍କର କେତେଜଣ ସହଯୋଗୀଙ୍କ ସହ ମିଶି ରାତି ଅଧରେ ଜେସିବି ଦ୍ୱାରା ଦୁଇଗୋଟି ଦୋକାନକୁ


ଗିରଫ କେଦାର ରାଉତ।

ଭାଙ୍ଗିଥିଲେ। ଦୋକାନ ମଧ୍ୟରେ ଶୋଇଥିବା ଜଟାଧାରୀ ଏବଂ ପ୍ରହଲ୍ଲାଦଙ୍କ ଉପରେ ଇଟା, ପଥର ସହିତ କାଠପଡ଼ିବା ପରେ ସେମାନେ ଜୀବନ ବଞ୍ଚାଇବା ଲାଗି ବାହାରକୁ ପଳାଇ ଆସିଥିଲେ। ଦୋକାନ କାହିଁକି ଭାଙ୍ଗୁଛ ବୋଲି ପଚାରିବାରେ କେଦାର ଏବଂ ତାଙ୍କ ସହଯୋଗୀ ମାନେ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। କିଛି ସମୟପରେ ଦୋକାନ ମାଲିକଙ୍କ ପରିବାର ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ପଥର, ଇଟା ଓ କାଠ ପଡ଼ି ଗୁରୁତର ହୋଇଥିବା ଜଟାଧାରୀ ଏବଂ ପ୍ରହଲ୍ଲାଦଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀ ଥାନା ମହିଳା ଏସ୍‌ଆଇ ଦେବସ୍ମିତା ସିଂ, ଏଏସ୍‌ଆଇ ବୁଲୁ ସେଠୀଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କେଦାରଙ୍କୁ ଗିରଫ କରିବାବେଳେ ପୋଲିସ ସହ ଠେଲାପେଲା ହୋଇଥିଲା। ଏହାର ସୁଯୋଗ ନେଇ ଅନ୍ୟ ଆକ୍ରମଣକାରୀମାନେ ସେଠାରୁ ଖସି ପଳାଇ ଥିଲେ। ଶେଷରେ ପୋଲିସ କେଦାରଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଜେସିବି ଚଢ଼ାଇ ଦୋକାନ ଭାଙ୍ଗି ଦେବା ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ମାମଲାର ତଦନ୍ତ ଏଏସ୍‌ଆଇ ବୁଲୁ ସେଠୀ କରୁଥିବାବେଳେ ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜାଲ ସାର୍ଟିଫିକେଟ ଦେଇ ଚାକିରି: ଅଧ୍ୟାପକ ବହିଷ୍କୃତ

ବାଲିକୁଦା,୧୫ା୯(ତାପସ ସ୍ୱାଇଁ)

ନିଯୁକ୍ତି ସମୟରେ ଜାଲ ସାର୍ଟିଫିକେଟ ଦେବା ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ଶତପଥୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ବାଲିକୁଦା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ପରିଚାଳନା ପରିଷଦ ମନୋନୟନ କ୍ରମେ ୨୦୧୯ରେ ସନ୍ତୋଷଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ସେ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ପାଇଥିବା ନେଇ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ଏହାପରେ ସନ୍ତୋଷଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ତାହା ଜାଲ୍ ବୋଲି ଜଣା ପଡ଼ିବା ପରେ ସୋମବାର ଉପଜିଲାପାଳ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପତ୍ର କରିଥିଲେ। ସନ୍ତୋଷ ପାଇଥିବା ଶିକ୍ଷାଗତ ପ୍ରମାଣପତ୍ର (ସାର୍ଟିଫିକେଟ) ଉତ୍କଳ ବିଶ୍ୱବିଦ୍ୟାଳୟ ସହ ସମାନ ନଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ସେହିପରି ସନ୍ତୋଷ ୨୦୧୪ରେ ସିକିମ୍ ୟୁନିଭରର୍ସିଟିର ନକଲି ସାର୍ଟିଫିକେଟ୍ ଆଣିଥିଲେ ବୋଲି କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିବା ଚିଠିରେ ଉପଜିଲାପାଳ ଉଲ୍ଲେଖ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

ବ୍ରହ୍ମପୁର,୧୫ା୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରେ ସୋମବାର ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋବିନ୍ଦପୁର ଗ୍ରାମର ଗୋପୀନାଥ ରଣା(୨୭)। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ପଡିଥିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୋପୀନାଥ ତାରାତାରିଣୀ ମନ୍ଦିର ପୂଜକ ଭାବେ କାର୍ଯ୍ୟ କରନ୍ତି। ସୋମବାର ସେ ଘରେ ଶ୍ରାଦ୍ଧ କାମ ସାରି ଆସିବା ବେଳେ ଗ୍ରାମ ଛକ ନିକଟରେ ୪ରୁ ଉର୍ଦ୍ଧ୍ୱ ଯୁବକ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଗୋପୀନାଥଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ପୋଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନାଲ୍‌କୋରେ ଚାକିରି ଦେବା ଆଳରେ ୧୮ ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର

ଭୁବନେଶ୍ୱର,୧୫ା୯(ସତ୍ୟଜିତ୍ ରାଉତ)

ନାଲ୍‌କୋରେ ଚାକିରି କରାଇଦେବା ଆଳରେ ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବଡ଼ଗଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଗତି ବିହାରର ନରେଶ ବାରିକ ଓରଫ ବୁଟୁ (୫୫)। ତାଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସର୍ବେଶ୍ୱରଙ୍କ ସହଯୋଗୀ ଦିଲ୍ଲୀପ ଭଞ୍ଜ ଫେରାରଥିବା ବେଳେ ତାଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।


ନରେଶ ବାରିକ

ପ୍ରକାଶ ଯେ, ବଡ଼ଗଡ ଥାନା ଅଞ୍ଚଳର ଅଭିଯୋଗକାରୀ ସର୍ବେଶ୍ୱର ସାମଲ ୨୦୨୧ରେ ନରେଶଙ୍କ ସଂସ୍ପର୍ଶରେ ଆସିଥିଲେ। ନରେଶ ତାଙ୍କୁ ନାଲ୍‌କୋର ଏଜିଏମ୍ ଭାବରେ ପରିଚୟ ଦେଇ ଫସାଇଥିଲେ। ସେ ଦିଲ୍ଲୀପଙ୍କ ଜରିଆରେ ସର୍ବେଶ୍ୱରଙ୍କ ପୁଅଙ୍କ ପାଇଁ ନାଲ୍‌କୋରେ ଚାକିରି ବୁଝିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଟଙ୍କା ଦେବାକୁ ହେବ ବୋଲି ନରେଶ କହିଥିଲେ। ତାଙ୍କୁ ବିଶ୍ୱାସ କରି ସର୍ବେଶ୍ୱର ଅନଲାଇନ୍ ଓ ନଗଦ ଆକାରରେ ମୋଟ୍ ୧୮ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ନରେଶ ନକଲି ନିଯୁକ୍ତି ପତ୍ର, ପରିଚୟପତ୍ର, ଗେଟ୍ ପାସ୍ ଏବଂ ଡାକ୍ତରୀ ଫିଟନେସ୍ ସାର୍ଟିଫିକେଟ୍ ଆଦି ସର୍ବେଶ୍ୱରଙ୍କ ପୁଅଙ୍କୁ ଦେଇଥିଲେ। ୨୦୨୫ ମାର୍ଚ୍ଚ ୧୯ରେ ସର୍ବେଶ୍ୱରଙ୍କ ପୁଅ ନାଲ୍‌କୋ ଅଫିସରେ ରିପୋର୍ଟ କରିବାକୁ ଯିବାବେଳେ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ ସର୍ବେଶ୍ୱରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୨୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଏଭଳି ଅନ୍ୟ ଚାକିରି ଆଶାୟୀଙ୍କୁ ମଧ୍ୟ ଠକେଇ କରିଥିବା ପୋଲିସ ସୂଚନା ପାଇଛି। ଏନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

# ସାଇବର ଠକେଇ: ପେମେଣ୍ଟ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୩ ଗିରଫ

**କଟକ,୧୫ା୯(କାର୍ତ୍ତିକ ସାହୁ):** କଟକ ସାଇବର ଥାନା ପୋଲିସ ଏକ ସାଇବର ଠକେଇ ମାମଲାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ରାଉରକେଲାରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀର ଅବିନାଶ ଓଝା(୩୫), ବନ୍ଧମୁଣ୍ଡାର ଜଗନ ସାହୁ(୨୪) ଓ ପାନପୋଷ ବସ୍ତିର ପ୍ରତୀକ ଚୌରାସିଆ ଓରଫ ସିଦ୍ଧାର୍ଥ(୨୧)। ଅବିନାଶ ପେଟିଏମ୍ ଓ ଏନ୍‌ଏସ୍‌ଡିଏଲ୍, ଜଗନ ଏୟାରଟେଲ ଓ ଜିଓ ପେମେଣ୍ଟ ବ୍ୟାଙ୍କର କର୍ମଚାରୀ ହୋଇଥିବାବେଳେ ପ୍ରତୀକ ଏୟାରଟେଲ ସିମ୍‌କାର୍ଡ ବିକ୍ରି କରନ୍ତି। ପ୍ରତୀକ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୂର୍ବରୁ ଆକ୍ଟିଭ ହୋଇଥିବା ସିମ୍‌କାର୍ଡ ଯୋଗାନ୍ତି। ସେମାନଙ୍କ ନିକଟରୁ ୩ଟି ଆଧାର କାର୍ଡ, ୬ଟି ମୋବାଇଲ ଫୋନ୍, ୩ଟି ଚେକ୍‌ବହି, ୧୦ଟି ପାସ୍‌ବହି ଜବତ ହୋଇଛି। ଏଥିସହ ୩୯ଟି ବ୍ୟାଙ୍କ ଆକାଉଣ୍ଟ ଓ ସେଥିରେ ଥିବା ୨ ଲକ୍ଷ ଟଙ୍କାକୁ ଅଚଳ କରିଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁସାରେ, ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। କଟକ ସାଇବର ଥାନାରେ ସେ କରିଥିବା ଅଭିଯୋଗ ଅନୁଯାୟୀ, ନିଶା ସିଂହ ନାମକ ବ୍ୟକ୍ତି ଟେଲିଗ୍ରାମ୍ ଜରିଆରେ ତାଙ୍କୁ ଏକ ଲିଙ୍କ୍ ଶେୟାର କରିଥିଲେ। କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କଲେ ୨ଗୁଣା ଲାଭ ପାଇବାର ଲୋଭ ସେ ଦେଖାଇଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ୨୦୨୫ ମେ ୧୬ରୁ ୨୯ ତାରିଖ ମଧ୍ୟରେ ୧୩,୭୨,୦୭୦ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ।

# ୨ ମାସରେ ତଦନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ସାମାଜିକ କର୍ମୀ ରୋଜାଲିନ୍ ସାହୁ ହତ୍ୟା ମାମଲା

କେନ୍ଦୁଝର,୧୫ା୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରର ସାମାଜିକ କର୍ମୀ ରୋଜାଲିନ ସାହୁଙ୍କ ହତ୍ୟା ମାମଲାରେ ହାଇକୋର୍ଟ ପୋଲିସକୁ ରିପୋର୍ଟ ତଲବ କରିଛନ୍ତି। ବିଚାରପତି ଚିତ୍ତରଞ୍ଜନ ଦାଶ ମାମଲା ଶୁଣାଣିକରି କେନ୍ଦୁଝର ପୋଲିସକୁ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିବାରୁ କୋର୍ଟ ସେପ୍ଟେମ୍ବର ୧୦ରେ ଶୁଣାଣି ସମୟରେ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

ସୂଚନାଯୋଗ୍ୟ, ରୋଜାଲିନ୍ ସାହୁଙ୍କ ମୃତ୍ୟୁ ହେବାର ଅଢ଼େଇ ବର୍ଷ ବିତିସାରିଲାଣି। କେନ୍ଦୁଝର ଘଟଗାଁ ଥାନା ପକ୍ଷରୁ ଏକ ସଂଘବଦ୍ଧ ନରହତ୍ୟା ମାମଲା ରୁଜୁ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଚୁପ୍ ବସିଥିବା ରୋଜାଲିନ୍‌ଙ୍କ ମାଆ ରେବତୀ ସାହୁ ଅଭିଯୋଗ କରିଥିଲେ। ଏକମାତ୍ର ଝିଅକୁ ପ୍ରକାଶ ମଲ୍ଲିକ ନାମକ ଯୁବକ ଘରୁ ନିଜ ଗାଡ଼ିରେ ଡାକିନେଇ ହତ୍ୟା କରିଥିବା ନେଇ ସିଧା ଅଭିଯୋଗ କରିଥିଲେ। ତେଣୁ ପୋଲିସ ବାଧ୍ୟ ହୋଇ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି। ପ୍ରଥମେ ଝିଅ ଏକ ବାଇକ୍‌ରେ ଯାଇ ପଡ଼ିଯାଇଥିବା ପୋଲିସ କହିଥିଲା। ପରେ ଘଟଣାର ୨ ବର୍ଷ ପରେ ଏକ ଧଳା ସ୍କର୍ପିଓ ଜବତ କରିଥିଲା। ତେବେ ପୋଲିସ ଅପରାଧୀଙ୍କୁ ଗିରଫକରି ଚାର୍ଜଶିଟ ଦେଉ ନ ଥିବାରୁ ରେବତୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିଯୋଗ ଶୁଣାଣିରେ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଫିସ ଚିଠିକୁ ପୋଲିସ ମାନିଲା ନାହିଁ କି ତଦନ୍ତ କଲାନାହିଁ। ବାରମ୍ବାର ନିରାଶ ହୋଇ ସେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଚିତ୍ତରଞ୍ଜନ ଦାଶ କେନ୍ଦୁଝର ପୋଲିସ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ମଧ୍ୟ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିଲା। ତେଣୁ ଘଟଣା ବିଭ୍ରାନ୍ତି ଆଡ଼କୁ ଯାଉଥିବାରୁ ଏତେ ଦିନ ଯାଏ ଚାର୍ଜଶିଟ ନ ହେବାରୁ କୋର୍ଟ ଶୁଣାଣି କରି ଦୁର୍ଭାଗ୍ୟଜନକ କହିଛନ୍ତି। ନିର୍ଦ୍ଦେଶନାମା ଆସିବା ପରେ ରୋଜାଲିନ ସାହୁଙ୍କ ମାଆ ଅପରାଧୀ ଏବେ ଗିରଫ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯେତେ ବଡ଼ ଲୋକଙ୍କ ସହ ଫଟୋ ଉଠେଇ ଅପରାଧୀମାନେ ବର୍ତ୍ତିଯିବାକୁ ମସୁଧା କରୁଥିଲେ ମଧ୍ୟ ମୁକୁଳିପାରିବେନାହିଁ। ଏଥିସହ ହତ୍ୟା ଅପରାଧୀଙ୍କୁ ରାଜନୈତିକ ଶରଣ ନ ଦେବାକୁ ସେ ରାଜନୈତିକ ଦଳ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ଖେଳ ଖବର

# ଚାମ୍ପିୟନ ଦଳକୁ ୫୦, ରନରଅପକୁ ୨୫ ଲକ୍ଷ


ଆୟୋଜକମାନେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

କଟକ,୧୫ା୯(କାର୍ତ୍ତିକ ସାହୁ)

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୭ରୁ ଆରମ୍ଭ ହେବ ଓଡ଼ିଶା ପ୍ରୋ ଟି୨୦ ଲିଗ୍। ଏହି ଲିଗ୍‌କୁ ବହୁଳ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଷ୍ଟାର ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନ୍ କୋଡ୍‌ରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ୬ଟି ଦଳକୁ ନେଇ ହେବାକୁ ଥିବା ଏହି ଲିଗ୍‌ରେ ଟ୍ରଫି ସହ ଚାମ୍ପିୟନ ଦଳକୁ ଆର୍ଥିକ ପୁରସ୍କାର ରାଶି ୫୦ ଲକ୍ଷ ଓ ରନରଅପ ଦଳକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ୧୦ ହଜାର, ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ୧ ଲକ୍ଷ, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଓସିଏ ସମ୍ପାଦକ ସଞ୍ଜୟ ବେହେରା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ଦେଇ କହିଲେ, ବଲିଉଡ କଳାକାର ଚିତ୍ରାଙ୍ଗଦା ସିଂ, ନକ୍ସ ଅଜିଜ, ଋତୁରାଜ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିବେ। ଏଥିରେ ସମ୍ବଲପୁରୀ, ମାଲଖମ୍ବ ନୃତ୍ୟ ପରିବେଷଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଗକୁ ଉଦ୍‌ଘାଟନ କରିବେ। ସେହିପରି ବ୍ରେଟ୍ ଲି ଓ ଅନ୍ତର୍ଜାତୀୟ ଓଡ଼ିଆ କ୍ରିକେଟର ଦେବାଶିଷ ମହାନ୍ତି ବ୍ରାଣ୍ଡଆମ୍ବାସଡର ରହିବେ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ବ୍ରେଟ୍ ଲି ବାଦ୍ ପଡ଼ିଥିବାରୁ ତାଙ୍କ ସ୍ଥାନରେ ଇର୍ଫାନ ପଠାନ୍‌ଙ୍କୁ ବ୍ରାଣ୍ଡଆମ୍ବାସାଡ଼ର ରଖାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ସଞ୍ଜୟ ରାଉଲ ମ୍ୟାଚ୍ ରେଫରୀ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ଗ୍ୟାଲେରୀ ନଂ-୧, ୩, ୫ ଏବଂ ୬ ଦର୍ଶକମାନଙ୍କ ପାଇଁ ଖୋଲା ରହିବ। ବିନା ମୂଲ୍ୟରେ ଟିକଟ ଜେନି ମୋବାଇଲ ଆପ୍ଲିକେସନରେ ଦର୍ଶକ ଟିକଟ ବୁକିଂ କରିପାରିବେ। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ଆରିଭା ସ୍ପୋର୍ଟସର ହେଡ୍ ଅଫ ଅପରେସନ୍ ସଲମାନ ଖାନ୍ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଓଡ଼ିଶା ଓପନ ପିକଲ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର, ୧୫ା୯ (ତପନ ସ୍ୱାଇଁ)

ଓଡ଼ିଶା ଓପନ ପିକଲ୍‌ବଲ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ହାଇଓ୍ୱେ ହୋଣ୍ଡା ପରିସରରେ ଉଦ୍‌ଯାପିତ ହୋଇଛି। ପିକଲ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ସର୍ବଭାରତୀୟ ପିକଲ୍‌ବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକରୁ ଆରମ୍ଭ କରି ୬୦+ ଭେଟେରାନ ପୁରୁଷ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ପୁରୁଷ ବର୍ଗରେ ଯଶରାଜ ନାୟକ ସ୍ୱର୍ଣ୍ଣ, ଅଂଶୁମାନ ବାବୁ ରୌପ୍ୟ ଓ ସୁମିତ ପଣ୍ଡା ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୩୫+ ପୁରୁଷ ସିଙ୍ଗଲ୍ସରେ ରାଜେଶ ପ୍ରଧାନ, ସୁନୀଲ ସାହୁ ଓ ମନମୀତ ମହାନ୍ତି, ପୁରୁଷ ଓପନ ଡବଲ୍ସରେ ରାଜେଶ ପ୍ରଧାନ-ରୋଶନ ମିଶ୍ର, ସୁମିତ ପଣ୍ଡା-ଅଂଶୁମାନ ବାବୁ ଓ ଯଶରାଜ ନାୟକ-ୟୁରେକା ଅପ୍‌ତା, ୩୫+ ପୁରୁଷ ଡବଲ୍ସରେ ରାଜେଶ ପ୍ରଧାନ-ଲଗ୍ନଜିତ ପଟ୍ଟନାୟକ, ମନମୀତ ମହାନ୍ତି-ସୁନୀଲ ସାହୁ ଓ ସନ୍ତୋଷ ଜେନା-ଅଜୟ ନିଶଙ୍କ, ୫୦+ ପୁରୁଷ ଡବଲ୍ସରେ ସନ୍ତୋଷ ଜେନା-ଶିବ ଜେନା, ପ୍ରଦୀପ ସିଂ-ଉଦୀପ ଦାସ ଓ ସଂଗ୍ରାମ ବେହେରା-ଗୋଲକ ରାଉତ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୬୦+ ପୁରୁଷ ଡବଲ୍ସରେ ପ୍ରଦୀପ ସିଂ-ଉଦୀପ ଦାସ, ଏମ.ଏନ. ବିଶ୍ୱାଲ-ଆର.କେ. ଦାସ ଓ ବିଜୟ ମିଶ୍ର-ଅରୁଣ ଦାସ ଯୋଡ଼ି ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ମହିଳା ଓପନ ସିଙ୍ଗଲ୍ସରେ ପ୍ରସିଦ୍ଧି ପୋଦ୍ଦାର ସ୍ୱର୍ଣ୍ଣ, ଆରାଧ୍ୟା ବର୍ମା ରୌପ୍ୟ ଓ ସାକ୍ଷୀ ଅଗ୍ରୱାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡବଲ୍ସରେ ପ୍ରସିଦ୍ଧି ପୋଦ୍ଦାର-ସ୍ନେହା ଗର୍ଗ, ଅନୁସ୍କା ଆଲିସେ-ଶୁଭଶ୍ରୀ ଓ ଅନିଶା-ଜୋହାନା ଏବଂ ମିକ୍ସଡ ଡବଲ୍ସରେ ଏକଲବ୍ୟ ମହାପାତ୍ର-ପ୍ରସିଦ୍ଧି ପୋଦ୍ଦାର, ଅନିଶା ପାଣିଗ୍ରାହୀ-ରୋଶନ ମିଶ୍ର ଓ ଅନମୋଲ ଦାସ-ସାକ୍ଷୀ ଅଗ୍ରୱାଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ବିଗ୍‌ନର୍ସ ସିଙ୍ଗଲ୍ସ ବର୍ଗରେ ଆଦିତ୍ୟ ଶତପଥୀ ସ୍ୱର୍ଣ୍ଣ, ସୁମିତ ପଟେଲ ରୌପ୍ୟ ଓ ଆଶୁତୋଷ ପାଢ଼ୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଗ୍ରୁପ୍-ଜି ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ, ପୂର୍ବତନ ଓଡ଼ିଶା ରଣଜୀ କ୍ରିକେଟର ସୌମିତ୍ର ଚୌଧାରୀ, ପିକଲବଲ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ବିଜୟ କେତନ ମିଶ୍ର, ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏକଲବ୍ୟ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ୧୪ଥର ବିଶ୍ୱ ରେକର୍ଡ ଭାଙ୍ଗିଲେ ଡୁପ୍ଲାଣ୍ଟିସ



ଆର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ

ଟୋକିଓ, ୧୫ା୯ (ଏପି)

ଆର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ ପୋଲ୍‌ଭଲ୍ଟରେ ୧୪ତମ ଥର ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ସୋମବାର ରାତିରେ ସେ ତୃତୀୟ ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇ ୬.୩୦ ମିଟର କ୍ଲିଅର କରିଛନ୍ତି। ସୁଇଡେନରେ ଜନ୍ମ ଗ୍ରହଣ କରିଥିବା ଡୁପ୍ଲାଣ୍ଟିସ ଲୋଇସିଆନାରେ ଲାଳିତପାଳିତ ହୋଇଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ୪୯ତମ ମିଟ୍ ବିଜୟ ଏବଂ ଅଲିମ୍ପିକ୍ସ ସମେତ କ୍ରମାଗତ ୬ଷ୍ଠ ପ୍ରମୁଖ ଟାଇଟଲ। ତାଙ୍କର ଆଉ ଏକ ରେକର୍ଡ ଦେଖିବା ଲାଗି ଦର୍ଶକମାନଙ୍କୁ ଅତିରିକ୍ତ ଅଧଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ସେ ତାଙ୍କ ତୃତୀୟ ତଥା ଫାଇନାଲ ପ୍ରଚେଷ୍ଟାରେ ଉଚ୍ଚତାକୁ ଡେଇଁ ଥିଲେ। ଗ୍ରୀକ୍ ପୋଲ୍‌ଭଲ୍ଟର ଏମାନୋଲ୍ କାରାଲିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିଲେ। ପୁରସ୍କାର ବାବଦରେ ଡୁପ୍ଲାଣ୍ଟିସ ୭୦,୦୦୦ ଡଲାର ଏବଂ ରେକର୍ଡ ପ୍ରତିଷ୍ଠା ପାଇଁ ବୋନସ ବାବଦରେ ଅତିରିକ୍ତ ୧୦୦,୦୦୦ ଡଲାର ପକେଟସ୍ଥ କରିଛନ୍ତି।

# ପୁରୁଷ ବିଭାଗରେ ଝାଡ଼ଖଣ୍ଡ ଚାମ୍ପିୟନ, ଓଡ଼ିଶା ରନରଅପ

ପୁରୀ ୧୫ା୯
(ଅଜିତ୍ କୁମାର ମହାନ୍ତି)

## ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ

ଟେନିସ ବଲ୍ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ବର୍ଷା କାରଣରୁ ବିଳମ୍ବିତ ରାତିରେ ପୁରୁଷ ବର୍ଗ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ଚାମ୍ପିୟନ ଏବଂ ଓଡ଼ିଶା ଦଳ ରନରଅପ୍ ହୋଇଥିଲା। ଲକ୍ଷ୍ନୌ ଏବଂ ଗୋଆ ପରେ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇ ସର୍ବଭାରତୀୟ ସ୍ତରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ରନରଅପ୍ ହୋଇ ଭଲ ସ୍ମୃତି ସାଉଁଟିଛି। ପୁରୁଷ ବର୍ଗର ପ୍ରଥମ ସେମିଫାଇନ ଏଆଇଆଇବି ଏବଂ ଝାଡଖଣ୍ଡ ମଧ୍ୟରେ ହୋଇଥିଲା। ଏଥିରେ ଝାଡଖଣ୍ଡ ୭ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏହି ଅବସରରେ ବର୍ଷାଯୋଗୁ ସମସ୍ୟା ଉପୁଜିବାରୁ ଓଡ଼ିଶା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ବର୍ଷା କାରଣରୁ ଓଡ଼ିଶା-ଝାଡ଼ଖଣ୍ଡ ଫାଇନାଲ ରବିବାର ଭୋର ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୭୬ ରନ କରିଥିଲା। ୭୭ ରନର ବିଜୟ ଲକ୍ଷ୍ୟକୁ ଝାଡଖଣ୍ଡ ୬.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଝାଡ଼ଖଣ୍ଡର ଛୋଟୁ ଖାଁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଓଡ଼ିଶାର ବିଶାଲ ଜେନା ପ୍ଲେୟର ଅଫ୍ ଦି ସିରିଜ, କିରଣ ସାହା ଶ୍ରେଷ୍ଠ ବ୍ୟାଟର, ମୁକ୍ତିକାନ୍ତ ପାତ୍ର ଶ୍ରେଷ୍ଠ ବୋଲର, ନିରଞ୍ଜନ ପ୍ରଧାନ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଟିବିସିଏଆଇର ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, ଗଭର୍ନିଂ ବଡି ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସଂପାଦକ ସନ୍ତୋଷ କୁମାର ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ସହ ପଦକ ପ୍ରଦାନ କରିଥିଲେ।


ରନରଅପ୍ ଓଡ଼ିଶା ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ। (ଫଟୋ: ଜଙ୍ଗେଶ୍ୱର ମହାନ୍ତି)

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



SPOT ADMISSION 2025-27
**B.Ed**
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214



ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଖୁଚୁରା ପରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି

**ଭୁବନେଶ୍ୱର,୧୫ା୯**

ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ତଥ୍ୟ ଅନୁସାରେ ଅଗଷ୍ଟ ମାସରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁଲାଇର ୦.୫୮ ପ୍ରତିଶତରୁ ବୃଦ୍ଧି ପାଇ ୦.୫୨ ପ୍ରତିଶତକୁ ପହଞ୍ଚିଛି। ଖାଦ୍ୟ ଓ ପାନୀୟ, ଉତ୍ପାଦିତ ଦ୍ରବ୍ୟ, ଅଣ ଖାଦ୍ୟ ପଦାର୍ଥ, ଅଣ ଧାତବ ଖଣିଜ ଉତ୍ପାଦ ଏବଂ ପରିବହନ ଉପକରଣର ମୂଲ୍ୟ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହି ଜିନିଷର ମୂଲ୍ୟ ବୃଦ୍ଧି ହେତୁ ପ୍ରାଥମିକ ଦ୍ରବ୍ୟର ସୂଚକାଙ୍କରେ ୧.୬୦ ପ୍ରତିଶତର ବୃଦ୍ଧି ଦେଖାଦେଇଛି। ୨୦୨୫ ଜୁଲାଇରେ ଏହା ୧୮୮.୦ ଥିବାବେଳେ ଅଗଷ୍ଟରେ ୧୯୧.୦କୁ ବୃଦ୍ଧି ପାଇଛି। ଅଣ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ୨.୯୨ ପ୍ରତିଶତ, ଖଣିଜ ପଦାର୍ଥର ମୂଲ୍ୟ ୨.୬୬ ପ୍ରତିଶତ ଏବଂ ଖାଦ୍ୟ ପଦାର୍ଥର ମୂଲ୍ୟ ୧.୪୫ ପ୍ରତିଶତ ବୃଦ୍ଧି ପାଇଛି। ଉତ୍ପାଦିତ ଦ୍ରବ୍ୟ ଡବ୍ଲ୍ୟୁପିଆଇ ବାସ୍କେଟ୍‌ର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାବେଳେ ଏହାର ମୂଲ୍ୟ ଜୁଲାଇ ତୁଳନାରେ ଅଗଷ୍ଟରେ ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। କାରଖାନାରେ ଉତ୍ପାଦିତ ଦ୍ରବ୍ୟର ଦର ବୃଦ୍ଧି ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହା ସହ ଖାଦ୍ୟ ଉତ୍ପାଦ, ବସ୍ତ୍ର, ବିଦ୍ୟୁତ୍ ଉପକରଣ, ଅନ୍ୟାନ୍ୟ ପରିବହନ ଉପକରଣ ଏବଂ ଯନ୍ତ୍ରପାତିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଇନ୍ଧନ ଓ ବିଦ୍ୟୁତ୍ ମୁଦ୍ରାସ୍ଫୀତି ୦.୬୯ ପ୍ରତିଶତ ହ୍ରାସ ପାଇ ଅଗଷ୍ଟରେ ୧୪୩.୬କୁ ହ୍ରାସ ପାଇଛି। ଗତ ମାସରେ ଏହା ୧୪୪.୬ ଥିଲା। ବିଦ୍ୟୁତ୍‌ର ମୂଲ୍ୟ ୨.୯୧ ପ୍ରତିଶତ ଏବଂ ଖଣିଜ ତୈଳର ମୂଲ୍ୟ ୦.୦୭ ପ୍ରତିଶତ ହ୍ରାସ ପାଇଛି। ଜୁଲାଇ ତୁଳନାରେ କୋଇଲାର ମୂଲ୍ୟ ସ୍ଥିର ରହିଛି। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ମୁଦ୍ରାସ୍ଫୀତି ହାର ଅଗଷ୍ଟରେ ୦.୪୩ ପ୍ରତିଶତ ରହିଛି। ଏହା ବ୍ୟତୀତ କମ୍ପ୍ୟୁଟର, ଇଲେକ୍ଟ୍ରୋନିକ୍ସ ଓ ଅପ୍ଟିକାଲ ଉତ୍ପାଦ, ପୋଷାକ, କାଠ ଉତ୍ପାଦ ଏବଂ ଆସବାବପତ୍ରର ମୂଲ୍ୟ ହ୍ରାସ ପାଇଛି। ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧.୫୫ ପ୍ରତିଶତରୁ ବୃଦ୍ଧି ପାଇ ୨.୦୭ ପ୍ରତିଶତରେ ପହଞ୍ଚିଛି। ଏବେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଅର୍ଥାତ୍ ଉଭୟ ଖୁଚୁରା ଓ ପାଇକାରୀ ବଜାରରେ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହା ସୂଚାଇ ଦେଉଛି, କିଛି ନିର୍ଦ୍ଦିଷ୍ଟ ସେଗ୍‌ମେଣ୍ଟରେ ଦରଦାମ କମିଥିଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଅନ୍ୟାନ୍ୟ ସାମଗ୍ରୀ ମହଙ୍ଗା ହୋଇଛି।

# ଜିଏସ୍‌ଟି ହ୍ରାସ ଲାଭ ପାଇବେ ଏଚ୍‌ଏମ୍‌ଏସ୍‌ଆଇ ଗ୍ରାହକ

**ଭୁବନେଶ୍ୱର,୧୫ା୯**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଜିଏସ୍‌ଟି ହାର ହ୍ରାସର ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ସମସ୍ତ ଉତ୍ପାଦ ଶ୍ରେଣୀରେ ପ୍ରଦାନ କରାଯିବ। ଏନେଇ କମ୍ପାନୀ ବିଚାର କରୁଥିବାବେଳେ ସ୍କୁଟର ଏବଂ ୩୫୦ ସିସି ପର୍ଯ୍ୟନ୍ତ ମୋଟରସାଇକେଲ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଜିଏସ୍‌ଟି ପରିଷଦର ଦୁଇ ଚକିଆ ଯାନରେ ଜିଏସ୍‌ଟି ହାର ୨୮%ରୁ ୧୮%କୁ ହ୍ରାସ କରିବା ନିଷ୍ପତ୍ତି ପରେ ଏଚ୍‌ଏମ୍‌ଏସ୍‌ଆଇ ଗ୍ରାହକମାନେ ଏବେ ମଡେଲ ଅନୁଯାୟୀ ଏକ୍ସ-ଶୋ'ରୁମ ମୂଲ୍ୟରେ ୧୮,୮୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ପାଇବେ। ଦୁଇ ଚକିଆ ଯାନ ଏବଂ ଖୁଚୁରା ଯନ୍ତ୍ରାଂଶରେ ଜିଏସ୍‌ଟି ହ୍ରାସ ଯାନଗୁଡ଼ିକୁ ଅଧିକ ସୁଲଭ କରିବ ଏବଂ ସମଗ୍ର ଇକୋସିଷ୍ଟମକୁ ମଜଭୁତ କରିବ ବୋଲି ଆଶା କରାଯାଉଛି। ପାର୍ବଣଋତୁରେ ସହରୀ ଓ ଗ୍ରାମାଞ୍ଚଳ ବଜାରରେ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବ । ହୋଣ୍ଡା ପକ୍ଷରୁ ମିଳିଥିବା ସୂଚନାନୁସାରେ, ପ୍ରିମିୟମ ମୋଟରସାଇକେଲ ଉପରେ ନୂଆ ୪୦% ଜିଏସ୍‌ଟି ସ୍ଲାବର ପ୍ରଭାବକୁ ମୂଲ୍ୟାଙ୍କନ କରାଯାଉଛି। ହୋଣ୍ଡାର ପ୍ରତ୍ୟେକ ମଡେଲରେ ମୂଲ୍ୟ ହ୍ରାସର ଠିକ ବିବରଣୀ ପାଇଁ ଗ୍ରାହକମାନେ ନିକଟସ୍ଥ ଅଧିକୃତ ହୋଣ୍ଡା ଡିଲରଶିପକୁ ଯାଇ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

## ବନ୍‌ତାରାର ପଶୁ କଲ୍ୟାଣ ମିଶନକୁ ସୁପ୍ରିମ କୋର୍ଟଙ୍କ କ୍ଲିନ୍‌ଚିଟ୍

**ଭୁବନେଶ୍ୱର,୧୫ା୯**

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି)ର ନିଷ୍କର୍ଷକୁ ବନ୍‌ତାରା ପକ୍ଷରୁ ସ୍ୱାଗତ କରାଯାଇଛି। ବନ୍‌ତାରା ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ଏସ୍‌ଆଇଟିର ରିପୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସ୍ପଷ୍ଟ କରିଛି ଯେ ବନ୍‌ତାରାର ପ୍ରାଣୀ କଲ୍ୟାଣ ମିଶନ ବିରୋଧରେ ଉଠାଯାଇଥିବା ସନ୍ଦେହ ଏବଂ ଅଭିଯୋଗ କୌଣସି ଭିତ୍ତିହୀନ ଥିଲା। ଏସ୍‌ଆଇଟିର ସଦସ୍ୟଙ୍କ ଦ୍ୱାରା ସତ୍ୟର ପ୍ରମାଣୀକରଣ ବନ୍‌ତାରାର ସମସ୍ତଙ୍କ ପାଇଁ କେବଳ ଆଶ୍ୱସ୍ତିକର ନୁହେଁ ବରଂ ଏକ ଆଶୀର୍ବାଦ ମଧ୍ୟ। କାରଣ ଏହା ଆମର କାର୍ଯ୍ୟକୁ ନିଜ ପକ୍ଷରେ କହିବାକୁ ଅନୁମତି ଦିଏ।

# ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ 'ଷ୍ଟାର ଏମ୍ପ୍ଲୟର' ପୁରସ୍କାର

**ଭୁବନେଶ୍ୱର,୧୫ା୯ (ଅନୁରାଧା ମହାରଣା)**

ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ରୋଜଗାର ସୃଷ୍ଟିରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଷ୍ଟାର ଏମ୍ପ୍ଲୟର' ଭାବେ ରାଜ୍ୟ ଶ୍ରେଷ୍ଠ ନିଯୁକ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପରମ୍ପରାଗତ ଶିଳ୍ପ ବର୍ଗରେ ଦିଆଯାଇଛି। ସୋମବାର ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା, ଓଡ଼ିଶାର କର୍ପୋରେଟ ମୁଖ୍ୟ ଅର୍ଦ୍ଧେନ୍ଦୁ ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଶିଳ୍ପ) ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ଜୁନ୍‌ରୁ ୨୦୨୫ ସେପ୍ଟେମ୍ବର ମଧ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବିଭିନ୍ନ ଇଣ୍ଡଷ୍ଟ୍ରି ଦ୍ୱାରା ଓଡ଼ିଶାର ମୋଟ ୧୨,୪୧୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୯,୪୮୦ରୁ ଅଧିକ କର୍ମଚାରୀ ଓ ବାସିନ୍ଦା, ଯାହା ମୋଟ ନିଯୁକ୍ତିର ୭୬ ପ୍ରତିଶତରୁ ଅଧିକ। ଏହି ସମ୍ମାନ ସମାରୋହରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଓ ବିଭିନ୍ନ ଶିଳ୍ପ ଏକକରୁ ନୂତନ ଭାବେ ନିଯୁକ୍ତ ୩୫ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



# ବିଓଆଇ ଅଫିସର୍ସ ଆସୋସିଏଶନର ବାର୍ଷିକ ବୈଠକ

**ଭୁବନେଶ୍ୱର,୧୫ା୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ୪୪ତମ ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ରେଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି ସ୍ମୃତିରଞ୍ଜନ ସାହୁ ଏବଂ ୟୁନିଟ୍‌ର ସାଧାରଣ ସମ୍ପାଦକ କମଲଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫେଡେରେଶନ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ନିଲେଶ ପାୱାର, ସଭାପତି ଜି. ନାଗେଶ୍ୱର, କାର୍ଯ୍ୟରତ ସଭାପତି ଶ୍ୱେତାଙ୍ଗ ତ୍ରିବେଦୀ, ଚେୟାରମ୍ୟାନ୍ ସଞ୍ଜୟ ଦାସ, ଗଣେଶ ପାଣ୍ଡେ ଏବଂ ପ୍ରକାଶ ଓରାଓଁ ଯୋଗଦେଇ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ଅସୁବିଧା ଓ ସୁଯୋଗ ସମ୍ପର୍କରେ ନିଜର ମୂଲ୍ୟବାନ୍ ମତ ପ୍ରକାଶ କରିଥିଲେ। ଏଥିରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ସମ୍ବଲପୁର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫେଡେରେଶନର ଲିଡରମାନେ ବର୍ଦ୍ଧିତ ଚାପ ଓ ଲକ୍ଷ୍ୟ ମଧ୍ୟରେ ଅଧିକାରୀମାନଙ୍କ ପାଇଁ ଉତ୍ତମ କାର୍ଯ୍ୟଜୀବନ ସନ୍ତୁଳନ ବଜାୟ ରଖିବା, ଉପଯୁକ୍ତ ନୀତି ଓ ବ୍ୟବସ୍ଥା ମଧ୍ୟରେ ଏକ ଚାପମୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଏବଂ ଆଧୁନିକ ଭିତ୍ତିଭୂମି ସହାୟତାରେ ଦକ୍ଷ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ସକ୍ଷମ କରାଇବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବାର୍ଷିକ ସାଧାରଣ ବୈଠକର ବିଜ୍‌ନେସ୍ ସେସନ ସଦସ୍ୟମାନଙ୍କୁ ସାଙ୍ଗଠନିକ ବିଷୟ, ନୀତିଗତ ପ୍ରସଙ୍ଗ ଏବଂ ଭବିଷ୍ୟତ ପାଇଁ ସାମୂହିକ ରଣନୀତି ଉପରେ ବିଚାରବିମର୍ଷ କରାଯାଇଥିଲା।

# Classified Everyday

**0674-2580101, 9692975378**



## REAL ESTATE SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




The massage felt totally professional! & comfortable at all times- 7978109255. D-76492

## AFFIDAVIT

Bhimasen Malik, S/o- Late Magu Malik, Village- Mulubasanta, P.S.- Mahanga, Dist.- Cuttack, Odisha-754204, states by affidavit No.- 7137, dt 07.08.25 before Executive Magistrate, Cuttack that I have changed my name Bhimasen Malik to Bhimasen Jena. Bhimasen Jena and Bhimasen Malik and Bhima Malik is one and same person. D-1992

Ramesh Chandra Jena, S/o- Magu Jena, Village- Mulubasanta, P.S.- Mahanga, Dist.- Cuttack- 754204, Odisha states by affidavit No.- 7138, 07.08.25 that I have changed my name Ramesh Malik to Ramesh Chandra Jena. Ramesh Chandra Jena and Ramesh Malik is one and same person. D-1993

By virtue of an affidavit sworn before the Executive Magistrate, Dharamgarh, No.- 02, date 15.09.25, I, Sraban Kumar, S/o- Agasti Kumar, R/o. Village/P.O.- Badfurla, P.S.- Dharamgarh, Dist.- Kalahandi, Odisha, PIN- 766015 declare that I have changed my name from Sadranjan Kumar, DOB- 27.2.2007 to Sraban Kumar, DOB- 17.11.2006. Henceforth, I shall be known as Sraban Kumar, DOB- 17.11.2006 for all purposes.
Sraban Kumar
D-1986

I, Nidhiram Jena, At- Goutam Nagar, P.O./ Dist.- Koraput have changed my minor daughter's name from U.N. Sweekruti (as per Aadhaar Card) to U.N. Sweekruti Jena (as per Birth Certificate) for all future purposes vide affidavit No.- 631/25 in the Court of Executive Magistrate, Koraput, Odisha. D-1989

By virtue of an affidavit sworn before the Executive Magistrate, Reamal, dated 15.07.2025, I, Gopabandhu Mahalik, S/o- Pabani Mahalik, Address: Village/P.O.- Kansamunda, P.S.- Kaniha, Dist.- Angul, PIN- 759117 declare that I have changed my name from Gopabandhu Behera to Gopabandhu Mahalik. Henceforth, I shall be known as Gopabandhu Mahalik for all future purposes. D-1988

By Virtue of an affidavit sworn before Executive Magistrate, Bhubaneswar on 11.09.2025, the name of my minor son (15 years) has been changed from Arav Aryaman Rout to Aarav Aryaman Rout. Henceforth, He will be known as Aarav Aryaman Rout for all purposes.
Dr. Amiya Kumar Rout( Father)
D-1994

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୩ ଶ୍ରୀ ପ୍ରବୀର କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୩୯୦/୨୦୧୯
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ନରୋତ୍ତମ ସାହୁ ....ବାଦୀ/ଦରଖାସ୍ତକାରୀ
ବନାମ
ସହକାରୀ ବନ୍ଦୋବସ୍ତ ଅଧିକାରୀ ଏବଂ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧. ପ୍ରେମାନନ୍ଦ ବେହେରା, ପିତା- ସ୍ୱର୍ଗତ ଚରନ ବେହେରା, ଗ୍ରାମ- ଦେଉଳବସ୍ତି, ପୋଷ୍ଟ-ଅରଗୁଳ, ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨. ଶାନ୍ତିଲତା ଦେଇ, ପିତା- ସ୍ୱର୍ଗତ ଚରନ ବେହେରା, ସ୍ୱାମୀ- ବୃନ୍ଦାବନ ମହଣ, ଗ୍ରାମ- ଉପରବସ୍ତା, ପୋଷ୍ଟ- ଭୀମପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୩. ରବୀନ୍ଦ୍ର କୁମାର ସାହୁ, ପିତା ନରସିଂଘ ସାହୁ @ ପୃଷ୍ଟି, ଗ୍ରାମ- ବାଲିପାଟପୁର, ପୋଷ୍ଟ- ଭୁଷଣ୍ଡପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୪. କନକଲୋଚନ ଘୋଷ, ପିତା- ରାଖାଲ ଚନ୍ଦ୍ର ଘୋଷ, ଗ୍ରାମ- ଗୋନ୍ଦାଲି, ପୋଷ୍ଟ-ମାରୁନିଆ, ଥାନା- ଝାଡ଼ପୋଖରିଆ, ଜିଲ୍ଲା- ମୟୂରଭଞ୍ଜ ବର୍ତ୍ତମାନ, Qr. No.- MB/276, ମଧୁବନ, ପୋଷ୍ଟ/ଥାନା- ପାରାଦୀପ, ଜିଲ୍ଲା-ଜଗତ୍‌ସିଂହପୁର, ୫. ବଂଶୀଧର ସାହୁ (ମୃତ), କ. ଚକ୍ରଧର ସାହୁ, ପିତା- ସ୍ୱର୍ଗତ ବଂଶୀଧର ସାହୁ, ଗ୍ରାମ- ଦେଉଳବସ୍ତି, ପୋଷ୍ଟ- ଅରଗୁଳ, ଥାନା- ଜଟଣୀ, ଭୁବନେଶର, ଜିଲ୍ଲା- ଖୋର୍ଦ୍ଧା, ୬. A.S.O., ମୁଖ୍ୟ ବସତି, ଜୋବ୍ରା, କଟକ, ୭. ତହସିଲଦାର, ଗ୍ରାମ/ପୋଷ୍ଟ/ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୪।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଜଟଣି, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର

ସାବକ
ଖାତା ନମ୍ବର ୨୦୩, ପ୍ଲଟ୍ ନମ୍ବର ୩୧୭, କିସମ- ଶାରଦ-୨, ରକବା- ମୋଟ୍ ଏ ୦.୧୩୦ ଡେସିମିଲ ଏବଂ ଏ ୦.୩୧୦ ଡେସିମିଲରୁ ଏ୦.୦୭୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍
ଖାତା ନମ୍ବର- ୧୭୮, ପ୍ଲଟ୍ ନମ୍ବର- ୪୧୭, କିସମ- ଶାରଦ ଅଣଜଳସେଚିତ-୨, ରକବା- ଏ ୦.୩୧୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୨୨।୦୮।୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୯୮୪

## ମନେ ପଡ଼ନ୍ତି

ସ୍ମୃତିରେ ...
**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ**




**ସପ୍ତମ ଶ୍ରାଦ୍ଧବାର୍ଷିକୀ**
ତା: ୧୭.୦୯.୨୦୨୫ (ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୃନ୍ଦ ଦେବ ମିଶ୍ର
ଧ-୧୯୯୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ମହିମୋହନ ପ୍ରଧାନ**
ଆବିର୍ଭାବ: ୦୫।୧୨।୧୯୫୮
ତିରୋଧାନ: ୦୬।୦୯।୨୦୨୫
ପିତା ଶବ୍ଦ ଏକ ଅର୍ଥ ଅନେକ
ତ୍ୟାଗ, ସଂଘର୍ଷ, ମାର୍ଗଦର୍ଶକ, ନିଃସର୍ତ୍ତ ପ୍ରେମ
ତୁମେ ଦେଇଛ ଆମକୁ ସବୁ
ତୁମ ଅନୁପସ୍ଥିତି କେମିତି ଆମେ ମାନିବୁ
ହାତ ଧରି ଶିଖେଇ ଆମକୁ ଚାଲି
ମିଶିଗଲ ତୁମେ ଆଜି ସେ ଶରଧେ ବାଲି
ଅଳି ଅଝଟ ସବୁ ଜେ ମାନିଲ
ପିତା ଜାଗା ଆମର ଖାଲି କରିଗଲ ।
ତୁମ୍ଭର ଏକାଦଶାହରେ ପ୍ରାର୍ଥନା ମହାପ୍ରଭୁଙ୍କ ପାଖେ ଶାନ୍ତି, ସୁଖ ପାଅ ତୁମେ ଲକ୍ଷେ ଲକ୍ଷେ
ଶୋକସନ୍ତପ୍ତ: ସ୍ତ୍ରୀ: ସୁନନ୍ଦା, ପୁଅ, ବୋହୂ, ଭାଇ, ଭାଇବୋହୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ
ଧ-୧୯୯୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ପ୍ରଫୁଲ୍ଲ ଚନ୍ଦ୍ର ଦାସ**
ରାଧା ଗୋବିନ୍ଦ ଲେନ୍, ପୁରୀ
ବାପା, ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଆପଣଙ୍କ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୯୮୭


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଜୁଏଲେରିର ଚମକ ହେବନି ଖରାପ

ଯେତେ ମୂଲ୍ୟବାନ୍ ଧାତୁରେ ତିଆରି ହୋଇଥାଉ ନା କାହିଁକି କିଛିଦିନ ବ୍ୟବହାର କଲାପରେ କେତେକ ଜୁଏଲେରିର ଚମକ କିଛିମାତ୍ରାରେ କମିଯାଇଥାଏ। ହେଲେ କେତୋଟି ଉପାୟ ଆପଣେଇଲେ ଆପଣଙ୍କ ଜୁଏଲେରିର ଚମକ ସବୁବେଳେ ନୂଆ ପରି ରହିବ । ଜାଣିରଖନ୍ତୁ ସେ ସମ୍ପର୍କରେ ...



❖ସୁନା ଅଳଙ୍କାରକୁ ସଫା କରିବା ଲାଗି ବେକିଂ ସୋଡ଼ା ଏବଂ ହ୍ୱାଇଟ୍ ଭିନେଗାର ସବୁଠୁ ଭଲ। ଏଥିପାଇଁ ପ୍ରଥମେ ବେକିଂ ସୋଡ଼ା ନେଇ ଅଳଙ୍କାର ଉପରେ ଧୀରେ ଧୀରେ ଆଙ୍ଗୁଠି ସାହାଯ୍ୟରେ ଘଷିଦିଅନ୍ତୁ। ଏହା ଉପରେ ଅଳ୍ପ ଭିନେଗାର ପକାଇ ଉଷୁମପାଣିରେ ଧୋଇ ଦିଅନ୍ତୁ, ଦେଖିବେ ଜୁଏଲେରି କିପରି ଚକ୍ ଚକ୍ ଦିଶିବ।

❖ସୁନା, ରୁପା ହେଉ କିମ୍ବା ଅନ୍ୟ ଯେକୌଣସି ମୂଲ୍ୟବାନ୍ ଗହଣା ବ୍ୟବହାର କରୁଥିଲେ ଏହାକୁ ପ୍ରତିଥର ପିନ୍ଧି ସାରି ରଖିବା ଲାଗି ଭେଲ୍ଭେଟ୍, ଲିନେନ୍ ଭଳି ନରମ କପଡ଼ା ଥିବା ବକ୍ସ ଭିତରେ ରଖନ୍ତୁ। ସବୁ ଗହଣାକୁ ଏକାଠି ବକ୍ସ ଭିତରେ ନ ରଖି ଅଲଗା ଅଲଗା ରଖନ୍ତୁ, ଯେପରି ତାହା ପରସ୍ପର ସହ ଘଷି ନ ହେବ। ଏପରି କରିବା ଦ୍ୱାରା ଅଳଙ୍କାରର ସାଇନ୍ ପୂର୍ବପରି ରହିବ।

❖ଯଦି ମୋତି ବା ପର୍ଲ ଜୁଏଲେରି ବ୍ୟବହାର କରୁଛନ୍ତି ତେବେ ଏହାକୁ ପିନ୍ଧି ସାରି ରଖିବା ପୂର୍ବରୁ ଏକ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ ଯେପରି ସେଥିରେ ଲାଗିଥିବା ଝାଳ ଭଲ ଭାବେ ଛାଡ଼ିଯିବ। ଏହାକୁ ମଧ୍ୟ ଅନ୍ୟ ଗହଣା ସହ ନ ମିଶାଇ ଅଲଗା ରଖନ୍ତୁ।

❖ଚାନ୍ଦିର ଗହଣା କିଛିଦିନ ପିନ୍ଧିବା ପରେ କଳା ଏବଂ ସାମାନ୍ୟ ପୁରୁଣା ଲାଗିଥାଏ। ଏହାକୁ କୌଣସି ମାଇଲ ଲିକ୍ୱିଡ୍ ଶୋପ୍‌ରେ ନରମ ବ୍ରଶ୍ ସାହାଯ୍ୟରେ ଧୀରେ ଧୀରେ ଘଷି ପାଣିରେ ଧୋଇ ନରମ କପଡ଼ାରେ ପୋଛିଦିଅନ୍ତୁ। ଏପରି କଲେ ଦେଖିବେ ତାହା ପୁନର୍ବାର ନୂଆ ପରି ଚକ୍ ଚକ୍ କରିବ।

# କାଶର ଘରୋଇ ଉପଚାର

କେବେ ଜୋର୍ ବର୍ଷା ତ କେବେ ଗରମ ଆଉ ଗୁଳୁଗୁଳି। ପାଣିପାଗର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ଅଧିକାଂଶଙ୍କଠାରେ ବିଶେଷକରି ପିଲାମାନଙ୍କୁ ଥଣ୍ଡାହେବା ସହ ପ୍ରବଳ କାଶ ହେଉଛି। ହେଲେ ବାରମ୍ବାର ଏଥିପାଇଁ ଔଷଧ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। ତେଣୁ ମହିଳାମାନେ କେତେକ ଘରୋଇ ଉପଚାର ଦ୍ୱାରା ନିଜର ତଥା ପରିବାରର ସଦସ୍ୟଙ୍କ କାଶ ସମସ୍ୟାର ଉପଚାର କରିପାରିବେ...



**ତୁଳସୀପତ୍ର, ଅଦା ଓ ମହୁ:** ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। କାଶ ବିଶେଷକରି ଶୁଖିଲା କାଶ ବା ଡ୍ରାଏ କଫ୍ କମାଇବା ଲାଗି ତୁଳସୀପତ୍ର ଓ ଅଦାରସରେ ମହୁ ମିଶାଇ ଖାଇଲେ ବେଶ୍ ଭଲ କାମ କରିଥାଏ।

**ଅଦା ଓ ଲୁଣ:** ଅଧିକ କାଶ ହେଉଥିଲେ ଖଣ୍ଡେ ଅଦାରେ ଅଳ୍ପ ଲୁଣ ଲଗାଇ କଳରେ ଜାକନ୍ତୁ। ଏହାକୁ ଅଳ୍ପ ଅଳ୍ପ ଚୋବାନ୍ତୁ ଯେପରି ରସ ବାହାରି ଗଳାକୁ ଆରାମ ଦେବ।

**ଗରମ ଲୁଣପାଣି:** ଏହା କାଶ କମାଇବା ଓ କଫ ବାହାର କରିବା ପାଇଁ ସବୁଠୁ ଭଲ ଉପାୟ। ଦିନକୁ ଅତି କମ୍‌ରେ ୪-୫ଥର ଗରମ ଲୁଣପାଣିରେ ଗାର୍ଗେଲିଂ କରନ୍ତୁ। ଏହାଦ୍ୱାରା କଫ ତରଳିଯିବା ସହ କାଶ ମଧ୍ୟ ଧୀରେ ଧୀରେ କମିଯିବ।

**ହର୍ବାଲ ଜୁସ୍ ଏବଂ ହର୍ବାଲ ଟି:** ଏହା କାଶ ରୋକିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିରେ ଥିବା ବିଭିନ୍ନ ଔଷଧୀୟ ଗୁଣ ଗଳା କୁଣ୍ଡେଇ ହେବା ଦୂରକରି ଗଳାକୁ ଆରାମ ଦେଇଥାଏ।

**ମହୁ:** କାଶ ହେଉଥିଲେ ଥଣ୍ଡାପାଣି କିମ୍ବା ଆଇସ୍‌କ୍ରିମ୍ ଭଳି ଥଣ୍ଡା ଜାତୀୟ ଖାଦ୍ୟ ଆଦୌ ଖାଇବା ଠିକ୍ ନୁହେଁ। କାଶ ହେଉଥିଲେ ମଝିରେ ମଝିରେ ଉଷୁମପାଣିରେ ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ଗଳାକୁ ଆରାମ ମିଳିବା ସହ ଧୀରେ ଧୀରେ କାଶ କମିଯିବ।

**କ୍ଷୀର ଓ ହଳଦୀ:** ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ। ହଳଦୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ୍ ତତ୍ତ୍ୱ କାଶ ଓ କଫ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

# ଗର୍ଭାବସ୍ଥାରେ ମୁଖ ଓ ଦାନ୍ତର ଯତ୍ନ

ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ, ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା’ ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଦନ୍ତ ସ୍ୱାସ୍ଥ୍ୟକୁ ବି ପ୍ରଭାବିତ କରିଥାଏ...







ଜୀବନବ୍ୟାପୀ ମୁଖଗହ୍ୱର ଏବଂ ଦନ୍ତ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ଯତ୍ନର ଆବଶ୍ୟକତା ରହିଛି । ମହିଳାମାନଙ୍କ କ୍ଷେତ୍ରରେ ଗର୍ଭାବସ୍ଥା, ସ୍ତନ୍ୟପାନ ଏବଂ ମେନୋପଜ୍ ସମୟରେ ଦାନ୍ତର ଯତ୍ନ ବହୁ ଗୁରୁତ୍ୱପୂର୍ଣ୍ଣ। ଗର୍ଭାବସ୍ଥା ଏକ ରୋଗ ଅବସ୍ଥା ନୁହେଁ ବରଂ ଏହା ସୁସ୍ଥ ରହିବାର ଏକ ଲକ୍ଷଣ। ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା’ ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଯାହା ଦନ୍ତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ଖରାପ ମୁଖ ସ୍ୱାସ୍ଥ୍ୟ, ବିଶେଷକରି ମାଢ଼ି ରୋଗ, ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବହେବା, ପ୍ରି-ଏକ୍ଲାମ୍ପସିଆ, ଗର୍ଭାବସ୍ଥା ଗ୍ରାନୁଲୋମା, ଜିଞ୍ଜିଭାଇଟିସ୍, ଗର୍ଭାବସ୍ଥା ଓରାଲ ଟ୍ୟୁମର, ମାଢ଼ି ଲାଲ ପଡ଼ିବା, ଫୁଲିଯିବା,ମାଢ଼ିରୁ ରକ୍ତ ବାହାରିବା, ପାଟିରୁ ଦୁର୍ଗନ୍ଧ ବାହାରିବା, ଦାନ୍ତ ଢିଲା ହେବା, ପାଟି ଶୁଷ୍କତା ଏବଂ ଦନ୍ତ କ୍ଷୟ ଭଳି ଜଟିଳତା ସହ ଜଡ଼ିତ। ଗର୍ଭାବସ୍ଥାରେ ପରିବର୍ତ୍ତନଶୀଳ ହରମୋନ ସ୍ତର ସିଧାସଳଖ ମାଢ଼ି ସମସ୍ୟାକୁ ଏବଂ ପରୋକ୍ଷ ଭାବରେ ଦନ୍ତ କ୍ଷୟକୁ ପ୍ରଭାବିତ କରେ।

**ଗର୍ଭାବସ୍ଥାରେ ମୁଖର ଯତ୍ନ ଗୁରୁତ୍ୱପୂର୍ଣ୍ଣ କାହିଁକି :**

**ମାଆଙ୍କ ପାଇଁ:**

★ଗର୍ଭାବସ୍ଥାର ହରମୋନ(ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟ୍ରରନ୍ ) ମାଢ଼ିକୁ ଅଧିକ ସମ୍ବେଦନଶୀଳ ଏବଂ ଜିଞ୍ଜିଭାଇଟିସ୍ ତଥା ମାଢ଼ିରୁ ରକ୍ତସ୍ରାବର ଆଶଙ୍କା ବୃଦ୍ଧି କରିପାରେ। ଏ ସମୟରେ ମର୍ନିଂ ସିକ୍‌ନେସ୍ ବା ପ୍ରାତଃକାଳୀନ ଅସୁସ୍ଥତା ଏବଂ ମିଠା ଖାଦ୍ୟ ପାଇଁ ଆଗ୍ରହ, ଦନ୍ତ କ୍ଷୟ ସମସ୍ୟା ସୃଷ୍ଟି କରିପାରେ।

★ ହର୍‌ମୋନ ପରିବର୍ତ୍ତନ କେତେକ ସମୟରେ ମାଢ଼ିରେ ଗର୍ଭାବସ୍ଥା ଟ୍ୟୁମର କିମ୍ବା ପାୟୋଜେନିକ୍ ଗ୍ରାନୁଲୋମା ବୃଦ୍ଧିର କାରଣ ହୋଇପାରେ।

★ ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ଦ୍ୱାରା ପ୍ରାରମ୍ଭିକ ସମୟରେ ସମ୍ଭାବ୍ୟ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବାରେ ସାହାଯ୍ୟ କରିଥାଏ ।

**ଶିଶୁ ପାଇଁ:**

★ଅଧ୍ୟୟନରୁ ଜଣାଯାଇଛି, ଗର୍ଭାବସ୍ଥାରେ ମା’ଙ୍କୁ ମାଢ଼ି ରୋଗ ହେଲେ କମ୍ ଓଜନର ଶିଶୁ ତଥା ସମୟ ପୂର୍ବରୁ ଶିଶୁ ପ୍ରସବ ହେବା ସମ୍ଭାବନା ବୃଦ୍ଧି ପାଇଥାଏ ।

★ ମା’ଙ୍କ ପାଟିରୁ ଜୀବାଣୁ ଶିଶୁକୁ ସଂକ୍ରମିତ ହୋଇପାରେ, ଯାହା ସମ୍ଭାବ୍ୟ ଭାବରେ ଶୈଶବରୁ ଦନ୍ତ କ୍ଷୟ ସୃଷ୍ଟି କରିଥାଏ।

★ ଗର୍ଭାବସ୍ଥାରେ ମା’ ମୁଖର ଯତ୍ନ ଠିକ୍ ଭାବେ ନେଲେ ପରବର୍ତ୍ତୀ ଜୀବନରେ ଶିଶୁର ମୁଖ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇପାରେ।

**କିପରି ନେବେ ମୁଖର ଯତ୍ନ:**

★ ଆପଣଙ୍କ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ଭଲଭାବରେ ମୁଖ ପରିଷ୍କାର କରିବା ଅଭ୍ୟାସ କରନ୍ତୁ। ଏଥିପାଇଁ ଫ୍ଲୋରାଇଡ୍ ଟୁଥ୍‌ପେଷ୍ଟ ବ୍ୟବହାରକରି ନରମ ବ୍ରଶ୍ ସହ ଦିନକୁ ଅତି କମ୍‌ରେ ୨ଥର(ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ)ଦାନ୍ତ ଘଷନ୍ତୁ, ଯାହା ଦ୍ୱାରା ପ୍ଲାକ୍ ଏବଂ ଖାଦ୍ୟ କଣିକା ଜମାହୋଇ ରହିବ ନାହିଁ।

★ପ୍ରତିଦିନ ଦାନ୍ତ ଫ୍ଲସ୍ କରିବା ମଧ୍ୟ ଆବଶ୍ୟକ। ଯଦି କିଛି ଖାଦ୍ୟକଣିକା ରହିଯାଏ ତେବେ ବାହାର କରିବା ଲାଗି ମାଉଥୱାଶ୍ ବ୍ୟବହାର କରନ୍ତୁ।

★ ଜିଭକୁ ଭଲ ଭାବେ ସଫା କରିବା ସହ ମାଢ଼ିକୁ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ ।

★ପ୍ରତି ୩ ମାସ କିମ୍ବା ତା’ପୂର୍ବରୁ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ, ଅଥବା ଯଦି ବ୍ରଶ୍‌ର ବ୍ରିଷ୍ଟଲ ନଷ୍ଟ ହୋଇଯାଏ କିମ୍ବା ଆପଣଙ୍କୁ ଥଣ୍ଡା, ଫ୍ଲୁ ଅଥବା ପାଟିରେ ଘା’ ହୋଇଥାଏ, ତେବେ ମଧ୍ୟ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ।

★ଗର୍ଭାବସ୍ଥାରେ ଅନେକଙ୍କୁ ବାନ୍ତି ହୋଇଥାଏ। ତେଣୁ ବାନ୍ତିରେ ଆସୁଥିବା ଏସିଡ୍ ଯେପରି ଦାନ୍ତର ଏନାମେଲ୍‌କୁ ନଷ୍ଟ ନ କରିଦିଏ ସେଥିପାଇଁ ଫ୍ଲୋରାଇଡ୍ ମାଉଥ୍‌ୱାଶ୍‌ରେ ଧୋଇ ଦିଅନ୍ତୁ। ଏହି ସମୟରେ ସଙ୍ଗେ ସଙ୍ଗେ ବ୍ରଶ୍ କରନ୍ତୁ ନାହିଁ ଦାନ୍ତ ନଷ୍ଟ ହୋଇଯାଇପାରେ ।

★ପାଟି ଶୁଷ୍କ ନ ହେବା ପାଇଁ ପ୍ରଚୁର ପାଣି ପିଅନ୍ତୁ।

★ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଯଥା ଫଳ, ପନିପରିବା, ଶସ୍ୟ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହ ଭିଟାମିନ୍ A, C, D,କ୍ୟାଲସିୟମ ଓ ଫସ୍‌ଫରସ୍‌ଯୁକ୍ତ ଖାଦ୍ୟ ଉପରେ ଧ୍ୟାନଦିଅନ୍ତୁ ଏବଂ ଅଧିକ ମିଠାଯୁକ୍ତ ଖାଦ୍ୟ ତଥା ପାନୀୟ ସୀମିତ କରନ୍ତୁ।

★ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ପାଇଁ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହ ସମୟସୂଚୀ ନିର୍ଦ୍ଧାରଣ କରନ୍ତୁ।

★ଧୂମପାନ ଏବଂ ମଦ୍ୟପାନ ତ୍ୟାଗକରନ୍ତୁ। ଧୂମପାନ ଏବଂ ମଦ୍ୟପାନ ମା’ ଏବଂ ଶିଶୁ ଉଭୟଙ୍କ ଦାନ୍ତର ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଧୂମପାନକାରୀଙ୍କର କମ୍ ଓଜନର ଶିଶୁ ଜନ୍ମ, ଗର୍ଭପାତ କିମ୍ବା ମୃତ ଶିଶୁ ଜନ୍ମହେବା ଆଶଙ୍କା ଅଧିକ। ଧୂମପାନ କରୁଥିବା ମା’ଙ୍କ ଶିଶୁଙ୍କ ମଧ୍ୟରେ ନବଜାତ ମୃତ୍ୟୁ ବହୁ ଅଧିକ ଦେଖାଯାଇଥାଏ ।

★ଜରୁରିକାଳୀନ ଦନ୍ତ ଚିକିତ୍ସା ନିରାପଦ, ତେଣୁ ଆବଶ୍ୟକ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇନେବା ଉଚିତ। ଗର୍ଭାବସ୍ଥାରେ ମୁଖଗହ୍ୱର ତଥା ଦାନ୍ତର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏବଂ ଉତ୍ତମ ମୁଖଗହ୍ୱର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ସକ୍ରିୟ ପଦକ୍ଷେପ ନେଇ ଆଶାୟୀ ମା’ମାନେ ଏକ ସୁସ୍ଥ ଗର୍ଭାବସ୍ଥା ସହ ସେମାନଙ୍କ ଶିଶୁର ସୁସ୍ଥ ବିକାଶରେ ଯୋଗଦାନ ଦେଇପାରିବେ। ସୁସ୍ଥ ମୁଖ - ସୁସ୍ଥ ମା’ - ସୁସ୍ଥ ଶିଶୁ ।

*- ଡା. ଅଶୋକ କୁମାର ମହାନ୍ତି*
*ମୁଖଗହ୍ୱର ଓ ଦନ୍ତରୋଗ ବିଶେଷଜ୍ଞ,*
*ପୁରୀ ଟାଉନ୍*
*ମୋ- ୯୨୩୪୬୬୭୫୪୬*





## ସୌନ୍ଦର୍ଯ୍ୟ

# ସ୍କିନ୍ ଟୋନ୍ ବଢ଼ାଇବା ପାଇଁ...



ସୂର୍ଯ୍ୟକିରଣ, ଧୂଳି, ପ୍ରଦୂଷଣ, ଖାଦ୍ୟପେୟରେ ଅନିୟମିତତା ଆଦି କାରଣରୁ ଅନେକଙ୍କ ସ୍କିନ୍‌ଟୋନ୍ ଡଲ୍ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ବ୍ୟୁଟିପାର୍ଲର ଯିବାଠୁ ଆରମ୍ଭକରି ବିଭିନ୍ନ ଦାମୀ କ୍ରିମ୍ ବ୍ୟବହାରକରି ମଧ ଉପକୃତ ହୋଇପାରୁନାହାନ୍ତି। ହେଲେ ଜାଣନ୍ତିକି, ଅଧିକ ବ୍ରାଇଟ୍ ସ୍କିନ୍ ଟୋନ୍ ପାଇବା ଲାଗି କେତୋଟି ଘରୋଇ ଉପାୟ ବେଶ୍ ଲାଭଦାୟକ ହୋଇପାରିବ...

**ଲେମ୍ବୁ ଏବଂ ମହୁ:** ୧ ଚାମଚ ଲେମ୍ବୁରସରେ ସମ ପରିମାଣର ମହୁ ମିଶାନ୍ତୁ। ମୁହଁକୁ ଭଲ ଭାବେ ଧୋଇବା ପରେ ଏହି ମିଶ୍ରଣକୁ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ । ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ଲେମ୍ବୁ ରସର ଥିବା ପ୍ରାକୃତିକ ବ୍ଲିଚିଂ ତତ୍ତ୍ୱ ମହୁ ସହ ମିଶି ତ୍ୱଚାର ରଙ୍ଗକୁ ବ୍ରାଇଟ୍ କରିଥାଏ।

**ଦହି ଏବଂ ମହୁ:** ୨ ଚାମଚ ଦହି ସହ ୧ ଚାମଚ ମହୁ ମିଶାଇ ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଦହିରେ ଥିବା ଲାକ୍ଟିକ୍ ଏସିଡ୍ ତ୍ୱଚାକୁ ସଫ୍ଟ, ହାଇଡ୍ରେଟ୍ ରଖିବା ସହ ଡ୍ରାଏସେଲ୍ ଏବଂ ବ୍ଲାକ୍ ସ୍ପଟ୍ ଦୂରକରିବାରେ ସାହାଯ୍ୟ କରିଥାଏ। ସପ୍ତାହରେ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ଶୀଘ୍ର ସ୍କିନ୍ ଟୋନ୍ ବଢ଼ିବ ଏବଂ ତ୍ୱଚା ଅଧିକ ଗ୍ଲୋ କରିବ।

**କ୍ଷୀର ଏବଂ ଚାଉଳଗୁଣ୍ଡ:** ଚାଉଳଗୁଣ୍ଡକୁ ଐତିହାସିକ ସମୟରୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରାଯାଇଆସୁଛି। ୨ ଚାମଚ ଚାଉଳଗୁଣ୍ଡରେ ୩-୪ ଚାମଚ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସେଥିରେ ଅଳ୍ପ ହଳଦୀଗୁଣ୍ଡ ମଧ ମିଶାଇପାରିବେ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପାଣିରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ଚାଉଳଗୁଣ୍ଡ ବଦଳରେ ଓଟ୍‌ମିଲ୍ ପାଉଡର ବି ବ୍ୟବହାର କରିପାରିବେ।

**ଟମାଟୋ ଜୁସ୍:** ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିବେ ଧୋଇଦିଅନ୍ତୁ। ଏପରି ସପ୍ତାହରେ ୨-୩ ଥର କଲେ ଟମାଟୋରେ ଥିବା ଭିଟାମିନ୍ ସି ଏବଂ ଲାଇକୋପିନ୍ ତ୍ୱଚାର ରେଡ୍‌ନେସ୍, ଟ୍ୟାନିଂ, ଡାର୍କସ୍ପଟ୍, ପିଗ୍‌ମେଣ୍ଟେଶନ ଆଦି ଦୂରକରି ସ୍କିନ୍ ଟୋନ୍ ବଢ଼ାଇବାରେ ସାହାଯ୍ୟ କରିବ।

## ଖାଦ୍ୟରୁଚି

# ଆଳୁ ହାଲୁଆ

ଆପଣମାନେ ସମସ୍ତେ ସୁଜି ହାଲୁଆ, ଗାଜର ହାଲୁଆ ଭଳି ଅନେକ ହାଲୁଆ ଖାଇଥିବେ। ହେଲେ କେବେ ଆଳୁ ହାଲୁଆ ଖାଇଛନ୍ତି କି? ଯଦି ନା, ତେବେ ନିଶ୍ଚୟ ଏହାକୁ ପ୍ରସ୍ତୁତକରି ଖାଇବାର ମଜା ନିଅନ୍ତୁ...

**ଆବଶ୍ୟକ ସାମଗ୍ରୀ:** ୩ଟି ବଡ଼ ଆଳୁ, ୧ ବଡ଼ ଚାମଚ ଘିଅ, ଅଧା କପ୍ ଚିନି, ଅଧା କପ୍ କ୍ଷୀର, ୨ ଚାମଚ ଲେଖାଏ କାଜୁ, କିସ୍‌ମିସ୍, ଅଧା ଚାମଚ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ହାଲୁଆ ପ୍ରସ୍ତୁତ କରିବା ଲାଗି ପ୍ରଥମେ ଆଳୁକୁ ଭଲ ଭାବେ ସିଝାଇ ଦିଅନ୍ତୁ। ଏହା ଥଣ୍ଡା ହୋଇଯିବା ପରେ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। କଡ଼େଇରେ ଅଳ୍ପ ଘିଅ ଗରମକରି କାଜୁ ଏବଂ କିସ୍‌ମିସ୍‌କୁ ଲାଇଟ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଘିଅ ଗରମ କରନ୍ତୁ ଏବଂ ସେଥିରେ ଚକଟା ହୋଇଥିବା ଆଳୁକୁ ପକାଇ ୧ ରୁ ୨ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଭାଜନ୍ତୁ। ସେଥିରେ କ୍ଷୀର, ଚିନି ଏବଂ କିସ୍‌ମିସ୍ ପକାଇ ଭଲ ଭାବେ ଗୋଳାନ୍ତୁ। ୮ ରୁ ୧୦ ମିନିଟ୍ ଭଲ ଭାବେ ଗୋଳାଇବା ପରେ ସେଥିରେ ଗୁଜୁରାତି ଗୁଣ୍ଡ ଏବଂ ଭଜା କାଜୁ ପକାଇ ମିଶାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ହାଲୁଆ । ଏହାକୁ ଗରମ ଏବଂ ଫ୍ରିଜ୍‌ରେ ରଖି ଥଣ୍ଡା କରି ମଧ ଖାଇପାରିବେ।



# ବିବାଦ ତେଜିଲା, ରେଫରିଙ୍କୁ ହଟାଇବାକୁ ଦାବି



ଭାରତ ମ୍ୟାଚ ଜିତିବାପରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ୍ ଦୁବେ ଫେରୁଛନ୍ତି। ପାକିସ୍ତାନ ଅଧିନାୟକ ସଲମାନ ଆଘା।

## ■ ଭାରତୀୟ ଖେଳାଳିଙ୍କ ହ୍ୟାଣ୍ଡସେକ୍ ଏଡ଼ାଇବା ପ୍ରସଙ୍ଗ
## ■ ଏସିଆ କପ୍‌ରୁ ଓହରିବାକୁ ପାକିସ୍ତାନର ଧମକ

ଦୁବାଇ,୧୫।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଏକ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହ୍ୟାଣ୍ଡସେକ୍ କରିବାକୁ ମନା କରିବା ଘଟଣା ସୋମବାର ଏକ ବଡ଼ ବିବାଦର ରୂପ ନେଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଏହି ବିବାଦ ଲାଗି ମ୍ୟାଚ୍ ରେଫରି ଆଣ୍ଡି ପିକ୍ରଫ୍ଟଙ୍କୁ ଦାୟୀ କରିବା ସହ ତାଙ୍କୁ ଏସିଆ କପ୍ ଟୁର୍ନାମେଣ୍ଟରୁ ହଟାଇବାକୁ ଦାବି କରାଯାଇଛି। ମ୍ୟାଚ୍ ପରେ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ ହାତ ନ ମିଳାଇବା ଏକ ଦଳୀୟ ନିଷ୍ପତ୍ତି ଥିଲା ଓ ଏହାଦ୍ୱାରା ଆମେ ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ପର୍ଯ୍ୟଟକଙ୍କ ପରିବାରବର୍ଗଙ୍କ ସହ ଆମେ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ ଏବଂ ଏହି ବିଜୟକୁ ଆମେ ଆମର ସଶସ୍ତ୍ର ବାହିନୀକୁ ଉତ୍ସର୍ଗ କରୁଛୁ ବୋଲି ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ। ଏହି ଘଟଣାକୁ ନେଇ ପିସିବି ଉତ୍ତ୍ୟକ୍ତ ହେବା ସହ ଏସିଆନ କ୍ରିକେଟ୍ କାଉନ୍‌ସିଲ (ଏସିସି)ରେ ପ୍ରତିବାଦ ଦାଏର କରିବା ସହ ଆଇସିସିର ହସ୍ତକ୍ଷେପ ଲୋଡ଼ିଛି। କୌତୂହଳର ବିଷୟ ଯେ, ପିସିବି ମୁଖ୍ୟ ମହସିନ ନକ୍‌ଭି ବର୍ତ୍ତମାନ ଏସିସି ମୁଖ୍ୟ ଥିବା ବେଳେ ଭାରତର ଜୟ ଶାହା ଆଇସିସି ମୁଖ୍ୟ ପଦରେ ଅଛନ୍ତି। ମ୍ୟାଚ୍ ରେଫରି ଆଇସିସି କୋଡ୍ ଅଫ କଣ୍ଡକ୍ଟ ଓ ସ୍ପିରିଟ୍ ଅଫ୍ କ୍ରିକେଟ୍ ସମ୍ବନ୍ଧିତ ଏମ୍‌ସିସି ଆଇନ ଉଲ୍ଲଂଘନ କରିଥିବା ନେଇ ଆଇସିସି ନିକଟରେ ପିସିବି ପ୍ରତିବାଦ କରିଛି। ପିସିବି ତୁରନ୍ତ ଏସିଆ କପ୍‌ର ମ୍ୟାଚ୍ ରେଫରିଙ୍କୁ ହଟାଇବାକୁ ଦାବି ରଖିଛି। ନ ହେଲେ ପାକିସ୍ତାନ ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ଓହରିଯିବାର ବିଶେଷ ସମ୍ଭାବନା ଥିବା ପିସିବି ତଥା ଏସିସି ମୁଖ୍ୟ ନକ୍‌ଭି କହିଛନ୍ତି।

ପାକିସ୍ତାନ ଟିମ ମ୍ୟାନେଜର ନାଭେଦ ଚିମା ଏସିସି ନିକଟରେ ଅଭିଯୋଗ କରିଛନ୍ତି ଯେ, ପିକ୍ରଫ୍ଟଙ୍କ ଜିଦ୍ କାରଣରୁ ଦୁଇ ଅଧିନାୟକ ଦଳୀୟ ଖେଳାଳିଙ୍କ ତାଲିକା ପରସ୍ପରକୁ ଦେଇ ନ ଥିଲେ। ଏ ସମ୍ପର୍କରେ ପିସିବି ପକ୍ଷରୁ କୁହାଯାଇଛି ଯେ, ଟିମ୍ ମ୍ୟାନେଜର ଚିମା ଭାରତୀୟ ଖେଳାଳିଙ୍କ ବ୍ୟବହାର ବିରୋଧରେ କଡ଼ା ପ୍ରତିବାଦ କରିଛନ୍ତି। ପ୍ରତିବାଦ ସ୍ୱରୂପ ମ୍ୟାଚ୍ ପରବର୍ତ୍ତୀ ସେରିମନି ଲାଗି ଆମେ ଆମ ଅଧିନାୟକଙ୍କୁ ପଠାଇ ନ ଥିଲୁ। ହେଲେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଭାରତୀୟ ଦଳ ଫାଇନାଲରେ ବିଜୟୀ ହେଲେ ନକ୍‌ଭିଙ୍କ ସହ ମଞ୍ଚରେ ରହିବେ ନାହିଁ।

### ‘ଆମେ ପହଲଗାମ୍ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ’

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳକୁ ୭ ଉଇକେଟରେ ମିଳିଥିବା ବିଜୟକୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏକ ଭଲ ବିଜୟ ବୋଲି ଅଭିହିତ କରିବା ସହିତ କହିଛନ୍ତି ଯେ, ଏହା ଦ୍ୱାରା ଦଳ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦର୍ଶାଇଛି।

‘ଏହା ଏକ ଭଲ ବିଜୟ। ଟୁର୍ନାମେଣ୍ଟରେ ଆହୁରି କ୍ରିକେଟ୍ ବାକି ଅଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏକ ଦଳ ଭାବେ ଆମେ ପହଲଗାମ୍ ଆକ୍ରମଣ ପୀଡ଼ିତ ଓ ସେମାନଙ୍କ ପରିବାରବର୍ଗଙ୍କ ସହିତ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ। ଆମେ ‘ଅପରେଶନ ସିନ୍ଦୂର’ର ସଫଳତା ଲାଗି ଆମର ସଶସ୍ତ୍ର ବଳକୁ ଧନ୍ୟବାଦ ଦେବାକୁ ଚାହୁଁ। ମୁଁ ନିଶ୍ଚିତ ଯେ, ଆମେ ଦେଶକୁ ଗର୍ବିତ କରିବାକୁ ଉଦ୍ୟମ କରିବୁ’ ବୋଲି ଗମ୍ଭୀର ଟୁର୍ନାମେଣ୍ଟର ପ୍ରସାରଣକାରୀ ଚ୍ୟାନେଲ ସୋନୀ ସ୍ପୋର୍ଟ୍ସରେ କହିଛନ୍ତି।

### ଆଭିମୁଖ୍ୟ ଜାରି ରହିବ

ପାକିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ଲିଗ୍ ମ୍ୟାଚ୍ ପରେ ପ୍ରତିପକ୍ଷ ଖେଳାଳିଙ୍କ ସହ ହ୍ୟାଣ୍ଡସେକ ନ କରିଥିବାରୁ ଟିମ୍ ଇଣ୍ଡିଆକୁ ପ୍ରବଳ ସମାଲୋଚନା କରାଯାଉଛି। ଏହାସତ୍ତ୍ୱେ ଭାରତୀୟ ଦଳର ଆଭିମୁଖ୍ୟ ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ମଧ୍ୟ ଜାରି ରହିବ। ଏ ସଂକ୍ରାନ୍ତରେ ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଆମେ ଏକାଠି ଏଠାକୁ ଆସିବା ପରେ ଏକ ନିଷ୍ପତ୍ତି ନେଇଥିଲୁ। ଆମେ ଏଠାକୁ କେବଳ ଖେଳିବାକୁ ଆସିଛୁ। ମୋ ମତରେ ଆମେ ଉଚିତ ଜବାବ ଦେଇଛୁ। ମିଳିଥିବା ସୂଚନା ମୁତାବକ, ପାକିସ୍ତାନ ସହ ମ୍ୟାଚ୍ ଖେଳିବା ବିରୋଧରେ ବିରୋଧୀ ଦଳ ପକ୍ଷରୁ ଓ ସୋସିଆଲ ମିଡିଆରେ କରାଯାଇଥିବା ପ୍ରତିବାଦରେ ବିସିସିଆଇ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଲୋକଙ୍କ ପରିବାରବର୍ଗଙ୍କ ଭାବନାଠାରୁ ଟଙ୍କାକୁ ଅଧିକ ଗୁରୁତ୍ୱ ଦେଉଥିବା ଦାବି କରାଯାଇଥିଲା। ଏଥିଯୋଗୁ ବିସିସିଆଇ ଓ ଟିମ ମ୍ୟାନେଜମେଣ୍ଟ ମଧ୍ୟରେ ଆଲୋଚନା ହୋଇଥିଲା। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଦଳର ସିନିୟର ଖେଳାଳିମାନେ ମ୍ୟାଚ୍ ବେଳେ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ସର୍ବସମ୍ମତିରେ ନିଷ୍ପତ୍ତି ନେଇଥିଲେ। ଏହାକୁ ବିସିସିଆଇର ସିନିୟର ଅଧିକାରୀମାନେ ସବୁଜ ସଙ୍କେତ ଦେଇଥିଲେ।




# ଫିଡେ ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଜିତିଲେ ବୈଶାଳୀ

ତାସକେଣ୍ଟ, ୧୫।୯

ଉଜ୍‌ବେକିସ୍ତାନର ସମରକନ୍ଦରେ ସୋମବାର ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ।




### ଡିସେମ୍ବର ୯ରୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଲାଉସାନେ, ୧୫।୯ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୫-୨୬ ସିଜନ ଡିସେମ୍ବର ୯ରୁ ଆର୍ଜେଣ୍ଟିନା ଓ ଆୟର୍ଲାଣ୍ଡରେ ଆରମ୍ଭ ହେବ। ଏହି ସିଜନରେ ୧୦ ଆୟୋଜକ ଦେଶରେ ରେକର୍ଡ ସଂଖ୍ୟକ ୧୪୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଲିଗ୍‌ର ୭ମ ସଂସ୍କରଣରେ ଦୁଇଟି ନୂଆ ଦଳ ଆୟର୍ଲାଣ୍ଡ (ମହିଳା) ଓ ପାକିସ୍ତାନ (ପୁରୁଷ)କୁ ଦେଖିବାକୁ ମିଳିବ। ଏଫ୍‌ଆଇଏଚ୍ ହକି ନେସନ୍ସ କପ୍ ୨୦୨୪-୨୫ରେ ଭଲ ପ୍ରଦର୍ଶନ କରି ଏହି ଦୁଇଦଳ ପ୍ରୋ ଲିଗ୍ ଖେଳିବା ଲାଗି ଯୋଗ୍ୟତା ହାସଲ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ପ୍ରୋ ଲିଗ୍ ବିଜେତା ଦଳ ସିଧାସଳଖ ୨୦୨୮ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

ନୂଆ ସିଜନର ପ୍ରଥମ ମ୍ୟାଚରେ ଜର୍ମାନୀ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ ଆୟର୍ଲାଣ୍ଡରେ ଅନୁଷ୍ଠିତ ହେବ। ସେହିଦିନ ପୁରୁଷ ବର୍ଗର ଚାମ୍ପିୟନ ନେଦରଲାଣ୍ଡ୍ସ ଓ ନବାଗତ ପାକିସ୍ତାନ ମଧ୍ୟରେ ମ୍ୟାଚ ଆର୍ଜେଣ୍ଟିନାରେ ଖେଳାଯିବ। ବେଲ୍‌ଜିୟମ, ଇଂଲଣ୍ଡ ଓ ଜର୍ମାନୀ ପୁରୁଷ ଦଳ ଏବଂ ବେଲ୍‌ଜିୟମ, ଇଂଲଣ୍ଡ ଓ ଆୟର୍ଲାଣ୍ଡ ମହିଳା ଦଳ ପ୍ରଥମ ପର୍ଯ୍ୟାୟରେ ମ୍ୟାଚଗୁଡ଼ିକ ଆୟର୍ଲାଣ୍ଡରେ ଖେଳିବେ। ଆର୍ଜେଣ୍ଟିନାରେ ଘରୋଇ ଦଳ ସହ ପୁରୁଷ ବର୍ଗରେ ନେଦରଲାଣ୍ଡ୍ସ ଓ ପାକିସ୍ତାନ ଏବଂ ମହିଳା ବର୍ଗରେ ଜର୍ମାନୀ ଓ ନେଦରଲାଣ୍ଡ୍ସ ଏହି ସମୟରେ ମ୍ୟାଚ ଖେଳିବେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ